

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୦ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 JULY 2023
Vol.No. 35 ■ No. 201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ତାମିଲନାଡୁ ବାଣ କାରଖାନାରେ ବିସ୍ଫୋରଣ: ୮ ମୃତ

## ଭାଙ୍ଗି ପଡ଼ିଲା ହୋଟେଲ୍ ଓ କୋଠା

ଚେନ୍ନାଇ, ୨୯/୦୭ : ଆଜି ସକାଳେ ତାମିଲନାଡୁର କୃଷ୍ଣଗିରିରେ ଥିବା ଗୋଟାଏ ବାଣ କାରଖାନାରେ ପ୍ରଚଣ୍ଡ ବିସ୍ଫୋରଣ ଘଟି ୮ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ କେତେଜଣ ଆହତ ହୋଇଥିବା କଥା ପୁଲିସ କହିଛି। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ପାଖରେ ଥିବା ଗୋଟାଏ ହୋଟେଲ୍ ଭାଙ୍ଗିପଡ଼ିବା ସହିତ ଆଉ ୪ଟି କୋଠାଘର ମଧ୍ୟ ଆଂଶିକ ଭାଙ୍ଗିଯାଇଛି। ହୋଟେଲ୍ ଓ କୋଠାଘରର ଭଗ୍ନସ୍ତୂପ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଏଯାବତ୍ ଗୁରୁତର ଆହତ ହୋଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ୧୨ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା କଥା ପୁଲିସ କହିଛି। ବିସ୍ଫୋରଣ ପରେ ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିବା ଦମକଳ ଓ ଉଦ୍ଧାରକାରୀ ଦଳ ନିଆଁ ଲିଭାଇବା ସହିତ ଘର ଭିତରେ ରହିଯାଇଥିବା ଲୋକମାନଙ୍କୁ ବାହାର କରିବାକୁ ଉଦ୍ୟମ କରୁଛନ୍ତି। ଜିଲ୍ଲାପାଳ କହିଛନ୍ତି, ପ୍ରଚଣ୍ଡ ବିସ୍ଫୋରଣ ଯୋଗୁଁ ଗୋଟାଏ ହୋଟେଲ୍ ଅଟ୍ଟାଳିକା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଓ ନିକଟରେ ଥିବା ୩/୪ଟି କୋଠାଘର ମଧ୍ୟ ଆଶିଂକ ନଷ୍ଟ ହୋଇଯାଇଛି। ଭଗ୍ନସ୍ତୂପ ତଳେ କେତେ ଲୋକ ପୋତି ହୋଇ ରହିଛନ୍ତି ତାହା ଉଦ୍ଧାରକାରୀ ଦଳ ଏଯାବତ ସୁନିଶ୍ଚିତ କରି କହି ପାରି ନାହାନ୍ତି। ବିସ୍ଫୋରଣର କାରଣ ଜାଣିବା ଲାଗି ପୁଲିସ ତଦନ୍ତ ଆରମ୍ଭ କରିଛି।



# ୨ କେଜି ଟମାଟୋ ପାଇଁ ବନ୍ଧକ ପଡ଼ିଲେ ଦୁଇ ନାବାଳକ



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଟମାଟୋ ପାଇଁ ବନ୍ଧକ ପଡ଼ିଲେ ଦୁଇ ନାବାଳକ। ୨ ପିଲାଙ୍କୁ ଟମାଟୋ ଦୋକାନରେ ବସାଇ ଟମାଟୋ ନେଇ ଖସିଗଲେ ଜଣେ ଗ୍ରାହକ। ଘଟଣା ଘଟିଛି କଟକ ଛତ୍ରବଜାର ଅଞ୍ଚଳରେ। ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ଟମାଟୋ କିଣିବାକୁ ଆସି ଦୁଇଟି ଭିନ୍ନ ଭିନ୍ନ ଦୋକାନୀଙ୍କ ସହ କଥାବାର୍ତ୍ତା କରିଥିଲେ। ତା'ସହ ସାଙ୍ଗରେ ଆଣିଥିବା ଦୁଇ ନାବାଳକଙ୍କୁ ବସାଇ ଟମାଟୋ କିଣିଥିଲେ। ପରେ ଗାଡ଼ିରେ ୨ କେଜି ଟମାଟୋ ରଖି ଆସୁଛି, ଆଉ ୧୦ କିଲୋ ନେବି ବୋଲି କହି ଦୁଇ ଘଣ୍ଟା ବିତି ଯାଇଥିଲେ ବି ସେ ନଆସିବାରୁ ଟମାଟୋ ବ୍ୟବସାୟୀଙ୍କର ସନ୍ଦେହ ବଢ଼ିଥିଲା। ଏହାପରେ ସାଙ୍ଗରେ ଆସିଥିବା ୨ ପିଲାଙ୍କୁ ଧରି ପଚରାଉଚରା କରିଥିଲେ ବ୍ୟବସାୟୀ। ପଚରାଉଚରାରୁ ଜଣାପଡ଼ିଥିଲା, ଏକ ଫ୍ରିଜ୍ ଲୋଡିଂ ପାଇଁ ମଜୁରୀ ବାବଦକୁ ୩ଶହ ଟଙ୍କା ଦେବି କହି ଭୁବନେଶ୍ୱରରୁ ୨ ନାବାଳକଙ୍କୁ ସାଙ୍ଗରେ ଆଣିଥିଲେ। ନାବାଳକ ମାନେ ସେହି ବ୍ୟକ୍ତିଙ୍କୁ ଜାଣିନଥିବା କିମ୍ବା ଚିହ୍ନିନଥିବା କହିଛନ୍ତି। ତେବେ କିଏ ସେହି ବ୍ୟକ୍ତି ? ଏଭଳି ଭାବେ ଟମାଟୋ ନେଇଯିବା ପଛର ବାସ୍ତବ କାରଣ କ'ଣ ? କାହିଁକି ଆଉ ସେ ଫେରିଲେନି ? ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏନେଇ ବ୍ୟବସାୟୀମାନେ ଥାନାରେ ଅଭିଯୋଗ କରିନଥିବା ପୁଲିସ ସ୍ପଷ୍ଟ କରିଛି। ସେପଟେ ବନ୍ଧକ ରଖିଥିବା ନାବାଳକଙ୍କୁ ବ୍ୟବସାୟୀମାନେ ଛାଡ଼ିଛନ୍ତି ନା ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନି। ୨ କିଲୋ ଟମାଟୋର ଦାମ୍ ? ପ୍ରାୟ ୨୬୦ ଟଙ୍କା ହୋଇଥିବା ବେଳେ ମାତ୍ର କେଇଟା ଟଙ୍କା ପାଇଁ ୨ ଜଣ ନାବାଳକଙ୍କୁ ବ୍ୟବହାର କରିବା ଆଲୋଚନାର ବିଷୟ ହୋଇଛି।

# ବୈଜୟନ୍ତ ପଣ୍ଡାଙ୍କୁ ପୁଣି ଥରେ ମିଳିଲା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାୟିତ୍ୱ



ଭୁବନେଶ୍ୱର, ୨୯/୦୭ (ନି.ପ୍ର): ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପୁଣି ଥରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି । ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା କେନ୍ଦ୍ରୀୟ ଟିମ ଆଜି ଘୋଷଣା କରିଥିବା ବେଳେ ଶ୍ରୀ ପଣ୍ଡାଙ୍କୁ ସେ ନିଜ ଟିମରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ଦେଇଛନ୍ତି । ଉଲ୍ଲେଖନୀୟ ଯେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ୩୮ଜଣିଆ ଟିମରେ ଥିବା ନେତାଙ୍କ ନାମ ଘୋଷଣା କରିଛନ୍ତି। ବିଜେପି ପକ୍ଷରୁ ନୂତନ ଜାତୀୟ ଉପାଧ୍ୟକ୍ଷ ଏବଂ ସାଧାରଣ ସଂପାଦକଙ୍କ ନାମ ଘୋଷଣା କରାଯାଇଛି। ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବରେ ଓଡ଼ିଶାର ବୈଜୟନ୍ତ ପଣ୍ଡାଙ୍କ ନାମ ରହିଛି । ଏହା ପୂର୍ବରୁ ମଧ୍ୟ ସେ ଏହି ଦାୟିତ୍ୱରେ ଥିଲେ ।

# ପ୍ରଶ୍ନପତ୍ର ଲିକ୍ ମାମଲା: ୫୫ ପରୀକ୍ଷାର୍ଥୀଙ୍କୁ ଓଏସଏସସିର କାରଣ ଦର୍ଶାଅ ନୋଟିସ୍




ଭୁବନେଶ୍ୱର, ୨୯/୦୭ (ନି.ପ୍ର): OSSC ଜେଇ ସିଭିଲ ମେନ୍ ପରକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ ସଂପୃକ୍ତ ଥିବା ଅଭିଯୋଗରେ ୫୫ ଜଣ ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍। OSSC ତରଫରୁ ଏହି ନୋଟିସ୍ ଜାରି କରାଯାଇଛି। କାହିଁକି ସେମାନଙ୍କୁ ଆଜୀବନ OSSC ପରୀକ୍ଷାରୁ ବାସନ୍ଦ କରାନଯିବ, ତାର ଉତ୍ତର ଦେବାକୁ କୁହାଯାଇଛି। OSSC ଅଧ୍ୟକ୍ଷ ଅଭୟ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଆଉ ୩୭ ପରୀକ୍ଷାର୍ଥୀଙ୍କ ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉଥିବା ଅଭୟ କହିଛନ୍ତି। ସେମାନେ ମଧ୍ୟ ଏଥିରେ ସଂପୃକ୍ତ ଅଛନ୍ତି କି ନାହିଁ, ସେ ସଂପର୍କରେ ବାଲେଶ୍ୱର ପୁଲିସ ଠାରୁ ତଥ୍ୟ ମଗାଯାଇଛି। ଯିଏ ବି ଡ଼ଝଝଉର କୌଣସି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିବ, ତା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଅଭୟ। ସେପଟେ ଡ଼ଝଝଉ ପ୍ରଶ୍ନପତ୍ର ଲିକରେ ସାମିଲ ଥିବା ଶିକ୍ଷକ ଗୋବିନ୍ଦ ତ୍ରିପାଠୀଙ୍କ ଗୁମର ଖୋଲିବାରେ ଲାଗିଛି। କନ୍ଧମାଳ ବାଲିଗୁଡ଼ା ଶିର୍ଷପାଙ୍ଗା ପ୍ରାଥମିକ ସ୍କୁଲରେ ଚାକିରି କରୁଥିବା ଗୋବିନ୍ଦଙ୍କ ପାଖରେ ଥିଲା ଥର, ଇନୋଭା ଏବଂ ଏକାଧିକ ଫ୍ଲାଟ୍। ମାତ୍ର ଜଣେ

▶▶ପୃଷ୍ଠା ୭

# ସୃଷ୍ଟି ହେଲା ଲଘୁଚାପ: ୨୦ ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାର ଉତର ଓଡିଶା ପାର୍ଶ୍ୱବର୍ତୀ ଦକ୍ଷିଣ ଗଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟାକା ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮ କିମି ଯାଏଁ ବ୍ୟାପିଛି। ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ବିସ୍ତୃତି ବର୍ଷା ସମ୍ଭାବନା ରହିଛି। ସେହିପରି କିଛି ଜିଲ୍ଲାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଲଘୁଚାପ ପ୍ରଭାବରେ ୨୪ ଘଂଟା ମଧ୍ୟରେ ରାଜ୍ୟର ମୟୁରଭଞ୍ଜ, ଯାଜପୁର, ବଲାଙ୍ଗୀର ଓ ବରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି)ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ନୂଆପଡ଼ା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା (୭ରୁ ୧୧ ସେମି)ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

▶▶ପୃଷ୍ଠା ୭

# ଓଡ଼ିଶାରେ କମିଲା: ଶିମିଳିପାଳରେ ବଢ଼ିଲା ବାଘ ସଂଖ୍ୟା

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଓଡ଼ିଶାରେ ମହାବଳ ବାଘ ସଂଖ୍ୟା କମିଥିବା ବେଳେ ଶିମିଳିପାଳରେ ବଢ଼ିଛି। ଶିମିଳିପାଳରେ ବାଘ ସଂଖ୍ୟା ୨ ଗୁଣା ବୃଦ୍ଧି ପାଇଛି। ରାଜ୍ୟରେ ଏବେ ମୋଟ ମହାବଳ ବାଘ ସଂଖ୍ୟା ୨୦ ରହିଛି। ତେବେ ଶିମିଳିପାଳରେ ବାଘ ସଂଖ୍ୟା ରହିଛି ୧୬। ୨୦୧୮ରେ ରାଜ୍ୟରେ ମହାବଳ ବାଘ ସଂଖ୍ୟା ୨୮ ଥିଲା। ସେହିପରି ଶିମିଳିପାଳରେ ବାଘ ସଂଖ୍ୟା ୮ରୁ ବଢ଼ି ୧୬ ହୋଇଛି। ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ଏହି ସୂଚନା ମିଳିଛି।

# ଆଦିକନ୍ଦଙ୍କୁ 'ସାଗରିକା' ଓ ହୃଷୀକେଶଙ୍କୁ 'ଧ୍ୱନି ପ୍ରତିଧ୍ୱନି' ସମ୍ମାନ

**ଅମିତାଭଙ୍କୁ ବାଲେଶ୍ୱର ବରପୁତ୍ର: କବିତାରେ କୁଞ୍ଜବିହାରୀ, ଗଳ୍ପରେ ରତିକାନ୍ତ, ପ୍ରବନ୍ଧରେ ମଥୁରାନାଥ, ଉପନ୍ୟାସରେ ସୁକାନ୍ତି, ଶିଶୁସାହିତ୍ୟରେ ନଗେନ୍ଦ୍ର ନାଥ, ଯୁବ ପ୍ରତିଭାରେ ଦୀପକ ରଂଜନ, ସମ୍ପାଦନାରେ ବନୋଜ, ସାମ୍ବାଦିକତାରେ ପ୍ରତିମା, ସମାଜସେବାରେ ହୃଷିକେଶ ଓ ରାଇରଙ୍ଗପୁର ଆଇଟିଆଇ, ଧାମରା ମତ୍ସ୍ୟ ପୋତାଶ୍ରୟଙ୍କୁ ଅନୁଷ୍ଠାନ ସମ୍ମାନ**


ପ୍ରଫେସର ଆଦିକନ୍ଦ ସାହୁ


ଡ. ହୃଷୀକେଶ ମଲ୍ଲିକ


ଡା. ଅରବିନ୍ଦ ଗିରି


ଡ. ମଥୁରାନାଥ ହୋତା


ଡ. କୁଞ୍ଜ ବିହାରୀ ଧଳ


ଡ. ରତିକାନ୍ତ ବେହେରା


ସୁକାନ୍ତି ନନ୍ଦ


ନଗେନ୍ଦ୍ରନାଥ ପଟ୍ଟନାୟକ


ଦୀପଦ ରଂଜନ ମିଶ୍ର


ବନୋଜ ତ୍ରିପାଠୀ


ଇଂ ହୃଷୀକେଶ ସାହୁ


ପ୍ରତିମା ଜେନା

ବାଲେଶ୍ୱର, ୨୯/୦୭ (ନି.ପ୍ର): ବାଲେଶ୍ୱରରୁ ଦୀର୍ଘ ୩୪ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୪ତମ ବାର୍ଷିକ ଉତ୍ସବ ସମାରୋହ ତଥା ସାହିତ୍ୟସ୍ରୋତ ଏବଂ 'ଧ୍ୱନିପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ମିଳିତ ସମ୍ମାନ ପ୍ରଦାନ ଉତ୍ସବ ଅଗଷ୍ଟ ୦୬ ତାରିଖ ରବିବାର ଦିନ ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍‌ଠାରେ ଯଥାରୀତି ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରଫେସର ଆଦିକନ୍ଦ ସାହୁଙ୍କ 'ସାଗରିକା' ସମ୍ମାନ ଓ ଡକ୍ଟର ହୃଷୀକେଶଙ୍କୁ 'ଧ୍ୱନି ପ୍ରତିଧ୍ୱନି' ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ବାଲେଶ୍ୱରର ବରପୁତ୍ର ସମ୍ମାନ ଡାକ୍ତର ଅମିତାଭ ଗିରିଙ୍କୁ ପ୍ରଦାନ କରାଯିବ। ଏଥିସହିତ ଡ. କୁଞ୍ଜବିହାରୀ ଧଳଙ୍କୁ କବିତା ସମ୍ମାନ, ଡ. ରତିକାନ୍ତ ବେହେରାଙ୍କୁ ଗଳ୍ପ ସମ୍ମାନ, ଡ. ମଥୁରାନାଥ ହୋତାଙ୍କୁ ପ୍ରବନ୍ଧ ସମ୍ମାନ, ଶ୍ରୀମତୀ ସୁକାନ୍ତି ନନ୍ଦଙ୍କୁ ଉପନ୍ୟାସ ସମ୍ମାନ, ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ପଟ୍ଟନାୟକଙ୍କୁ ଶିଶୁସାହିତ୍ୟ ସମ୍ମାନ, ଶ୍ରୀଯୁକ୍ତ ଦୀପକ ରଞ୍ଜନ ମିଶ୍ରଙ୍କୁ ଯୁବ ପ୍ରତିଭା ସମ୍ମାନ, ଶ୍ରୀଯୁକ୍ତ ବନୋଜ ତ୍ରିପାଠୀଙ୍କୁ ସଂପାଦନା ସମ୍ମାନ, ଶ୍ରୀମତୀ ପ୍ରତିମା ଜେନାଙ୍କୁ ସାମ୍ବାଦିକ ସମ୍ମାନ, ଇ.ହୃଷୀକେଶ ସାହୁଙ୍କୁ ସମାଜସେବୀ ସମ୍ମାନ, ରାଇରଙ୍ଗପୁର ଆଇଟିଆଇକୁ ଶିକ୍ଷାନୁଷ୍ଠାନ ସମ୍ମାନ ଓ ଧାମରା ମତ୍ସ୍ୟ ପୋତାଶ୍ରୟକୁ ଅନୁଷ୍ଠାନ ସମ୍ମାନ ପ୍ରଦାନ କରାଯିବ ବୋଲି 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା ଏକ ପ୍ରେସ ବିବୃତିରେ ଘୋଷଣା କରିଛନ୍ତି।

ସାଗରିକା
ଧ୍ୱନି ପ୍ରତିଧ୍ୱନି
୩୪ଶ
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୩
ଅବଗଣନା
୦୭ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ଲୋଭନୀୟ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ।
୬ ଅଗଷ୍ଟ, ୨୦୨୩, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ବିଜୟଶ୍ରୀ ରାଉତରାୟଙ୍କ ଜୟନ୍ତୀରେ ମେଧା ସମ୍ମାନ ସମାରୋହ



ବାସୁଦେବପୁର, ୨୯/୦୭ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଓଡିଶା ର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ୭୧ ତମ ଜୟନ୍ତୀ ପାଳନ ଅବସରରେ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗ ଦେଇ ଉତ୍ସବ କୁ ଉଦଘାଟନ କରିଥିଲେ । ଶ୍ରୀ ମାରାଣ୍ଡି ତାଙ୍କ ବକ୍ତବ୍ୟ ରେ କହିଲେ ବର୍ତମାନ ର ଛାତ୍ର ଛାତ୍ରୀ କଠିନ ପରିଶ୍ରମ କରିବା ସହିତ ତ୍ୟାଗ ନିଷ୍ଠା ଓ ଏକାଗ୍ରତା ରଖିଲେ ନିଶ୍ଚିତ ସଫଳତା ଲାଭ କରିପାରିବେ । ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ପୂର୍ବାଞ୍ଚଳ ଆଇ ଜି ହିମାଂଶୁ ଲାଲ, ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ଆରକ୍ଷୀ ଅଧିକ୍ଷକ, ଏସ ଡ଼ି ପି ଓ ସୌରଭ ଓତା, ତହସିଲଦାର ସୌଭାଗ୍ୟ ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବିଧାୟକ ପ୍ରତିନିଧି ଅସିତ ଦାଶ,ବାସୁଦେବପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ମେଡିକାଲ ଅଫିସର ଡାକ୍ତର ସୁଶାନ୍ତ ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ଟପର ପୂର୍ବାସା ପ୍ରିୟ ଦର୍ଶିନୀ ଅଗସ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟ ଟପର ଦୀପ୍ତି ପ୍ରଜ୍ଞା ଦାସ ଓ ବ୍ଲକ ମାଟ୍ରିକ ଟପର ଶୁଭ ଲକ୍ଷ୍ମୀ ବେହେରା ଙ୍କୁ ମାନପତ୍ର ଓ ଅର୍ଥ ରାଶି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ଅନ୍ୟ ମେଧାବୀ ପିଲା ମାନଂକୁ ସମ୍ବର୍ଦ୍ଧନା ପ୍ରଦାନ କରାଯଇଥିଲା । ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟ, ଦୈତାରୀ ବେହେରା ମଞ୍ଚ ଆମନ୍ତ୍ରଣ ଓ ଶିକ୍ଷକ ଅମୀୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରଣୟ ମହାପାତ୍ର, ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା,ଶାଶ୍ୱତୀ ପଣ୍ଡା, ବିଜେଡି ଛାତ୍ର ସଭାପତି କାଳନ୍ଦୀ ସାହୁ, ଶଶୀ ଭୂଷଣ ବାରିକ, ଦେବ ଦର୍ଶନ ଦାସ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଶିକ୍ଷା ବିତ ଦୁଃଶାସନ ରାଉତ, ଶିଳ୍ପପତି ମହେଶ ଦାସ, ଗୀତିକାର ପିତାମ୍ବର ମିଶ୍ର, ବିଜେଡି ର ବରିଷ୍ଠ ନେତା ଭାଗିରଥି ବଳ, ଯଦୁ ନାୟକ, ଦୀନବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟା ରେ ଶିକ୍ଷକ, ଅଭିଭାବକ, ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ଏବଂ ସେମାନଙ୍କୁ ଆମ୍ବ ଗଛ ଓ ପିଜୁଳି ଗଛ ପ୍ରଦାନ କରାଯାଇଥିଲା ।

# ମାଲପଡା ରାମସ୍ୱାମୀ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶିଳାନ୍ୟାସ କଲେ ନରସିଂହ



ବଲାଙ୍ଗୀର, ୨୯/୦୭ (ନି.ପ୍ର): ଆଜି ବଲାଙ୍ଗିର ସହର ଅନ୍ତର୍ଗତ ୧୫ ନଂ. ୱାର୍ଡ ମାଲପଡା ଠାରେ ଥିବା ଶ୍ରୀ ଶ୍ରୀ ରାମସ୍ୱାମୀ ମନ୍ଦିର ର ପୁନରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଅଛି । ନିଜ ବିଧାୟକ ପାଣ୍ଠିରୁ ପ୍ରଦତ ୫ଲକ୍ଷ ଟଙ୍କାର ଅନୁଦାନ ରାଶିରେ ଏହି ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବହୁ ପୁରାତନ ଏହି ମନ୍ଦିର ଜାରାଜିର୍ଣ୍ଣ ଅବସ୍ଥାରେ ଥାଇ ଭକ୍ତମାନଙ୍କର ପୂଜା ଅର୍ଚ୍ଚନା କରିବା ପାଇଁ ଅସୁରକ୍ଷିତ ହୋଇଯାଇଥିଲା । ଯାହା ଫଳରେ କି ମାଲପଡା ଅଂଚଳର ଜନସାଧାରଣ ଏକତ୍ରିତ ହୋଇ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କୁ ଏହାର ପୁନରୁଦ୍ଧାର ପାଇଁ ଅନୁଦାନ ପ୍ରଦାନ ପାଇଁ ଅନୁରୋଧ କରିଥିଲେ । ବିଧାୟକ ଶ୍ରୀ ମିଶ୍ର ଏହି ଅନୁଦାନ ପ୍ରଦାନ କରିବା ପରେ ତାହାର କାର୍ଯ୍ୟ ଆରମ୍ଭ ହୋଇଯାଇଅଛି । ଶିଳାନ୍ୟାସ ପରବର୍ତି ସଭାରେ ବିଧାୟକ ଶ୍ରୀ ମିଶ୍ର ଅଂଚଳବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ ମନ୍ଦିର ନିର୍ମାଣ ହେଉ କି ପୁନରୁଦ୍ଧାର ହେଉ ଏହା ଏକ ସଙ୍ଗବଦ୍ଧ କାମ । ଏଥିରେ ସଫଳ ହେଲେ ଲୋକଙ୍କ ମଧ୍ୟରେ ଶାନ୍ତି ଓ ଏକତା ପ୍ରତିଷ୍ଠିତ ହୋଇଥାଏ ଏବଂ ଶାନ୍ତି ଏକତା ମାଧ୍ୟମରେ ହିଁ ଆମକୁ ବିକାଶର ରାସ୍ତା ମିଳିଥାଏ । ତେଣୁ ଏହି ପୁନରୁଦ୍ଧାର କାମରେ ସମସ୍ତେ ନିଜର ସହଯୋଗର ହାତ ବଢାଇବା କଥା । ଆପଣମାନଙ୍କ ମାଧ୍ୟମରେ ମୁଁ ଅଂଚଳବାସୀ ତଥା ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି, ଏହି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ରହୁ ଯାହା ଦ୍ୱାରା କି ଆମେ ଏକ ସୁଦୃଶ୍ୟ ଏବଂ ଭବ୍ୟ ଶ୍ରୀ ରାମସ୍ୱାମୀଙ୍କ ମନ୍ଦିର ନିର୍ମାଣ କରିପାରିବା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ର କାର୍ଯ୍ୟକର୍ତା ଗୋକୁଳ କରନ, ବସୁ ନାଗ, ଲୁଟୁ ପଣ୍ଡା, ଶିଶିର ଶତପଥି ଏବଂ ଉମାଶଙ୍କର ପଣ୍ଡା ମଂଚାସିନ ଥିବା ବେଳେ ବୁଲୁ ଦାନି, ମନୀଷ ମିଶ୍ର, ବିକ୍ରମ ପାତ୍ର, ପବିତ୍ର ବେହେରା, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ଜୟରାନାରାୟଣ ବହିଦାର, ନାସିର ଖାନ, ସୌମ୍ୟଦିପ ସରାଫ, ଚନ୍ଦନ ମିଶ୍ର, ସନ୍ତୋଷ ମିଶ୍ର ଙ୍କ ସମେତ ଅନେକ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ବୋରିଙ୍ଗରେ ସଂଯୋଗ ହୋଇପାରୁନାହିଁ ବିଦ୍ୟୁତ: ଚାଷ କାର୍ଯ୍ୟ ପାଇଁ ହନ୍ତସନ୍ତ ଚାଷୀ

କୋରେଇ, ୨୯/୦୭ (ନି.ପ୍ର): କୋରାଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ଗ୍ରାମପଂଚାୟତର ଧନପୁର ଓ ଆଖପାଖ ଅଂଚଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୂଚନା ମୁତାବକ, ଚାଷୀମାନଙ୍କ ପାଇଁ ସରକାର ବିଭିନ୍ନ ସ୍କିମ୍ ମାଧ୍ୟମରେ ଧନପୁର ଗ୍ରାମରେ ୨ ବର୍ଷ ତଳରୁ ଚାଷ ଜମି ଭିତରେ ୧୦ରୁ ଉର୍ଦ୍ଧ ବୋରିଂଙ୍ଗ ଖୋଳା ଯାଇଥିଲା। ବୋରିଂଙ୍ଗ ଖୋଳାଯିବର ୧ ବର୍ଷ ପରେ ଲାଇନ୍ ଖୁଂଟ ସବୁ ଜମି ଭିତରେ ବୋରିଂଙ୍ଗକୁ ବିଦ୍ୟୁତ ସଂଯୋଗ କରିବାପାଇଁ ବସିଥିଲା। ଚାଷୀ ମାନଙ୍କ ଭିତରେ ବହୁତ ଆଶାବାନ୍ଧିଥିଲା ଚଳିତ ବର୍ଷ ଜଳର ଅଭାବ ରହିବନି। ହେଲେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟଯୋଗୁ ଆଜକୁ ୪ ମାସ ହେବ ଜମି ଭିତରେ ଖାଲି ଖୁଂଟ ମାଳ ମାଳ ହୋଇ ଠିଆ ହୋଇଛି। ଆଜି ପର୍ଯ୍ୟନ୍ତ ତାର ଓ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଚାଷୀମାନେ ଜମିରେ ଯେଉଁ ବୋରିଂଙ୍ଗ ଖୋଳିଥିଲେ ତାହା ଅଚଳ ଅବସ୍ଥାରେ ପଡିରହିଛି। ଚାଷୀ ମାନେ ଆଶା ରଖିଥିଲେ ସରକାର ତରଫରୁ ବୋରିଂଙ୍ଗ ସାହାଯ୍ୟରେ ତଳି ପକା, ରୁଆ ଆଦି ପାଣିର ସମସ୍ୟା ହଟିବ ବୋଲି ଆଉ ରହିବ ନାହିଁ ମରୁଡି ଚିନ୍ତା, ହେଲେ ଏଠାରେ ଫଳ କିନ୍ତୁ ଭିନ୍ନ ଦେଖିବାକୁ ମିଳିଛି। ବର୍ତମାନ ମୌସୁମୀବାୟୁ ଆସିବାପରେ ବର୍ଷାର ଘୋର ଅଭାବ ଦେଖାଦେଇଛି। ଶ୍ରାବଣ ମାସ ବର୍ତମାନ ଜମିରେ ପାଣି ଧାର ଚାଲିବା କଥା କିନ୍ତୁ, ବର୍ତମାନ ଜମିରେ ପାଣି ବୁନ୍ଦେ ନାହିଁ ଚାଷୀ ମାନେ ହଇରାଣ ହତାଶ ହେଉଛନ୍ତି। ଏ ଅଂଚଳରେ ଯଦି ୧୦ରୁ ଉର୍ଦ୍ଧ ବୋରିଂଙ୍ଗକୁ ବିଦ୍ୟୁତ ଯୋଗେଇ ଦିଆଯାଆନ୍ତା ତାହେଲେ ଚାଷୀ ମାନେ ଉପକୃତ ହୁଅନ୍ତେ। ଯଦି ଏହାର କୌଣସି କାର୍ଯ୍ୟାକାରୀ ନ ହୁଏ ତେବେ ଏ ବିଷୟରେ ଚାଷୀ ମାନେ ଉପରିସ୍ଥ ଅଧିକାରୀଙ୍କୁ ଭେଟିବା ନେଇ ଦାବି କରିଛନ୍ତି। ଚାଷ ବେଳେ ଯଦି ବୋରିଂଙ୍ଗ କାମରେ ନ ଲାଗେ ତାହେଲେ ସରକାରଙ୍କର ଏ ଯୋଜନା କାହା ପାଇଁ। ସରକାର ଚାଷୀ ମାନଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଚାଷୀ ମାନେ କିନ୍ତୁ, ହା ହତାଶ ଅବସ୍ଥାରେ ଜୀବନ କାଟୁଛନ୍ତି। ଯଦି ଖୁଣ୍ଟରୁ ତାର ଟଣାଯାଇ ବୋରିଂଙ୍ଗକୁ ବିଦ୍ୟୁତ ସଂଯୋଗ କରାଯାଏ ତାହେଲେ ଚାଷୀ ମାନେ ଉପକୃତ ପାଇପାରିବେ ବୋଲି ମତପ୍ରକାଶ ପାଇଛି।

# ସ୍ୱାଭିମାନ ଅଂଚଳରେ ନିଯୁକ୍ତି ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଇ ସ୍ୱତନ୍ତ୍ର ଶିବିର

ମାଲକାନଗିରି, ୨୯/୦୭ (ନି.ପ୍ର): ରାଜ୍ୟ ସରକାର ସ୍ୱାଭିମାନ ଅଂଚଳର ବିକାଶକୁ ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି। ତଦନୁଯାୟୀ ଜିଲ୍ଲା ପ୍ରଶାସନ ମଧ୍ୟ ସ୍ୱାଭିମାନ ଅଂଚଳର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ସେହି ପରୀପ୍ରେକ୍ଷୀରେ ଆଜି ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏବଂ ସୀମା ସୁରକ୍ଷା ବଳ( ବିଏସଏଫ୍) ମାଲକାନଗିରି ଶାଖା ସହଯୋଗରେ ସ୍ୱାଭିମାନ ଅଂଚଳ ଚିତ୍ରକୋଣ୍ଡା ବ୍ଲକର ବଡପଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ବିଭିନ୍ନ ବର୍ଗର ୧୩୩ ଜଣ ଯୁବକଯୁବତୀ ଏହି ଶିବିରରେ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ୧୭୭ ବାଟାଲିୟନ କମ୍ପାନୀ ଅପରେଟିଂ ବେସ୍ର କମାଣ୍ଡିଂ ଅଫିସର କମଲ ଖୁଲବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ବୈଷୟିକ ଶିକ୍ଷା ତାଲିମ ଦ୍ୱାରା ଯୁବକଯୁବତୀମାନେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ସେମାନଙ୍କର ଉନ୍ନତିରେ ସ୍ୱାଭିମାନ ଅଂଚଳର ବିକାଶ ହୋଇପାରିବ ବୋଲି ଶ୍ରୀ ଖୁଲବେ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ଶିବିର ଆୟୋଜନ କରିବାର ଆଭିମୁଖ୍ୟ ବିଷୟରେ କହିଥିଲେ ଯେ, ରାଜ୍ୟ ସରକାର ଯୁବକ ଯୁବତୀମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷ କରିବା ପାଇଁ ଆଇଟିଆଇ ଏବଂ ପଲିଟେକନିକ୍ ମାନଙ୍କରେ ଉନ୍ନତମାନର ଭିତିଭୂମି ଯୋଗାଇ ଦେଇଛନ୍ତି । ସେମାନେ ଦକ୍ଷତା ପ୍ରଶିକ୍ଷଣ ଦ୍ୱାରା ନିଜର କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିପାରିବେ ଏବଂ ରାଜ୍ୟ ସରକାରଙ୍କ ପ୍ଲେସମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ନିଯୁକ୍ତି ପାଇପାରିବେ ବୋଲି ସୂଚନା ଦେଇଥିଲେ। ଏଠାରେ ସିପେଟ ଏବଂ ଗ୍ରାମ ତରଙ୍ଗ ଟ୍ରେନିଂ ପ୍ରାଇଭେଟ ଲିମିଟେଡର ପ୍ରଶିକ୍ଷକ ମାନେ ଯୁବକଯୁବତୀମାନଙ୍କର ନିଯୁକ୍ତି ଏବଂ ପ୍ଲେସମେଂଟ ଟ୍ରେନିଂ ପ୍ରୋଗ୍ରାମ ଉପରେ କାଉନସେଲିଂ କରିଥିଲେ। ସେହିପରି ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଏବଂ ପଲିଟେକନିକର ପ୍ରଶିକ୍ଷକ ମାନେ ଯୁବକଯୁବତୀମାନଙ୍କୁ ଏହି ପ୍ରତିଷ୍ଠାନରେ ତାଲିମ ନେବା ଦ୍ୱାରା କିଭଳି ନିଯୁକ୍ତି ସୁବିଧା ପାଇପାରିବେ ଓ ସ୍ୱାବଲମ୍ବୀ ହୋଇପାରିବେ ସେଥିନିମନ୍ତେ କାଉନସେଲିଂ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଂଟ ଶୁଭରଞ୍ଜନ ମହାପାତ୍ର, ଜିଲ୍ଲା ପରିଷଦ ସ୍କିଲ ପ୍ରୋଗ୍ରାମ ମ୍ୟାନେଜର ଶ୍ରୀମତି ଶାଶ୍ୱତୀ ରାଉତ, ପଲିଟେକନିକ୍ ଅଧକ୍ଷ, ଜେ.ଆର. ଦାସ, ଜିଲ୍ଲା ଯୁବ ଅଧିକାରୀ ହରିଶ୍ ରୁପଲ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର, ସୋମନାଥ କୁମ୍ଭାର, ଏମଜିଏନଏଫ୍ ଫେଲୋ, ଶୁଭଶ୍ରୀ ସାହୁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ।

# ରିମୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଚମ୍ପୁଆ, ୨୯/୦୭ (ନି.ପ୍ର): ରିମୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଜ୍ଞାନ ବିଜ୍ଞାନ ମେଳା ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଭୀମସେନ ମହାନ୍ତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ବିଜ୍ଞାନ ମେଳା କୁ ଉଦ୍ଘାଟନ କରିଥିବା ବେଳେ ଅବସର ପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରିମୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳା ରେ ରିମୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ରୁ ଦଶମ ଶ୍ରେଣୀର ଅନେକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ୟ ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହି ବିଜ୍ଞାନ ମେଳାକୁ ନେଇ ବିଶେଷ ଭାବରେ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅନେକ ଗୁଡ଼ିଏ ଶିକ୍ଷଣୀୟ ତଥା ଜ୍ଞାନ ବର୍ଦ୍ଧକ ବିଜ୍ଞାନ ଆଧାରିତ ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ପ୍ରଦର୍ଶିତ କରିଥିବା ବେଳେ ବିଦ୍ୟାଳୟ ର ଗୁରୁଜୀ ଓ ଗୁରୁ ମାତା ମାନେ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ତେବେ ଏହି ବିଜ୍ଞାନ ମେଳା ରେ ୩୫ ଟି ପ୍ରକଳ୍ପ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବେଳେ ଗଣିତ, ବିଜ୍ଞାନ, ଓ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଂଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ବିଜ୍ଞାନ ପତ୍ର ବାଚନ ଓ ଗଣିତ ପ୍ରଶ୍ନ ବଚାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ୧୩.୦୮.୨୦୨୩ ତାରିଖରେ ରିମୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଅନୁଷ୍ଠିତ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରେ ଯୋଗ ଦେବେ ବୋଲି ପ୍ରଧାନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ୱାନ ଷ୍ଟପ ସେଂଟରର ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): ଆଜି କେନ୍ଦ୍ରାପଡା ଜିଲ୍ଲା ନୂତନ ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଶ୍ୟାମଗୁଡିଆ, ଇଚ୍ଛାପୁରଠାରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀଙ୍କ କରକମଳରେ ପୂର୍ବାହ୍ନ ୧୧ ଘଟିକା ସମୟରେ ୱାନ ଷ୍ଟପ ସେଂଟର(ସଖୀ) ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ପୌର ପରିଷଦର ଅଧକ୍ଷା ସରିତା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସତ୍ୟଭାମା ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଁହ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପି.ଓ. ସଞ୍ଜୁକ୍ତା ମିଶ୍ର, ମମତା ଡି.ପି.ସି ମନୋରଞ୍ଜନ ଦାସ, ବିଭିନ୍ନ ବ୍ଲକର ସି.ଡି.ପି ଓ / ସୁପର ଭାଇଜର, ଅଙ୍ଗନବାଡି କର୍ମୀ, ଟାସ୍କ ଫୋର୍ସ କମିଟିର ସଦସ୍ୟ/ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ସଶକ୍ତି କରଣ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ୱାନ ଷ୍ଟପ ସେଂଟରର ଭୂମିକା ଅତୁଳନୀୟ । ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ଆଭିମୁଖ୍ୟକୁ ବଳିଷ୍ଠ କରିବା ହିଁ "ୱାନ ଷ୍ଟପ ସେଂଟର" ପ୍ରତିଷ୍ଠାର ମୂଳ ଲକ୍ଷ୍ୟ । ଏହା ପ୍ରତିଦିନ ୨୪ ଘଂଟା ଖୋଲା ରହିବ । ନିର୍ଯ୍ୟାତିତ ମହିଳା ଓ ୧୮ ବର୍ଷରୁ କମ ବାଳିକାମାନଙ୍କୁ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ ୱାନ ଷ୍ଟପ ସେଂଟର କାର୍ଯ୍ୟ କରୁଛି । ଗୋଟିଏ ଛାତ ତଳେ ନିର୍ଯ୍ୟାତିତ ମହିଳାମାନଙ୍କୁ ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନ୍‌ଗତ ସହାୟତା ପ୍ରଦାନ କରିବା ସହ ଆଶ୍ରୟ ଏବଂ ମନସ୍ତାତ୍ୱିକ ଓ ସାମାଜିକ ପରାମର୍ଶ ଦିଆ ଯାଇଥାଏ । ଏତଦ୍‌ବ୍ୟତିତ ବଳତ୍କାର, ଅପହରଣ/ନିଖୋଜ, ପରିବାରିକ ହିଂସା, ଏସିଡ ଆକ୍ରମଣ, ଯୌନ ଉତ୍ପୀଡନ/ ଶୋଷଣ, ଯୌତୁକ ନିର୍ଯ୍ୟାତନା ଓ ହିଂସା, ଶିଶୁ ଯୌନ ଉତ୍ପୀଡନ, ଶୋଷଣ, ବାଲ୍ୟ ବିବାହ ସହ ଅନ୍ୟାନ୍ୟ ହିଂସା ଘଟଣାର ସମାଧାନ ପାଇଁ ଆବଶ୍ୟକ ପୋଲିସ, ଡାକ୍ତରୀ ଓ ଆଇନ୍ ସହାୟତା ମାଗଣାରେ ପ୍ରଦାନ କରା ଯାଇଥାଏ । ଫଳରେ ନିର୍ଯ୍ୟାତିତ ମହିଳା ନିଜକୁ ଅସୁରକ୍ଷିତ ମନେ କରେ ନାହିଁ । ତାର ନିଜ ଅଧିକାରକୁ ସାବ୍ୟସ୍ତ କରିବା ସହ ଦୋଷୀକୁ ଦଣ୍ଡ ଦେବାରେ ଅନ୍ୟତ୍ର ଯିବା ଆବଶ୍ୟକ କରେ ନାହିଁ । ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜନ ସଚେତନତା ପାଇଁ ମହିଳା ହେଲ୍ପଲାଇନ୍ ନମ୍ବର-୧୮୧ ଏବଂ ମୋବାଇଲ ନମ୍ବର-୯୯୩୮୭୮୫୩୬୧ ଜାରି କରାଯାଇଛି ବୋଲି ସୂଚନା ଦିଆଯାଇଛି । ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡାଙ୍କ ମିଳିତ ସହାୟତାରେ ଏହି ନୂତନ ଗୃହ ନିର୍ମାଣ କରାଯାଇଛି ।

# ସମାନ ନାଗରିକ ସଂହିତା ଲାଗୁ ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ

କନ୍ଧମାଳ, ୨୯/୦୭ (ନି.ପ୍ର): ମିଳିତ ନାଗରିକ କମିଟି କନ୍ଧମାଳ ପକ୍ଷରୁ ବନାନୀ କଳାସଙ୍ଗମ ଠାରେ ସମାନ ନାଗରିକ ସଂହିତା ଦେଶରେ ଲାଗୁ ହେବା ଉପରେ ଡ. ଅରୁପ ଜେନାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡା ପ୍ରାରମ୍ଭିକ ସୂଚନା ଦେଇ ଦେଶର ଆଇନ ମନ୍ତ୍ରଣାଳୟ ସମାନ ନାଗରିକ ସଂହିତା ଦେଶରେ ଲାଗୁ କରିବାକୁ ଜନମତ ଲୋଡିଥିବା ସୂଚନା ଦେଇଥିଲେ। ସମାନ ନାଗରିକ ସଂହିତା ବା ୟୁନିଫର୍ମ ସିଭିଲ କୋଡ ସାରା ଦେଶରେ ସମସ୍ତଙ୍କ ପାଇଁ ଗୋଟିଏ ଆଇନ ଲାଗୁ କରିବାକୁ ପ୍ରୟାସ କରାଯାଉଛି । ସମ୍ବିଧାନର ୪୪ଧାରା ପାର୍ଟ ୪ରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଗୋଟାଏ ଆଇନ ଲାଗୁ ହେବା ବ୍ୟବସ୍ଥା ରହିଛି, ଯାହା ସ୍ୱାଧିନତାର ୭୬ ବର୍ଷ ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାର ଉଦ୍ଦେଶ୍ୟ ଦୁର୍ବଳ ପଛୁଆବର୍ଗଙ୍କ ଭେଦଭାବ ଓ ବୈଷମ୍ୟ ଦୂରକରି ସମାନତା ଆଣିବା। ୧୮୩୫ ମସିହାରେ ବ୍ରିଟିଶ ସରକାର ଦେଶରେ ୟୁନିଫର୍ମ ସିଭିଲ କୋଡର ଆବଶ୍ୟକତା ଉପଲବ୍ଧି କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୧୯୮୫ମସିହାରେ ଶାହା ବାନୋ ତିନ ତଲାକ ମାମଲାରେ ଧର୍ମ ବାହାରେ ଭାରତୀୟ ପିଙ୍ଗଳ କୋଡ ଧାରା ୧୨୫ ଅନୁସାରେ ଭରଣ ପୋଷଣ ଦେବାକୁ କୋର୍ଟ ରାୟ ପ୍ରକାଶ କରିଥିଲେ ।ଦେଶରେ ସମାନ ନାଗରିକ ସଂହିତା ଲାଗୁ କରିବାକୁ ସରକାରଙ୍କୁ ପରାମର୍ଶ ମଧ୍ୟ ଦେଇଥିଲେ। ହିନ୍ଦୁ ବିବାହ ବିଚ୍ଛେଦ, ବହୁ ବିବାହ ନିଷେଧ ଓ ଝିଅ ମାନଙ୍କୁ ଉତରାଧିକାରୀ ଓ ପୈତୃକ ସମ୍ପତିରେ ସମାନ ଭାଗିଦାରୀ ଆଇନ ପାଶ ବେଳେ ମଧ୍ୟ ବିରୋଧ କରାଯାଇଥିଲା। କିନ୍ତୁ, ସମାଜର ମଙ୍ଗଳ ପାଇଁ ଏହା ଆଇନରେ ପାଶ ହୋଇଥିଲା। ତେଣୁ ସମାନ ନାଗରିକ ସଂହିତା ଦେଶରେ କାର୍ଯ୍ୟକାରୀ ହେବା ସ୍ୱାଗତଯୋଗ୍ୟ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା। ଭାରତରେ ବହୁ ଜାତି ବହୁଧର୍ମ ଓ ବହୁ ଭାଷାର ଲୋକ ବାସକରନ୍ତି। ସେମାନଙ୍କ ସଂସ୍କୃତି ପରମ୍ପରା ଭିନ୍ନ।ତେଣୁ ସେମାନଙ୍କ ସଂସ୍କୃତି ଓ ଐତିହକୁ ଅକ୍ଷୁର୍ଣ୍ଣ ରଖି ସମାନ ନଗରିକ ସଂହିତା ଲାଗୁହେବା ଆବଶ୍ୟକ। ସମାନ ନାଗରିକ ସଂହିତାରେ କଣ ରହିବ ତାହା ସାର୍ବଜନୀନ କରି ଅଧିକ ବିତର୍କ ପାଇଁ ସମୟ ବୃଦ୍ଧି କରିବା ଆବଶ୍ୟକ। ବିଭିନ୍ନ ଗୁଜବରୁ ଜନ ସାଧାରଣ ଦୁରେଇ ରହିବା ଆବଶ୍ୟକ। ଭାରତୀୟ ପିଙ୍ଗଳ କୋର୍ଡରେ ସମାନ ଦୋଷ ପାଇଁ ସମସ୍ତଙ୍କୁ ଗୋଟିଏ ଦଣ୍ଡବିଧାନ ବ୍ୟବସ୍ଥା ଥିବାବେଳେ ସମାନ ନାଗରିକ ସଂହିତା ଲାଗୁକରିବାରେ ଅସୁବିଧା ନାହିଁ। ଆମେ ସମସ୍ତେ ତ୍ରିରଙ୍ଗା ପତକା ତଳେ ଆମ ଦେଶର ଆଇନକୁ ଉଚିତ ସମ୍ମାନ ଦେଇ ମାନିବା ଆବଶ୍ୟକ। ସରକାର ସମାନ ନାଗରିକ ସଂହିତା ଲାଗୁ କରିବା ପୂର୍ବରୁ ଅଧିକ ବିତର୍କ ଓ ଜନମତ ପାଇଁ ସମୟସୀମା ବୃଦ୍ଧି କରିବାକୁ ଆଇନ ବିଭାଗକୁ ଅନୁରୋଧ କରାଯାଇଛି।

ଏହି ଅବସରରେ ବରିଷ୍ଠ ଆଇନଜୀବୀ ଭିଭି ରାମଦାସ, ରବୀନ୍ଦ୍ର ନାଥ ମିଶ୍ର, ବିଜୟ ମହାନ୍ତି, ରମେଶ ମହାନ୍ତି, ବିରଜା ନାହାକ, ଆଇନଜୀବୀ ସଂଘ ସଭାପତି ଭଗବାନ ମହାନ୍ତି, ପ୍ରେସ କ୍ଲବ ସଭାପତି ସୁନିଲ ପଟ୍ଟନାୟକ , ଅବସରପ୍ରାପ୍ତ ସେନା ଅଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ସେବାରହିତ କମାଣ୍ଡେଂଟ ନବୀନ କିଶୋର ପଣ୍ଡା, ନବ କିଶୋର ରଥ, ଏସକେ ଆବାସ, କୁଇ ସମାଜ ସମ୍ପାଦକ ଅବନୀ କହଁର, ପଂଚାନନ କହଁର, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଣବ ମଣ୍ଡଳ, ପିତାମ୍ବର ମିଶ୍ର, ମଧୁସୁଦନ ସାହୁ, ପ୍ରଶନ୍ନ କୁମାର ପଣ୍ଡା, ବଂଶୀଧର ପଣ୍ଡା, ଅଧ୍ୟାପକ ଦୁଷ୍ମନ୍ତ ମାର୍ଥା, ଅଚ୍ୟୁତାନନ୍ଦ ସେଠୀ, କ୍ଷିତିଶ ମଲିକ, ଶିବ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ମିଶ୍ର, ଅମୀୟ ଦାସ, ପ୍ରମୋଦ ସାହୁ, ମୋହନ ପ୍ରଧାନ, ରାଜୁ ପାଢ଼ୀ, ସୋମନାଥ ସାହୁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୫ ନଂ ଜୋନ ଜିଲ୍ଲା ପରିଷଦ ଉପ ନିର୍ବାଚନ ପାଇଁ ବିଜେପିର ପ୍ରଚାର ଜୋରଦାର

ଧର୍ମଶାଳା, ୨୯/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନ ଜିଲା ପରିଷଦ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ବିଜେପି ଆଜି ଘର ଘର ବୁଲି ନିଜ ଦଳ ସପକ୍ଷରେ ଭୋଟ ଭିକ୍ଷା କରିଛି । ଆଜି ବିଜେପି ସମର୍ଥୀତ ପ୍ରାର୍ଥୀ ମହେଶ୍ୱର ତରାଇ ନିଜ ସମର୍ଥକଙ୍କ ସହ ଧର୍ମଶାଳା ବ୍ଲକ କୋଟପୁର ପଂଚାୟତର ବିଭିନ୍ନ ଗ୍ରାମରେ ଘର ଘର ବୁଲି ବୃଦ୍ଧବୃଦ୍ଧାଙ୍କଠାରୁ ଆର୍ଶିବାଦ ନେଇ ନିଜ ସପକ୍ଷରେ ଭୋଟ ଦେବାପାଇଁ ନିବେଦନ କରିଛନ୍ତି । ଏହି ପ୍ରଚାରରେ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତି ରେଖା ପହି ଓ ବରିଷ୍ଠ ବିଜେପି ନେତା ରବିନାରାୟଣ ବେହେରା ସାମିଲ ହୋଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଶାସନ,ସେବା ସୁଶାସନ ଓ ଗରୀବ କଲ୍ୟାଣ ଯୋଜନା ଗୁଡିକୁ ଭୋଟରମାନଙ୍କୁ ଅବଗତ କରାଇ ନିଜ ଦଳ ସପକ୍ଷରେ ଭୋଟ ଦେବା ପାଇଁ ଭୋଟର ଭାଇ ଭଉଣୀମାନଙ୍କୁ ନିବେଦନ କରିଥିଲେ । ବିଭିନ୍ନ ସ୍ଥାନରେ ବିଜେପିକୁ ସମର୍ଥନ ମିଳୁଥିବା ବେଳେ ଏହି ଉପନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବା ନେଇ ପ୍ରାର୍ଥୀ ଓ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ପ୍ରଚାର ସମୟରେ ବିଜେପିର ବହୁ ବରିଷ୍ଠ ନେତା ଓ ଯୁବନେତା ସାମିଲ ହୋଇଥିଲେ ।

# ଉପନିର୍ବାଚନ ପ୍ରଚାର ପାଇଁ ଧର୍ମଶାଳା ବିଜୁ ଯୁବ ଜନତା ଦଳ ସାମିଲ

ଧର୍ମଶାଳା, ୨୯/୦୭ (ନି.ପ୍ର): ଅଗଷ୍ଟ ମାସ ୯ ତାରିଖ ଦିନ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନରେ ଜିଲା ପରିଷଦ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବରୁ ବିଜେଡି ସମର୍ଥୀତ ପ୍ରାର୍ଥୀ ଭାଗଧର ସେଠୀଙ୍କ ଅକାଳ ବିୟୋଗ ପରେ ଚକ୍ରଧର ବେହେରାଙ୍କୁ ଏହି ଆସନରେ ବିଜେଡି ସମର୍ଥନରେ ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛି । ଏନେଇ ଧର୍ମଶାଳା ବିଜେଡି ତାର ପ୍ରଚାର ଓ ପ୍ରସାର ଜୋରଦାର କରିଛି । ଏହି ପ୍ରଚାରକୁ ଆହୁରୀ ଲୋକଙ୍କ ନିକଟତର ହେବା ପାଇଁ ଧର୍ମଶାଳା ବିଜୁ ଯୁବ ଜନତା ଦଳ ସାମିଲ ହୋଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶ କ୍ରମେ ଆଜି ଯୁବ ଜନତା ଦଳର ସମସ୍ତ କର୍ମକର୍ତା ସାମିଲ ହୋଇ ୧୫ ନଂ ଜୋନର ଦେଓଦା ପଂଚାୟତ ବାସୁଦେବପୁରସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକତ୍ର ହୋଇ ଦଳ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ଧର୍ମଶାଳା ବିଜୁ ଯୁବ ଜନତା ଦଳର ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ କର୍ମକର୍ତା ଓ ଯୁବ ନେତା ସାମିଲ ହୋଇ ବାସୁଦେବପୁର କୁମ୍ଭାର ସାହି ଓ ଦେଓଦା ଗ୍ରାମ ପରିକ୍ରମା କରି ଘରଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ପ୍ରିୟତା ଓ ଧର୍ମଶାଳା ବିଧାୟକଙ୍କ ବିକାଶ ମୂଳକ କାର୍ଯ୍ୟକୁ ଭୋଟରଙ୍କ ନିକଟରେ ପଂହଚି ନିଜ ଦଳ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏବଂ ପ୍ରତି ଘରେ ଘରେ ଦଳୀୟ ଷ୍ଟିକରିଂ ଲଗାଇ ଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସମ୍ପାଦକ ସୁବ୍ରତ ଧଳ, ଦେଓଦା ସରପଂଚ ଆତୁଳାନନ୍ଦ ମଲିକ, ସମିତିସଭ୍ୟ ଅନନ୍ଦ ଚରଣ ତରାଇ,ପଂଚାୟତ ସଭାପତି ନିତ୍ୟାନନ୍ଦ ମହାନ୍ତି,ଯୁବ ସଭାପତି ଶ୍ର୍ୟମସୁନ୍ଦର ବେହେରା, ଛାତ୍ର ସଭାପତି ସୌମ୍ୟ ରଂଜନ ନାଥ,ଅରୁଣ ମଲିକ, ଦାମୋଦର ମଲିକ,ଉଦିତ୍ ମହାନ୍ତି ଓ ସନ୍ତୋଷ ସାହୁଙ୍କ ସମେତ ବହୁ ଯୁବ ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ଅବକାରୀ ବିଭାଗର ଚଢାଉ: ୨ଗିରଫ

ଖଇରା, ୨୯/୦୭ (ନି.ପ୍ର): ବାଲେଶ୍ୱର ଜିଲା ଅବକାରୀ ବିଭାଗର ଏକ ଭ୍ରାମ୍ୟମାଣ ଟିମ ଶନିବାର ସକାଳେ ଖଇରା ଓ ସୋର ଅଞ୍ଚଳରେ ଚଢାଉ କରି ବ୍ୟାପକ ଦେଶୀ ମଦ ଜବତ କରିଛନ୍ତି । ଏଥିରେ ସଂପୃକ୍ତ ଥିବା ଖଇରା ବଜାର ର ବାବୁଲି ସାହୁ ଓ ସୋର ଅଞ୍ଚଳର ଜିତେନ୍ଦ୍ର ଜେନାଙ୍କ ନାମରେ ୨ଟି ମାମଲା (୧୨୨,୧୨୩/୨୦୨୩-୨୪)ରୁଜୁ କରାଯିବା ସହ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜିତେନ୍ଦ୍ର ଜେନାଙ୍କ ନିକଟରୁ ୪୦ଲିଟର ଓ ବାବୁଲି ସାହୁଙ୍କ ନିକଟରୁ ୭୦୦ଲିଟର ମଦ ଜବତ କରାଯାଇଛି । ଆଇଆଇସି ଭକ୍ତ ଚରଣ ସ୍ୱାଇଁ,ଏସ୍ଆଇ ମଙ୍ଗଳ ସିଂ,ବିଦ୍ୟାଧର ବିନ୍ଧାଣି,ସୃଷ୍ଟିଧର ଦେଉରୀ ପ୍ରମୁଖ ସାମିଲ ଥିଲେ ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)

॥ ଚାରି ॥

ଋଷି ବିଶ୍ୱାମିତ୍ରଙ୍କ ଆଶ୍ରମକୁ ତାଡ଼କା ନାମକ ଅସୁରୀ, ତାର ପୁତ୍ର ସୁବାହୁ, ମାରିଚ ମିଶି ଧ୍ୱସ୍ତବିଧ୍ୱସ୍ତ କରି ଦେଉଥିଲେ । କୌଣସି ଯୋଦ୍ଧା ସେମାନଙ୍କୁ ଯୁଦ୍ଧରେ ପରାଜିତ କରିପାରୁ ନଥିଲେ । ଆଶ୍ରମର ମୁନିଋଷିଙ୍କ ଉପରେ ସେମାନେ ଅତ୍ୟାଚାର କରୁଥିଲେ । ତାଙ୍କ ଯଜ୍ଞକୁଣ୍ଡକୁ ନାନା କୁତ୍ସିତ ଦ୍ରବ୍ୟ ମାନ ଫିଙ୍ଗି ଯଜ୍ଞ ଭ୍ରଷ୍ଟ କରୁଥିଲେ । ଅନେକ ନିରପରାଧ ଲୋକଙ୍କୁ ସେମାନେ ପିଟିପିଟି ମାରି ଦେଉଥିଲେ । ଯିଏ ତାଙ୍କର ପ୍ରତିବାଦ କରୁଥିଲା ତାର ମୃତ୍ୟୁ ସୁନିଶ୍ଚିତ । ତାଡ଼କାର ଅତ୍ୟାଚାରରେ ଅତିଷ୍ଠ ହୋଇ ମୁନିଋଷି ମାନେ ଯଜ୍ଞାଦି କର୍ମ ଛାଡ଼ି ଦେଇଥିଲେ । ଅନେକେ ଆଶ୍ରମ ଛାଡ଼ି ପଳାଇ ଯାଉଥିଲେ । ତାଡ଼କା ତଥା ତାର ପୁତ୍ରମାନଙ୍କର ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ଋଷିଶ୍ରେଷ୍ଠ ବିଶ୍ୱାମିତ୍ର ଅଯୋଧ୍ୟାରୁ ରାମ, ଲକ୍ଷ୍ମଣ ଦୁଇ ଭାଇଙ୍କୁ ଡକାଇ ଆଣିଥିଲେ। ତୁ ଜାଣିଛୁ ଅପା, ମାତ୍ର ଅଳ୍ପ କେଇ ମୁହୂର୍ତ୍ତ ତାଙ୍କ ସହ ଲଢ଼ି ରାମଚନ୍ଦ୍ର ତାଡ଼କାର ପ୍ରାଣର ଅନ୍ତ ଘଟାଇଥିଲେ । ସେଭଳି ମାୟାବିନୀ, ପରାକ୍ରମ ଶାଳିନୀ ଅସୁରୀକୁ ଯିଏ ଗୋଟାଏ ଶରସନ୍ଧାନ କରି ବିନାଶ କରି ଦେଇପାରିଛନ୍ତି, ସେ କ’ଣ ଶିବଧନୁ ଭାଂଗିବାକୁ ଅକ୍ଷମ ହେବେ ଅପା!

ଉର୍ମିଳା! ଏ କଥା କ’ଣ ସତ୍ୟ ।

ସାରା ମିଥିଳାରେ ବର୍ତ୍ତମାନ ଏହିକଥା ଚର୍ଚ୍ଚା ହେଉଛି ଅପା । ଖାଲି ଯେ ଚର୍ଚ୍ଚା ହେଉଛି ତାହା ନୁହେଁ ଅପା । ବୀର ରାମଙ୍କୁ ଦେଖିବାପାଇଁ ମିଥିଳାର ନରନାରୀମାନେ ଧାଡ଼ି ବାନ୍ଧି ରାଜବାଟୀକୁ ଆସୁଛନ୍ତି । ତାଙ୍କ ରୂପଗୁଣର ପ୍ରଶଂସାରେ ଉଚ୍ଛୁଳି ପଡୁଛି ମିଥିଳା। ମହାଆନନ୍ଦରେ ଲୋକେ ତାଙ୍କୁ ଅଭ୍ୟର୍ଥନା କରୁଛନ୍ତି । କିଏ ତାଙ୍କ ଉପରକୁ ପୁଷ୍ପଚନ୍ଦନ ଫିଙ୍ଗୁଛି ତ, କିଏ ତାଙ୍କ ମସ୍ତକରେ ଚନ୍ଦନ କସ୍ତୁରୀର ତିଳକ ଆଙ୍କି ଦେଉଛି । କିଏ ଫୁଲମାଳଟିଏ ତାଙ୍କ ଗଳାରେ ଲମ୍ବାଇ ଦେଉଛି। ମିଥିଳାପୁରବାସୀ ମାନେ ସ୍ୱୟମ୍ବର କଥା ଭୁଲିଯାଇ ନୟନାଭିରାମଙ୍କୁ ଦେଖିବାରେ, ତାଙ୍କ ସେବା କରିବାରେ ନିଜକୁ ହଜାଇ ଦେଇଛନ୍ତି । ଏ ଦୃଶ୍ୟ ଦେଖି ମିଥିଳାକୁ ଆସିଥିବା ଅନ୍ୟ ରାଜା ରାଜକୁମାରମାନେ ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି । କିଏ ଏହି ରାମ। ଏତେ ସୁନ୍ଦର ଗୁଣବନ୍ତ, ରୂପବନ୍ତ, ଧନୁର୍ଦ୍ଧାରୀ ପୁରୁଷଙ୍କୁ ସେମାନେ କେବେ ଦେଖି ନଥିଲେ। ମିଥିଳାର ନରନାରୀ, ମିଥିଳାକୁ ଆସିଥିବା ଅତିଥି, ରାଜ କର୍ମଚାରୀ, ରାଜନ୍ୟବର୍ଗ ସମସ୍ତେ ଚକିତ । ସମସ୍ତେ ଧାରଣା କରିନେଲେଣି ରାମ ହିଁ ହେବେ ଜନକ ନନ୍ଦିନୀର ଭର୍ତ୍ତା ।

ଉର୍ମିଳା ତୁଣ୍ଡରୁ କଥା ନେଇ ମାଣ୍ଡବୀ କହି ପକାଇଥିଲା, ଉର୍ମିଳା, ତୁ ସେହି ରାମଙ୍କ ରୂପ, ଗୁଣର ବର୍ଣ୍ଣନା କରୁଥା । ସେ ତ ଶିବଧନୁ ଭାଂଗି ଅପା-ଗଳାରେ ବରଣମାଳା ଦେଇ ଅଯୋଧ୍ୟାକୁ ନେଇ ଯିବେ । ଆମେ ତିନି ଭଉଣୀ ଅନାଥ ହୋଇଯିବୁ । ଅପା ବିହୁନେ ଆମେ କେମିତି ଦିନ କାଟିବୁ ।

ମାଣ୍ଡବୀ କଥା ଶୁଣି ଅଧରରେ ସ୍ମିତହସର ଗାରଟିଏ ଟାଣି ମୁଁ କହିଥିଲି, ତୁ ମନ ଦୁଃଖ କରନା ମାଣ୍ଡବୀ । ମୁଁ ଶୁଣିଛି ରାଜା ଦଶରଥଙ୍କର ଚାରିପୁତ୍ର । ବଡ଼ରାମଙ୍କ ବ୍ୟତୀତ ଆଉ ଯେଉଁ ତିନିଜଣ ରହିବେ ସେ ତିନିଜଣଙ୍କୁ ତୁମେ ତିନିହେଁ ଭାଗ କରିନେବ ।

ଅପା.... ଖିଲିଖିଲି ହୋଇ ହସି ଉଠିଥିଲେ ମାଣ୍ଡବୀ, ଶ୍ରୁତକୀର୍ତ୍ତି ଆଉ ଉର୍ମିଳା । ତାଙ୍କୁ ହସି ଉଠିବାର ଦେଖି ମୁଁ କହିଥିଲି, ମୁଁ ସତ କହୁଛି ମାଣ୍ଡବୀ ସେ ଯଦି ଶିବଧନୁ ଭାଂଗି ମୋତେ ବରଣ କରନ୍ତି, ମୁଁ ପିତାଙ୍କୁ କହି ଯେମିତିବି ହେଉ ଅନ୍ୟ ତିନିଭାଇଙ୍କ ସହିତ ତୁମକୁ ଛନ୍ଦିଦେବି । କାଲି ରାଜଦାଣ୍ଡରେ ଆଗପଛ ହୋଇ ଦୁଇଭାଇ ଆସୁଥିବାବେଳେ ମୁଁ ଶ୍ୟାମଙ୍ଗ ପୁରୁଷ ଧନୁର୍ଦ୍ଧର ରାମଙ୍କୁ ପତିପଦରେ ବରଣ କରିଥିବାବେଳେ ତାଙ୍କ ଅନୁଜ ଲକ୍ଷ୍ମଣ ପାଇଁ ଉର୍ମିଳାକୁ ବାଛିସାରିଛି। ବାକି ରହିଲ ତୁମେ ଦୁଇଜଣ । ତୁମେ ଦୁଇଜଣ ଆଉ ଦୁଇଜଣଙ୍କ ହାତ ଧରିବ। ଆମେ ସମସ୍ତେ ସାଂଗ ହୋଇ ଅଯୋଧ୍ୟା ଯିବା।

ଅପା ! ତିନିଭଉଣୀ ଯାକ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଅନାନ୍ତେ ମୁଁ କହିଥିଲି, “ବିଧାତା ଆମ କପାଳରେ ଏହାହିଁ ଲେଖିଛି ବୋଲି ମୋର ମନେହେଉଛି । ତାହା ହୋଇନଥିଲେ ଆମେ ଚାରିଭଉଣୀକୁ ସେ ଚାରିଭାଇ ହୋଇଥାନ୍ତେ କେମିତି ?

ମୋ କଥା ଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇ ପଡୁଥିବାବେଳେ ଦାସୀ ଆସି ସମ୍ବାଦ ଦେଇ ଗଲା ଦେବୀ ଉର୍ମିଳା, ମାଣ୍ଡବୀ । ରାଜମାତା ଆଜ୍ଞା ଦେଲେ ଖୁବ୍ ଶୀଘ୍ର ଦେବୀ ସୀତାଙ୍କୁ ଏଠାରୁ ନେଇ ସ୍ନାନମଣ୍ଡପକୁ ଯାଅ । ସ୍ନାନପରେ ତାଙ୍କୁ ସିଙ୍ଗାର କରାଯିବ । ଋଷି ବିଶ୍ୱାମିତ୍ର ଖବର ପଠାଇଛନ୍ତି, ଯଜ୍ଞ କାର୍ଯ୍ୟ ଶେଷ ହୋଇଯାଇଛି । ଆଉ ଅଳ୍ପସମୟ ପରେ ସ୍ୱୟମ୍ବର କାର୍ଯ୍ୟ ଆରମ୍ଭ ହେବ । ସ୍ୱୟମ୍ବର ସ୍ଥଳକୁ ଦେବୀ ସୀତା ଗଲେ ଯାଇ ତାହା ସମ୍ଭବ ହେବ । ଏଣୁ କାଳବିଳମ୍ବ ନକରି ତାଙ୍କୁ ସ୍ନାନମଣ୍ଡପକୁ ନେଇ ଯାଅ ।

ଦାସୀ କଥା ଶୁଣି ମୋର ତିନିଭଉଣୀ ମିଶି ମୋ ହାତଧରି ମୋତେ ଆଣି ସ୍ନାନମଣ୍ଡପରେ ବସାଇ ଦେଇଥିଲେ ।

ଜଣଜଣ କରି ପୁରନାରୀମାନେ ଆସି ମୋ ଶରୀରରେ ତୈଳ ହରିଦ୍ରାର ପ୍ରଲେପ ଦେଇ ମୋତେ ସ୍ନାନ କରାଉଥା’ନ୍ତି । ମୋର ଭଉଣୀମାନେ ହସିହସି କହୁଥାନ୍ତି କାହିଁକି ମୋ ଅପା ଅଂଗରେ ହଳଦୀ ଲେପୁଛ । ସେ ତ ହଳଦୀ ବରଣା । ହଳଦୀ ସେ ରଂଗ ଦେଖି ଫିକା ପଡ଼ିଯାଉଛି । ଆମ ଲବଣୀପିତୁଳା, ଶିରୀଷ ମୃଦୁଳା, ଚମ୍ପକ ବରନା ଅଂଗରେ ଜଣଜଣ କରି ହଳଦୀ ଲେପି ତାକୁ ଆଉ କଷ୍ଟଦିଅ ନାହିଁ ।

ହଳଦୀ ମର୍ଦ୍ଦନ ପରେ ସୁଗନ୍ଧିତ ଜଳରେ ମୋତେ ସ୍ନାନ କରାଇ ଦେଇ ଦାସୀ ପରିଚାରୀକାମାନେ ଶୃଙ୍ଗାର ଗୃହକୁ ନେଇ ଯାଉଥିଲେ । ସେଠାରେ ଥିବା ବେଶକାରିଣୀମାନେ ମୋତେ ସଜାଇବାକୁ ଲାଗିପଡ଼ିଥିଲେ । ମୋର ସାନ ତିନିଭଉଣୀ ମିଶି ଅପାକୁ ଆମର ଭଲବେଶ ପରିପାଟୀରେ ସଜାଇ ଦିଅ ବୋଲି କହୁଥାନ୍ତି । ସୁବାସିତ ତୈଳରେ କେଶ ମର୍ଦ୍ଦନ କରି ସୁନ୍ଦର ଜୁଡ଼ାଟିଏ ବସାଇ ଦେଇଥିଲେ ସେମାନେ । ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ତହିଁରେ ଖଞ୍ଜି ଦେଇଥିଲେ ଧବଳ ପୁଷ୍ପର ହାର । ବେଶକାରିଣୀଟିଏ ନେତ୍ରଯୁଗଳରେ ଆଙ୍କି ଦେଇଥିଲା କଜଳର ଗାର । ଅଧରରେ ରଞ୍ଜି ଦେଇଥିଲା ତାମ୍ବୁଳ ରଂଗ । କର୍ଣ୍ଣରେ ଖଞ୍ଜିଦେଲା କର୍ଣ୍ଣ ଅବତଂଶ । ମସ୍ତକରେ ସୁବର୍ଣ୍ଣର ସିନ୍ଥି । କପାଳରେ ପିନ୍ଧାଇ ଦେଲା ଟୋପିଟୋପି କସ୍ତୁରୀ କୁଙ୍କୁମର ଟିପା। ମୋର ସେ ରୂପକୁ ଦେଖି ଉର୍ମିଳା କହିଥିଲା ଦେଖିଲୁ ଦେଖିଲୁ ମାଣ୍ଡବୀ, ଅପାର ମୁଖଟି ଆଜି କେମିତି ସୁନ୍ଦର ଦେଖାଯାଉଛି । ଅପାର କେଶପାଶ କି ରୂପଧାରଣ କରିଛି ?

ଉର୍ମିଳାର କଥା ନସରୁଣୁ ମାଣ୍ଡବୀ କହିଥିଲା ଉର୍ମିଳା ମୋତେ କ’ଣ ଲାଗୁଛି ଜାଣୁ ? ଅପାର ମୁଖ ଏତେ ସୁନ୍ଦର ଦେଖାଯାଉଛି ଯେ ସତେଯେମିତି ବାରମାସର ବାରପୂର୍ଣ୍ଣିମାର ଚନ୍ଦ୍ର ଏକତ୍ର ହୋଇ ଜ୍ୟୋତି ସବୁକୁ ଅପା ମୁଖରେ ବର୍ଷି ଦେଉଛନ୍ତି । ଅପାର ଚନ୍ଦ୍ରମୁଖକୁ ଦେଖି ଦୁଷ୍ଟ ରାହୁ ତାକୁ ଗ୍ରାସ କରିବାକୁ ଧାଇଁ ଆସୁଛି।

ଉର୍ମିଳା ତୁଣ୍ଡରୁ କଥା ନସରୁଣୁ ଶ୍ରୁତକୀର୍ତ୍ତି କହିଥିଲା ଉର୍ମିଳା ! ତୋର ବର୍ଣ୍ଣନା ମୋ ମନକୁ ଛୁଇଁଲା। ଅପାର ମୁଖକୁ ତୁ ବାରଚନ୍ଦ୍ରର ଜ୍ୟୋତ୍ସ୍ନା ସହ ତୁଳନା କଲୁ ଏହା ସତ, ହେଲେ ଏଠାରେ ରାହୁ କିଏ ? ରାହୁ ପୁଣି ଅପା ମୁଖକୁ ଆସିଲା କେମିତି ?

ଶ୍ରୁତକୀର୍ତ୍ତି କଥା ଶୁଣି ହସିହସି ଉର୍ମିଳା କହିଥିଲା ଆଲୋ ବୋକୀ ! ଅପା ମୁଖ ଯଦି ଚନ୍ଦ୍ର ହୁଏ, ତାର କେଶ ଜୁଡ଼ା ରାହୁଭଳି ଦେଖାଯାଉଛି । ଏକଥା ସମସ୍ତେ ଜାଣନ୍ତି ପୂର୍ଣ୍ଣିମାରେ ଚନ୍ଦ୍ରରେ ଗ୍ରହଣ ଲାଗେ। ଚନ୍ଦ୍ରରେ ଅମୃତ ପୂର୍ଣ୍ଣ ହୋଇରହିଛି । ସେହି ଅମୃତ ପାନପାଇଁ ରାହୁ ଚନ୍ଦ୍ରକୁ ଗ୍ରାସ କରିଥାଏ । ତୋ କଥା ମୁଁ ବୁଝିପାରିଲି ଉର୍ମିଳା । ଅପାର ମୁଖ ହେଲା ଚନ୍ଦ୍ର, ତାର ଜୁଡ଼ା ହେଲା ରାହୁ ହେଲେ ଏଠାରେ ଅମୃତ କିଏ ?(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର

# ଶୃଙ୍ଖଳିତ ପରିବାର ଗଠନ ଓ ନାରୀ

### ପ୍ରଦୀପ୍ତ ଆଚାର୍ଯ୍ୟ

ସମାଜରେ ଆଜି ଯେତେ ମହିଳା ଦିବସ ପାଳନ, ନାରୀ ସଶକ୍ତି କରଣର ନାରାବାଜି ଦେଲେ ମଧ୍ୟ, ଏଯାବତ୍ ପରୁଷ ପ୍ରାଧାନ୍ୟ ସମାଜରେ, ନାରୀ ଅସୁରକ୍ଷିତ ଏବଂ ନିର୍ଯାତିତା ଏହା ଶତ ପ୍ରତିଶତ ସତ୍ୟ। ଯୌନ ଉତ୍ପୀଡନ ଓ ହିଂସା ନିମନ୍ତେ ମୁଖ୍ୟତଃ ପୁରୁଷ ମାନେ ଦାୟୀ ହେଲେ ମଧ୍ୟ, ଝିଅ ମାନଙ୍କର ଅସହାୟତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ, ତାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରି, ସେମାନଙ୍କୁ ସାମାନ୍ୟ ଅର୍ଥ ପ୍ରଦାନ କରି, ନିଜେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାରେ, ରାଣୀ ମହୁମାଛିଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। ପାରିବାରିକ ନାରୀ ନିର୍ଯାତନା କ୍ଷେତ୍ରରେ ପୁରୁଷ ମାନଙ୍କ ଅପେକ୍ଷା, ନାରୀ ମାନେ ଅଧିକ ସକ୍ରୀୟ ବୋଲି ପ୍ରତୀୟମାନ। ନିଜର ପିଲା ମାନଙ୍କୁ ଭୋଜନରେ ଆପ୍ୟାୟିତ କରି, ନିଜେ ଖାଦ୍ୟ ଗ୍ରହଣ ନକରି ମଧ୍ୟ, ଯିଏ ଆତ୍ମତୃପ୍ତି ଅନୁଭବ କରେ , ସିଏ ହେଉଛି ମାଆ। କରୁଣାମୟୀ ସ୍ନେହମୟୀ ଜନନୀ। ପୃଥିବୀ ପୃଷ୍ଠରେ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। କିନ୍ତୁ ଅନେକ ସମୟରେ, ଅଧିକାଂଶ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ସମୟ ଥିଲା, ଯେତେବେଳେ କନ୍ୟାଟିଏ, ନବବଧୂ ପଦକୁ ଉତୀର୍ଣ୍ଣ ହେଉଥିଲା, ସେତେବେଳେ ଶାଶୁ ଓ ନଣନ୍ଦ ଶବ୍ଦ ପ୍ରତି ତାର ଅହେତୁକ ଭୟ ଏବଂ ଆଶଙ୍କା ଥିଲା। ଏବେ କିନ୍ତୁ ସମୟ ପରିବର୍ତନ ହୋଇଯାଇଛି, ଶାଶୁ ଆଶଙ୍କାଗ୍ରସ୍ତ, ବୋହୂଟି କେମିତି ପଡିବ, ମୋ କଥା ମାନିବ ତ ? ବୋହୂଟିର ପତି, ଦେବର ଓ ଶ୍ୱଶୁରଙ୍କ ପ୍ରତି ତୁଳନାତ୍ମକ ଭାବରେ କମ ଭୟ ପରିଲକ୍ଷିତ ହୁଏ। ନାରୀ ତ ସହନଶୀଳା, ସମ୍ବେଦନଶୀଳା, ଧୈର୍ଯ୍ୟଶୀଳା। ତେବେ ବୋହୁଟିର ଶାଶୁ ଓ ନଣନ୍ଦଙ୍କ ପ୍ରତି ଏ ଅହେତୁକ ଭୟର କାରଣ କଣ ? ଅତୀତରେ ଯେତେ ଯୌତୁକ ଜନିତ ବା ପାରିବାରିକ ଅବୁଝାମଣା ଜନିତ ବୋହୁ ପୋଡି ଘଟଣା ସଂଘଟିତ ହୋଇଅଛି, ପ୍ରାୟ ଅଧିକାଂଶ ଘଟଣାରେ ସ୍ୱାମୀ ଶ୍ୱଶୁରଙ୍କ ସଂପୃକ୍ତି, ନଣନ୍ଦ ଓ ଶାଶୁମାନଙ୍କ ଭୂମିକା ଠାରୁ ଗୌଣ ବୋଲି ପ୍ରମାଣିତ ହୋଇଅଛି। ନାରୀ ମାନେ ନଚାହିଁଲେ କନ୍ୟାଭ୍ରୂଣ ହତ୍ୟା ସାକାର ହେବା ସମ୍ଭବ ହେବ ନାହିଁ। କନ୍ୟା ସନ୍ତାନର ଅନାଗତ ଭବିଷ୍ୟତ, ଯୌତୁକ ଯୋଗାଡର ଭୟ, ପୁରୁଷପ୍ରାଧ୍ୟାନ ସମାଜରେ କନ୍ୟାମାନଙ୍କ ପ୍ରତି ପ୍ରଦର୍ଶିତ ଅବହେଳା ପରି କାରଣ ଯୋଗୁ, ନାରୀ ମାନେ ମଧ୍ୟ କନ୍ୟାଭ୍ରୂଣ ହତ୍ୟା କରିବାକୁ ସହମତି ପ୍ରକାଶ କରୁଛନ୍ତି। ଏବେତ ନାରୀ ମାନଙ୍କ ସୁରକ୍ଷା ନିମନ୍ତେ ଯୌତୁକ ନିରୋଧ ତଥା କନ୍ୟାଭ୍ରୂଣ ହତ୍ୟା ବିରୁଦ୍ଧରେ ଆଇନ ପ୍ରଣୟନ କରାଯାଇଛି। ସାହସର ସହିତ ନାରୀମାନେ ଏସବୁ ନିୟମର ସଦୁପଯୋଗ କରିପାରିବେ। କେବଳ ମାନସିକତାର ପରିବର୍ତନ ଲୋଡା। ନାରୀଟିଏ କନ୍ୟାଭ୍ରୂଣ ହତ୍ୟା ନିମନ୍ତେ ସହମତି ପ୍ରକାଶ କରିବା, କଣ ନାରୀ ଜାତି ପ୍ରତି ଶତ୍ରୁତା ନୁହେଁ ?ଏପର୍ଯ୍ୟନ୍ତ ସମାଜରେ ମାତାଟିଏ କନ୍ୟା ଅପେକ୍ଷା ପୁତ୍ର ସନ୍ତାନ ପ୍ରତି ଅଧିକ ସ୍ନେହଶୀଳା ପରି ପ୍ରତୀୟମାନ। ଯେଉଁ ନାରୀଟି କନ୍ୟା ପାଖରେ ମାତା, ସେହି ନାରୀଟି ବୋହୁ ପାଖରେ ଶାଶୁ, କିନ୍ତୁ ଉଭୟଙ୍କ ପ୍ରତି ବ୍ୟବହାର ପ୍ରଦର୍ଶନରେ ଆକାଶ ପାତାଳ ତଫାତ୍ । ଶୁଣାଯାଏ, ଆଗକାଳରେ, ଶାଶୁ ଓ ନଣନ୍ଦ ମାନେ, ନବବଧୂ ପ୍ରସ୍ତୁତ କରିଥିବା ଖାଦ୍ୟ ପଦାର୍ଥରେ ଅଧିକ ଲୁଣ ମିଶାଇ, ବୋହୂର କିଛି ଭୁଲଭାଲ୍ ହେଲେ, ତୋ ମା କଣ ତୋତେ ଏଇଆ ଶିଖାଇଥିଲା କହି, ବୋହୁର କୌଣସି ଜିନିଷର ଆବଶ୍ୟକତା ପଡିଲେ, ତୋ ବୋପାକୁ କହୁନୁ ଆଣିଦେବ କହି, ମାନସିକ ନିର୍ଯ୍ୟାତନା ଦେଉଥିଲେ। ସାମାଜିକ ପରିବର୍ତନ ପରିପ୍ରେକ୍ଷୀରେ, ଏହା ଅନେକାଂଶରେ ହ୍ରାସ ପାଇଥିଲେ ମଧ୍ୟ, ତାହା ସଂପୂର୍ଣ ଲୋପ ହୋଇନାହିଁ। ଏହାକଣ ନାରୀ ଜାତି ପ୍ରତି ନାରୀର ଶତୃତା ନୁହେଁ ?। ଜ୍ୱାଇଁ ବାବୁଙ୍କୁ ସବୁବେଳେ ହାତରେ ରଖିବାକୁ, ଝିଅକୁ ପରାମର୍ଶ ଦେଉଥିବା ମାତା, ଯଦି କେବେ ଅନୁଭବ କରେ, ପୁଅଟି ବୋହୁର କୌଣସି କଥାକୁ ସମର୍ଥନ କରୁଛି, ତେବେ ‘ମାଇପବୋଲା’ ପଦବୀଟି ବିଚରା ପୁତ୍ରଟିର ଧାର୍ଯ୍ୟ। ସେହି ନାରୀ ଜ୍ୱାଇଁଙ୍କୁ କୁହନ୍ତି, ‘ବାପା,ଆମେ କଣ ତୁମର ବାପା ମାଆ ନୁହେଁ, ଆମ ଘରଆଡେ ଆସି ବୁଲାବୁଲି କରି ଯାଉଥିବ “କିନ୍ତୁ ପୁଅଟି ଯଦି ଥରକୁ ଦୁଇଥର ଶଶୁର ଘରକୁ ଗଲା, ତେବେ ମହାଭାରତ ସୁନିଶ୍ଚିତ। ଝିଅକୁ ଯଦି ଜ୍ୱାଇଁ, ସହରରେ ନିଜ କର୍ମକ୍ଷେତ୍ରକୁ ସାଙ୍ଗରେ ନେଇ ଯାଆନ୍ତି, ତେବେ ମାଆଙ୍କର ଆନନ୍ଦଟି, ପୁଅ ନିଜ କର୍ମକ୍ଷେତ୍ରକୁ ବୋହୂକୁ ନେଇଯିବା ପ୍ରସ୍ତାବରେ ଫିକା ପଡିଯାଏ ନାହିଁକି ? ବୋହୂ ମଧ୍ୟ, ନିଜ ଭଉଣୀର ପାଠପଢା, ବିବାହ ଇତ୍ୟାଦି ସମସ୍ତ ଦାୟିତ୍ୱ, ସ୍ୱାମୀ ନିର୍ବାହ କରନ୍ତୁ ବୋଲି, ଇଚ୍ଛା ପ୍ରକାଶ କରି, ସ୍ୱାମୀଙ୍କୁ ପ୍ରବର୍ତାଉଥିବା ସ୍ଥଳେ, ନଣନ୍ଦର ଭଲମନ୍ଦ ବୁଝିବା ପାଇଁ ତା ଭାଇଙ୍କୁ କଣ ପ୍ରୋତ୍ସାହିତ କରେ ? ବୋହୂଟି କାହିଁକି ତାର ଶାଶୁଙ୍କୁ ନିଜ ମାଆ ଦୃଷ୍ଟିରେ ଏବଂ ଶାଶୁଟି କାହିଁକି ତାର ବୋହୂକୁ କନ୍ୟା ଦୃଷ୍ଟିରେ ଦେଖିବାପାଇଁ ପଶ୍ଚାତପଦ ହେଉଛନ୍ତି ? ଏହା ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଝିଅଟିଏ ଯେତେବେଳେ, ଗୋଟିଏ ଦିନରେ ନିଜର ସମସ୍ତ ପ୍ରିୟଜନଙ୍କୁ ପରକରି, ସଂପୂର୍ଣ ଅଜଣା, ଅଶୁଣା ଅପରିଚିତ ଲୋକଙ୍କ ସହିତ, ସାରାଜୀବନ କଟାଇବା ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୁଏ, ସେତେବେଳେ ଶାଶୁଘର ଲୋକେ ତାର ମାନସିକତାକୁ ଅଧ୍ୟୟନ କରି, ତା ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେବା, ଏକାନ୍ତ ଆବଶ୍ୟକ। ଶାଶୁ ବୋହୂଙ୍କର ପାରମ୍ପରିକ ଅସୂୟା ଓ ବିଦ୍ୱେଷ ଭାବ ଯୋଗୁ, ସେମାନଙ୍କ ମଧ୍ୟରେ ସମତା ରକ୍ଷା କରିବାର, କଳା କୌଶଳ ଏବଂ ଚତୁରତାକୁ ଆୟତ କରିପାରିନଥିବା, ଅନେକ ଅସହାୟ ପୁତ୍ର ସାରାଜୀବନ ମାନସିକ ଅଶାନ୍ତି ଭିତରେ କାଳାତିପାତ କରୁଛନ୍ତି। ପୁଅର ବିବାହ ପୂର୍ବରୁ, ମାଆ ପୁଅଙ୍କ ମଧ୍ୟରେ ଉପୁଜୁଥିବା ଅନେକ ଅବୁଝାମଣା ଓ ଆକ୍ଷେପ, ପ୍ରତ୍ୟାକ୍ଷେପର ସହଜ ସମାଧାନ ହୋଇଯାଉଥିଲେ ମଧ୍ୟ, ବିବାହ ପରେ ତାହା ସମ୍ଭବ ହେଉନାହିଁ। ସ୍ତ୍ରୀ ଆଗରେ ମାଆ ପୁଅକୁ ବା ବୋହୂ ଆଗରେ ପୁଅ ମାଆକୁ କିଛି କହିଦେଲେ, ଉଭୟ ପକ୍ଷ କେହି ତାହା ସହଜରେ ଗ୍ରହଣ କରି ପାରୁନାହାନ୍ତି। ସମାଜରେ ଉଚ୍ଚମନା, ସ୍ନେହଶୀଳା ନାରୀଙ୍କର ଅଭାବ ନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଅଜ୍ଞତା,ଏବଂ ଈର୍ଷା, ଦ୍ୱେଷ ଅହଙ୍କାଂର ପରି, ପ୍ରକୃତିଦତ ରିପୁକୁ ଆୟତ ନକରିପାରିବା ଯୋଗୁଁ , ଅନେକ ପରିବାର ଆଜି ଖଣ୍ଡ ବିଖଣ୍ଡିତ, ଅଶାନ୍ତିର ବହ୍ନି ପ୍ରଜ୍ୱଳିତ। ପରିବାର କହିଲେ, ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ପିଲା। ବୃଦ୍ଧ ପିତା ମାତା ଆଜି ଅବହେଳିତ। ପୁରୁଷମାନେ ମଧ୍ୟ ଏଥିନିମନ୍ତେ କିଛି କମ୍ ଦାୟୀ ନୁହନ୍ତି ! ଯୁଗେ ଯୁଗେ ପୁରୁଷ ନାରୀମାନଙ୍କର ବଶ୍ୟ। ନଚେତ୍ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଦେବୀଙ୍କ ଅନୁରୋଧରେ, ସ୍ୱର୍ଣମୃଗର ଅନୁଧାବନ କରିନଥାନ୍ତେ। ତେଣୁ ନାରୀମାନେ ନାରୀର ଶତ୍ରୁ ନସାଜି, ଆତ୍ମ ଅନୁଧ୍ୟାନ ପୂର୍ବକ, ପରିବର୍ତିତ ସାମାଜିକ ବ୍ୟବସ୍ଥା ସହିତ ନିଜକୁ ଖାପ୍ ଖୁଆଇ ଦେଲେ, ନିଜେ ଶାନ୍ତିରେ ରହିବା ସହିତ, “ଶାଶୁ ବୋହୂ କଳି” ପରି ଏକ ଶ୍ରୁତିକଟୁ ଉକ୍ତି, ସମାଜରୁ ଲୋପ ପାଇ ପାରନ୍ତା,ଏହା ନିଃସନ୍ଦେହ।

+ ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

## ଆମ ସମୟର କବିତା .....



### ॥ ସତ୍ୟ ॥

**ନକୁଳ ଚଂଦ୍ର ସାହୁ**

ସତ୍ୟର ଓଢ଼ଣି ରହିତ ମୁହଁ
ତମେ ଦେଖିଚ
ଆବଦ୍ଧହୀନ ଶୂନ୍ୟର ଆକୃତି
ସତ୍ୟ ଅନନୁଭବ୍ୟ ଗଭୀରତା ଯେମିତି !

ଗୋଟିଏ ଶୂନ୍ୟସ୍ଥାନ
ବିପୁଳ ସ୍ପିରିଚୁଆଲ୍
ଈଶ୍ୱରଂକ ରହସ୍ୟମୟ ଅସ୍ତିତ୍ୱ
ଗୋଟିଏ ମିରାକେଲ୍‌ର ଚିତ୍ର !

ପ୍ରାଣକୁ ମୁକୁଳା କରେ
ଅସୀମର ବାହୁ ଯୋଡ଼ିକ
ହେ କି ବିସ୍ମୟକର ଆର୍ଟ
ଯେମିତି ନବ ଜନ୍ମିତ ଶବ୍ଦ !

ଜାଗ୍ରତ ପ୍ରକୃତି
ଦେଖୁଚି ଏବଂ ଅନୁଭବ କରୁଛି
କିଛି ତାକୁ ଚଦରରେ ଆଚ୍ଛାଦିତ କରିଛି
ଉତ୍ତରଣର ଊର୍ଦ୍ଧ୍ୱରେ ପ୍ରତିଷ୍ଠା ଭ୍ରମଣ କରୁଛି !

ଅନାଚ୍ଛାଦିତ ଇଚ୍ଛା
ମନର ଝର୍କା ଦେଇ ଦେଖୁଛି ତାରକା
ନୀଳନୀଳ ତାରକାଙ୍କ ମୁକ୍ତା
ସେମାନେ କଣ ଲୁଚିଥିବା ଠୋପା ଠୋପା ବର୍ଷା ?

ସତ୍ୟକୁ ଡାକି ଆଣିବେ
ଯେମିତି ବରଧରାଟିଏ ଡାକି ଆଣିଥାଏ
ଘରର ଜାମାତାକୁ ?
ଅକଲ୍‌ଟ ମନା କରେ ମିରାକେଲ୍‌କୁ !

♥ ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬



### ॥ ବର୍ଷା-୪ ॥

**ସୁରେନ୍ଦ୍ର ପାଣିଗ୍ରାହୀ**

ଆଜି ପୁଣି ବର୍ଷା ହେଲା/ ଲାଗୁଥିଲା ସତେଅବା
ଚାଉଳଧୁଆ ପାଣି ରଂଗର ବର୍ଷାରେ
ପାଦରେ ଅଳତା ପିନ୍ଧି ଶାଢ଼ିଟିକୁ ସାମାନ୍ୟ
ପାଦ ଉପରକୁ ଧରି ବେଶ୍ ସଂତର୍ପଣରେ
ଚାଲୁଥିଲେ ତୁମେ...

ଏତେ ବର୍ଷା ହେଲା ପରେ ବି ତଥାପି
ନୀଳଗିରି ପାହାଡ଼ରୁ ମେଘମାନେ ତୁମ
ଗାଁ ଉପର ଦେଇ ଦଉଡୁଥିଲେ ଚାନ୍ଦିପୁର
ସମୁଦ୍ର ଆଡ଼କୁ ବୋହିଆଣିବାକୁ/
ପୋଖରୀ ପୋଖରୀ ପାଣି
ଆଉ ତାଳ ତମାଳ ବନରୁ ଶ୍ୟାମଘନ ବଉଦକୁ
ଆପଣାର ଭାବି ଆମ ଗାଁ କଣ୍ଟାବାଉଁଶ ବଣରେ
ଡାହୁକ ଓ ଧାନକିଆରୀରେ
ବେଙ୍ଗମାନେ ଗାଉଥିଲେ ମେଘ ମଲ୍ଲାର ।

ତୁମେ ମୋତେ ବାରଂବାର ହାତଠାରି ଡାକୁଥିଲ ଅବା
ଖଣ୍ଡେ ଭସାମେଘ ହେଇ ଉଡ଼ିଯିବାକୁ ତୁମେ
ସ୍ମୃତିର ସରହଦ ପାଖକୁ/ ଆଉ ଚାହୁଁଥିଲ ମୋତେ
ସଂପୂର୍ଣ୍ଣ ଭିଜେଇ ଦେବାକୁ/ ତୁମ ଶିହରିତ
ଓଦା ଓଦା ଆଲିଂଗନ ଓ ବର୍ଷା ବେହାଗରେ ।

ମୁଁ ଜାଣିଛି ତୁମେ ଗାଆଁରେ ନାହଁ ଆଉ
ତଥାପି ତୁମ ଗାଁ ଆଡ଼କୁ ଚାହିଁଲେ
ଦିଶିଯାଏ ତୁମ ମେଘବର୍ଣ୍ଣା ଶାଢି
ଆଉ ଶୁଣାଯାଏ ମୋ ମନରେ ବାଜୁଥିବା/ ଅହରହ
କଦମ୍ବ ବନର ବଂଶୀ।

ମୁଁ ବା ଆଉ ଫେରିବି କେମିତି !
ମୋତେ ତ କେବେଠୁ କାଗଜର ଡଂଗାଟିଏ କରି
ତୁମେ ଭସେଇ ଦେଇଛ ଏକ ଅଫେରନ୍ତି
ସଉଦାଗରୀରେ ।

♥ ବରୀ, ସିମୁଳିଆ, ବାଲେଶ୍ୱର
ମୋ: ୯୪୩୭୨୮୨୯୮୪





### ॥ ମାଟି ॥

**ଲତିକା ମହାପାତ୍ର**

ମାଟି ଟିକିଏ ଖୋଜୁଚି।
ଖୋଜୁଚି ତା’ର ଅନ୍ତରଙ୍ଗପଣ
ବିମୁଗ୍ଧ ଆତ୍ମୀୟତା
ଭଲ ଲାଗୁନାଇଁ କଂକ୍ରିଟର ଜଙ୍ଗଲ
ମାର୍ବଲ୍‌ଚଟାଣର କୃତ୍ରିମତା,
ଦୂରଛଡ଼ା ଢଙ୍ଗ, ହୃଦୟହୀନତା।

ଲଟେଇପାରୁନି ନିରୀମାଖି ସବୁଜ କଅଁଳଡ଼ଙ୍କ
ହଜିଯାଉଚି ବାଡ଼ି ବଗିଚାରୁ ତରାଟ,
ମନ୍ଦାର, କନିଅର
ଅପରାଜିତା,ଗୋଲାପି ଓ ହଳଦିଆ ରଙ୍ଗଣି
କରବୀ, କାଠଚମ୍ପା ଆଉ ସୁଗନ୍ଧରାଜ।

ମାଟିବିହୀନ ମାର୍ବଲ୍ ଚଟାଣର ସିମେଣ୍ଟ କୁଣ୍ଡରେ
ବାସ୍ନାହୀନ ବିଦେଶୀ ଫୁଲ
କିଏ ସେ ଚୋରୀ କରିଚି ଘରର ମଥାନରୁ
ପାଣି କଖାରୁର ଲଟା ଅଗଣାରୁ ସଜନାର ଶାଖା
ବାଡ଼ରୁ ଅପରାଜିତାର ଛଟା
କୁମାରୀ କଣ୍ଠରୁ ଖୁଦୁରୁକୁଣୀର ଗୀତ ?

ଗ୍ରାମ୍ୟ ସଡ଼କ ଯୋଜନାରେ
ମାଟି ବିହୀନ ଗ୍ରାମପଥ ଆତ୍ମାହୀନ
କେମିତି ହୃଦୟବିଦାରକ ଆମ ବଦଳିଯିବା
ମାଟିକୁ ଆମେ ହତାଦର କରିବା ପରି
ନିଜ ଦେଶେ ପରଦେଶୀ, ହତଶିରୀ
ହଜାଇଚୁ ଆତ୍ମ ଅଭିମାନ
ବିପନ୍ନ ଓ ବିଦୀର୍ଣ୍ଣ ବିଶ୍ୱାସ।

ତଳକୁ ଦବିବାକୁ ମାଟିନାଇଁ
ମାଟିର ଆଶ୍ରୟ ଆଶ୍ୱାସ ନାଇଁ
ମାର୍ବଲ୍‌ର ଚଟାଣରେ ଧକ୍କାଖାଇ
ଆମେ ଖୋଜୁଛୁ ପରିତ୍ରାଣ।

ଖୋଜୁଛୁ ଦିଗହରା, ଉଦ୍‌ଭ୍ରାନ୍ତ, ଅଶାନ୍ତ ପଥଚାରୀ
ନିରୁତା ମାଟି ପୁଳାଏ
ମହମହ, ଶୀତଳ ଓ ସ୍ନିଗ୍ଧ ନିରୋଳା ଓ ନିରାପଦ
ଥାପିବାକୁ ପାଦ, ରଖିବାକୁ ମଥା
ଲୋଟାଇଦେବାକୁ ନିଜର ବିପନ୍ନ ବ୍ୟକ୍ତିତ୍ୱ।

ମାଆ, ମାଟି ମାଆଗୋ
ଶେଷରେ କରଯୋଡ଼ି ଜଣାଉଚୁ ଆର୍ତ୍ତି
ତୁମ କୋଳେ ଆତ୍ମାପୁରୁଷ
ଲଭୁ ଚିର ଶାନ୍ତି।

+ ମାର୍ଫତ-ଅରବିନ୍ଦ ମିଶ୍ର,
କ୍ୱାଟର ନଂ-୨ଆରବି/୧୯, ସେକ୍ଟର-୧,
ତାଳଚେର ଥର୍ମାଲ, ଅନୁଗୁଳ,
ମୋ:୯୮୬୧୩୮୫୫୩୯

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୩୦ ଜୁଲାଇ ୨୦୨୩




ଗୋଟେ ଅନୁଭବର କଥା

# ପତ୍ରବନ୍ଧୁ



ବିଷ୍ଣୁ ପ୍ରସାଦ ଦାସ

ଛୟାନବେ ମସିହା ଡିସେମ୍ବର ମାସର ଏକ ଶୀତୁଆ ସଖାଳ ବିଛଣାରୁ ଉଠିପଡ଼ି ନିଜର ନିତ୍ୟ କର୍ମ ସାରି ଇଛା ବିରୁଦ୍ଧରେ କାର୍ଯ୍ୟାଳୟ ଯିବାକୁ ନିଜକୁ ପ୍ରସ୍ତୁତ କରିନେଲି । ଏଇ ଡିସେମ୍ବର ଓ ଜାନୁଆରୀ ମାସ ଦୁଇଟି ଖୁବ ଭଲ ଜଳବାୟୁ ହୋଇଥିବାରୁ ଅନେକ ବ୍ୟକ୍ତି ନୂଆ ନୂଆ ଜାଗାକୁ ବୁଲିବାକୁ ଇଛା ପ୍ରକାଶ କରିଥାନ୍ତି , ମୁଁ ମଧ ସଥିରୁ ଜଣେ ତେବେ ମୋର ଛୁଟି ମିଳିନ'ଥିବାରୁ ମନଟା ଟିକେ କେମିତି ଚିଡଚିଡା ଲାଗୁଛି । ବର୍ଷ ଯାକର ଜଂଜାଳ ଭିତରେ ଟିକେ ଛୁଟି ନେଇ ପରିବାର ବା ସାଙ୍ଗ ସାଥି ସହିତ ଦର୍ଶନୀୟ ସ୍ଥାନ ବୁଲି ଆସିଲେ ଭଲ ଲାଗେ । ମୋ'ର ସଉକ କହିଲେ ଦର୍ଶନୀୟ ସ୍ଥାନ ବୁଲିବା ଆଉ ବନ୍ଧୁତା କରିବା , ସମୟ ପାଇଲେ କିଛି କିଛି ଲେଖା ଲେଖି କରିଥାଏ, ତେବେ ଲେଖକର ସମ୍ମାନ ଆଜିଯାଏ ପାଇବା ପାଇଁ ମୋର ଯୋଗ୍ୟତା ହୋଇନାହିଁ ବୋଲି ମୁଁ ନିଜେ ଅନୁଭବ କରେ । ପିଲାବେଳୁ ଦେଶ ବିଦେଶର ସଂସ୍କୃତି, ଚାଲିଚଳନ ଓ ଚାକଚକ୍ୟ ମୋତେ ଅନେକଟା ଆକର୍ଷିତ କରିଥିଲା । ସ୍କୁଲରେ ଭୂଗୋଳ ପିରିୟଡ୍‌ଟା ମୋତେ ବେଶୀ ଭଲ ଲାଗୁଥିଲା, ବଡ଼ ପୃଥିବୀ ମାନଚିତ୍ର ଓ ବଡ଼ ଗ୍ଲୋବଟି ଦେଖାଇ ସାର୍ ତା'ଙ୍କର ସିଲାବସ ଅନୁଯାଇ ପାଠ ପଢ଼ାନ୍ତି ପିଲାଙ୍କୁ ପଏଣ୍ଟର ବାଡ଼ିରେ ବିଭିନ୍ନ ଦେଶ ଚିହ୍ନଟ କରିବାକୁ କୁହନ୍ତି, ଅନେକ ସହପାଠୀ ଭୁଲ କରି ମାଡ଼ ଖାଉଥିବା ବେଳେ ମୁଁ ସର୍ବଦା ସଠିକ ଉତ୍ତର ଦେଇ ପ୍ରିୟପାତ୍ର ହୋଇଥାଏ । ଗଣିତ ମୋତେ ଭୁତ ମାଡି ବସିଲା ପରି ଲାଗେ ତେବେବି ପଢିବାକୁ ତ' ହେବ ତେଣୁ ଦୁଇଟି ଯାକ ଗଣିତ ନେଇ ଠେଲି ପେଲି ପାସ କରେ । ହାଇସ୍କୁଲରୁ 'ପତ୍ରବନ୍ଧୁ' କରିବା ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା ଅନେକ ଦେଶ ବିଦେଶର ସମବୟସ୍କ ବାଳକ, ବାଳିକାଙ୍କ ସହିତ ବନ୍ଧୁତା କରି ମୁଁ କିଛି ସହପାଠୀଙ୍କ ନଜରରେ ଟିକେ ସ୍ୱତନ୍ତ୍ର ହୋଇ ଯାଇଥିଲି । ଜଳଖିଆ ଖର୍ଚ୍ଚରୁ କାଟି ଡାକଘରେ ଚିଠି ପଠାଇବା ଆଉ ସପ୍ତାହକ ପରେ ଡାକ ବାଲାର ଆଗମନକୁ ଚାତକ ପରି ଚାହିଁବା ମୋର ଅଭ୍ୟାସରେ ପରିଣତ ହୋଇ ଯାଇଥିଲା , ଓଃ ! ଚିଠିଟିର ଉତ୍ତର ଆଉ ସେଇ ଲଫାପାରୁ ବାହାରୁଥିବା ବାସ୍ନାକୁ ମୁଁ ମନଭରି ଉପଭୋଗ କରେ , ଦଦରା ଇଂରାଜୀରେ ମୁଁ ମୋ'ର ହୃଦୟର କଥାକୁ ଏରୋଗ୍ରାମ୍ ବା ରଙ୍ଗୀନ କାଗଜ ଉପରେ ମନଦେଇ ଲେଖି ଚାଲେ । ଆଶା ମୋ'ର ଅନେକ ଥିଲା ହୁଏତ ମୋ'ର ବନ୍ଧୁ ମୋତେ ତା'ଙ୍କ ଦେଶକୁ ଯିବାକୁ ନିମନ୍ତ୍ରଣ କରିବେ ଆଉ ମୁଁ ନୂତନ ଦେଶର ନୂତନତ୍ୱ ସହିତ ବନ୍ଧୁର ସାନିଧ୍ୟତା ପାଇ କୃତକୃତ ହେବି । ଅନେକେ ଏହାକୁ ମୋର ଦିବା ସ୍ୱପ୍ନ ଛଡା ଆଉ କିଛି ନୁହେଁ ବୋଲି କହି ହସି ଉଡାଇ ଦେଉଥିଲେ , ତେବେବି ମୋ'ର ଆଶା ବୈତରଣୀ ନଦୀ ପରି ଥିଲା ।

ହଠାତ ସହଧର୍ମିଣୀଙ୍କ ଡାକରେ ମୁଁ ପ୍ରକୃତିସ୍ଥ ହୋଇ ଉଠିଲି ତା'ଙ୍କ ହାତରୁ ଟିଫିନ ବକ୍ସ ଧରି ସିଧା କାର୍ଯ୍ୟାଳୟ ଅଭିମୁଖେ ଚାଲିଲି । ପ୍ରତିଦିନ ସାଢେ ନଟା ସୁଦ୍ଧା କାର୍ଯ୍ୟାଳୟ ପହଂଚିବା ମୋ'ର ଅଭ୍ୟାସ, ତେଣିକି ଫେରିବା ସମୟର କିଛି ଠିକ୍ ନ' ଥାଏ କେତେବେଳେ ଛଅଟା ତ' କେତେବେଳେ ପୁଣି ରାତି ଦଶଟା ସେଇଟା କାମ ଉପରେ ନିର୍ଭର କରେ । କାର୍ଯ୍ୟାଳୟ କାନ୍ଥରେ ଟଙ୍ଗା ହୋଇଥିବା ଜଗନ୍ନାଥ ମହାପ୍ରଭୁଙ୍କ ଛବିରେ ଫୁଲ ଧୂପକାଠି ଦେଇ ଅଫିସରେ ଦିନଟି କେମିତି ଭଲରେ କଟୁ ଭଗବାନଙ୍କୁ ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିଥାଏ । ଯଦି ପୂର୍ବ ଦିନର କିଛି ବଳକା କାମ ଥାଏ ତେବେ ତା'କୁ ଶେଷ କରି ଟିକେ ଖବର କାଗଜ ଉପରେ ନଜର ବୁଲାଇ ଆଣେ । ସେଦିନ ସୋମବାର ଥିଲା ତେଣୁ ରବିବାର ଆଉ ସୋମବାର ଦୁଇଦିନର ଖବର କାଗଜ 'ସମାଜ' ଆଉ 'ଏସିଆନ୍‌ଏଜ'ର ରବିବାରର ସ୍ୱତନ୍ତ୍ର (କୋଡ଼ପତ୍ର) ସଂସ୍କରଣ ଆସିଥିଲା । ଇଂରାଜୀ ରବିବାରୀୟ ସଂସ୍କରଣରେ ହଠାତ ମୋର ଲେଖା ଛୋଟ କବିତାଟି ଦେଖିବାକୁ ପାଇଲି, ଅନେକ ଦିନ ତଳେ ଏକ କବିତା ଇଂରାଜୀରେ ଲେଖି ପ୍ରକାଶନ ପାଇଁ ପଠାଇ ଥିଲି 'ମାଇଁ କ୍ୟାଟ୍' ଆଠ ଧାଡ଼ିର ଛୋଟ କବିତା କିନ୍ତୁ ଏତେବଡ଼ ଦୈନିକ ଇଂରାଜୀ କାଗଜରେ ଛପା ହୋଇଛି ଦେଖି ଖୁବ ଖୁଶି ଲାଗିଲା । ଆଉଦିନେ ଆଉ ଏକ ଇଂରାଜୀ କବିତା ମୋ'ର ଧ୍ୟାନ ଆକର୍ଷଣ କରିଥିଲା, କବିତାର ଲେଖିକାଙ୍କ ନାମ ଆଉ ଠିକଣା ଦେଖି ଉତ୍ସୁକତା ବଶତଃ କବିତାର ତାରିଫ୍ କରି ପୋଷ୍ଟ କାର୍ଡଟିଏ ଲେଖିକାଙ୍କ ପାଖକୁ ପଠାଇ ଦେଇଥିଲି ।

କାର୍ଯ୍ୟବ୍ୟସ୍ତତା ଭିତରେ କେତେବେଳେ ସମୟ ବିତିଯାଇ ଥିଲା ତା'ଜାଣି ପାରିନଥିଲି ଦଶ ପନ୍ଦର ଦିନ ପରେ ମୋ' ଚିଠିର ଉତ୍ତର ପାଇ ଖୁବ ଖସି ଲାଗିଥିଲା । ତା'ଙ୍କ ନାଁ ଥିଲା ସ୍ମିତା, ଖୁବ ସୁନ୍ଦର ଇଂରାଜୀରେ ଚିଠିଟିର ଉତ୍ତର ତଥା ମୋ' କବିତାର ଗୁଣଗାନ ସହିତ ମୋତେ ଶୁଭେଚ୍ଛା ଜଣାଇ ଥିଲେ । ୧୯୯୬ ମସିହା ଡିସେମ୍ବର ମାସରୁ ଆମର ପତ୍ର ବିନିମୟ ଆରମ୍ଭ ହୋଇଯାଇଥିଲା, ଧୀରେ ଧୀରେ ଏହା ଏକ ନିୟମିତ ବନ୍ଧୁତାର ରୂପ ନେଇଥିଲା ଚିଠି ଦେବା ଓ ପାଇବାର ବ୍ୟବଧାନ ପାଖ ପାଖି ୧୦ ରୁ ୧୫ ଦିନ ଥାଏ । ବମ୍ବେ ମହାନଗରୀର ଅଧିବାସୀ ମୋର ନୂତନ ଲେଖିକା ବନ୍ଧୁ / ତଥା ପତ୍ରବନ୍ଧୁ । ଅନେକ ଜିଜ୍ଞାସା ମନରେ ସେ କେମିତି ଦେଖିବାକୁ ? ତା'ଙ୍କ ବୟସ କେତେ ? ସେ କ'ଣ କରନ୍ତି ? ତା'ଙ୍କର ସବୁକିଛି ଜାଣିବାକୁ ମନରେ ପ୍ରବଳ ଆଗ୍ରହ ଥିଲା, କିନ୍ତୁ ସେ ତା'ଙ୍କ ବିଷୟରେ କୌଣସି କଥା ମୋତେ କହୁ ନ'ଥିଲେ । ଅନେକ ବାର ପଚାରିବା ପରେ କେବଳ ତା'ଙ୍କର ଉତ୍ତର ଥିଲା 'ବନ୍ଧୁ ମୁଁ ତୁମ ବିଷୟରେ କିଛି ଜାଣିବାକୁ ଚାହେଁ ନାହିଁ କି ତୁମେ ମଧ ମୋ ବିଷୟରେ କିଛି ଜାଣିବାର ଆବଶ୍ୟକତା ନାହିଁ, ଆମେ ବନ୍ଧୁ ସେଇଟା ହିଁ ଯଥେଷ୍ଟ, କେହି କାହାର ଫଟୋ ଦେଖିବା , ବୟସ ଜାଣିବା କିମ୍ବା ପରିବାର ସମ୍ପର୍କରେ ଜାଣିବା ମୋ' ମତରେ ଠିକ ନୁହେଁ । ଓଃ ! ବଡ଼ ବିଚିତ୍ର ସିଧା ସଳଖ ଉତ୍ତର ଥିଲା ତା'ଙ୍କର, ମୁଁ କିଛି ନ' କହି ସାଧାରଣ ବିଷୟ ଉପରେ ଲେଖି ଚିଠି ପତ୍ର ନିୟମିତ ଦେଉଥିଲି ଉତ୍ତର ବି ଠିକ ସମୟରେ ପାଉଥିଲି, ଦିନେ ମୁଁ ମୋର ଗୋଟିଏ ଫଟୋ ସ୍ମିତା ପାଖକୁ ଦେଇଥିଲି ସ୍ମିତା ସେଇ ଫଟୋ ଦେଖି ତାରିଫ୍ କରି ଚିଠି ଦେଇଥିଲା । ଏପରି ଦ୍ୱନ୍ଦ୍ୱ ଭିତରେ ସ୍ମିତା ବିଷୟରେ କିଛି ଜାଣିବାକୁ ମୋର ଆଗ୍ରହ ବଢି ବଢି ଚାଲିଥିଲା ।

ସମୟ କାହାକୁ ଅପେକ୍ଷା କରେନାହିଁ, ସେ ତା'ବାଟରେ ଆଗେଇ ଚାଲି ଥାଏ । ବାରମ୍ବାର ମୋର ଆଗ୍ରହକୁ ଦେଖି ଦିନେ ସ୍ମିତା ତା'ର ପରିଚୟ ଚିଠି ମାଧ୍ୟମରେ ଉନ୍ମୋଚନ କରିଥିଲା, ସେଦିନ ମୁଁ ଖୁବ୍ ଖୁଶି ଥିଲି କାରଣ ଅନ୍ଧକାର ଭିତରେ ଥାଇ ବନ୍ଧୁତା କରିବା ଆଉ ବନ୍ଧୁ ବିଷୟରେ ସବୁ ଜାଣି ବନ୍ଧୁତା କରିବା ଭିତରେ ଅନେକ ପାର୍ଥକ୍ୟ, ସେ ଯାହାହେଉ ମୋ'ର ବନ୍ଧୁଙ୍କ ବିଷୟରେ ମୁଁ ସବୁ ଜାଣିପାରିଲି ଏହା ମୋ ପାଇଁ ଯଥେଷ୍ଟ ଥିଲା । ସେ ସମୟ କଥା କହୁଛି, ସ୍ମିତା ସେତେବେଳେ ଜଣେ କଲେଜ ଛାତ୍ରୀ ଥିଲା, ତା'ର ବୟସ ହୁଏତ ମୋ'ର ଝିଅ ଠାରୁ ୫/୭ ବର୍ଷ ବଡ଼ ହୋଇପାରେ, ମୁମ୍ବାଇରେ ସେ ତା'ର ଛୋଟ ଭଉଣୀ, ମା'ଙ୍କ ସହିତ ରହୁଥିଲା, ସେମାନେ କେରଳର ନିବାସୀ କିନ୍ତୁ ମୁମ୍ବାଇରେ ଫ୍ଲାଟ କିଣି ରହୁଛନ୍ତି, ତା'ଙ୍କ ବାପା ଲିବିୟା ଦେଶରେ ଚାକିରୀ କରନ୍ତି । ଖୁବ ଛୋଟ ମଧ୍ୟବିତ୍ତ ପରିବାର ଆଉ ପରିବାରର ସବୁ ସଦସ୍ୟ ଖୁବ ଅମାୟିକ । ନିର୍ମଳ ବନ୍ଧୁତା ବୟସ, ଜାତି ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା କିଛି ଦେଖେ ନାହିଁ ସେଠି କେବଳ ପରସ୍ପର ପରସ୍ପରର ହୃଦୟକୁ ଦେଖନ୍ତି ଆଉ ବନ୍ଧୁତ୍ୱକୁ ଆହୁରି ନିବିଡ଼ କରିବାର ପ୍ରୟାସରେ ଥା'ନ୍ତି, ଆଶା ଆଉ କାମନା ବିହୀନ ବନ୍ଧୁତା ଆଜିକାଲି ଯୁଗରେ ଦୁର୍ଲଭ । ତେବେ ସ୍ମିତା ପ୍ରତି ମୋ'ର ସମ୍ମାନ ଆହୁରି ବଢି ଯାଇଥିଲା, ମୁଁ ତା'କୁ ମୋ'ର ବନ୍ଧୁ ତଥା ନିଜ ଝିଅ ପରି ବ୍ୟବହାର ଦେଖାଉ ଥିଲି ଦୀପାବଳି, ବଡ଼ଦିନ, ନୂତନ ବର୍ଷ, ମୋ' ଜନ୍ମଦିନ ଗୁଡିକରେ ସେ ନିଶ୍ଚିତ ରୂପେ ଭଲ ଶୁଭେଚ୍ଛା ପତ୍ର ବା ଗ୍ରୀଟିଙ୍ଗ କାର୍ଡ ପଠାଉ ଥିଲା, ଠିକ୍ ସେହିପରି ମୁଁ ମଧ ପଠାଉ ଥିଲି । ବର୍ଷକୁ ଦୁଇଥର ଏକ ନିର୍ଦ୍ଦିଷ୍ଟ ଦିନରେ ଆମେ ପରସ୍ପର ଭିତରେ ଦୁଇ ଚାରିପଦ ଟେଲିଫୋନ ଯୋଗେ କଥା ହେଉଥିଲୁ , ସେଇ ନିର୍ଦ୍ଦିଷ୍ଟ ଦିନ ଦୁଇଟି ହେଲା - ଅକ୍ଟୋବର ମାସ ଛଅ ତାରିଖ (ମୋର ଜନ୍ମଦିନ) ଏବଂ ଡିସେମ୍ବର ମାସ ତେ'ର ତାରିଖ (ସ୍ମିତାର ଜନ୍ମଦିନ) । ଆମ ଦୁଇଜଣଙ୍କ ଘରେ ଲ୍ୟାଣ୍ଡ ଲାଇନ ଫୋନ ଥିଲା କିନ୍ତୁ ଖୁବ କଷ୍ଟରେ ମୁମ୍ବାଇକୁ ଏସ୍ ଟି ଡି ସଂଯୋଗ ମିଳୁଥିଲା, ଦଶ କୋଡ଼ିଏ ଥର ଡାଏଲ କରିବା ପରେ ଲାଇନ ମିଳୁଥିଲା, ବାସ ! ସେଥିରେ ବି ଯେତେ ଶୀଘ୍ର ଜନ୍ମ ଦିନର ଶୁଭେଚ୍ଛା ଜଣାଇ କଥା ସାରି ଦେଉଥିଲୁ କାରଣ ଏସଟିଡ଼ି ବିଲ୍‌ର ମୂଲ୍ୟ ସେ ସମୟରେ ବହୁତ ବେଶୀ ଥିଲା ତେଣୁ କଥାରେ ଅଛି 'ଅଳପ ଧନ ବିକଳ ମନ' । ସ୍ମିତା ଖୁବ ପ୍ରାଞ୍ଜଳ ଭାବେ ଇଂରାଜୀ କହିବାରେ ଅଭ୍ୟସ୍ତ, ମୁଁ ଯଦିଓ ଲେଖି ପାରେ କିନ୍ତୁ ଇଂରାଜୀ କହିବାରେ ଟିକେ ଦୁର୍ବଳ, ସେ ଯାହା ହେଉ ବନ୍ଧୁ, ବନ୍ଧୁର ମନକଥା ଠିକ ବୁଝିପାରେ । ବାସ! ତା'ପରେ କର୍ମମୟ ଜଂଜାଳ ଭିତରେ ସମସ୍ତେ ବ୍ୟସ୍ତ, କେବଳ କିଛି ବ୍ୟବଧାନରେ ଚିଠି ଆସେ ଆଉ ତା'ର ଉତ୍ତର ମଧ ନିର୍ଦ୍ଦିଷ୍ଟ ସମୟରେ ଯାଏ ।

ସମୟ ଗଡିଚାଲେ, ସ୍ମିତାର ବିବାହ ବୟସ ଆସେ ଏବଂ ନିଜ ସମ୍ପ୍ରଦାୟର ଖୁବ ଭଲ ପାତ୍ର ସହିତ ତା'ର ବିବାହ ଠିକ ହୋଇଯାଏ । ବିବାହର ନିମନ୍ତ୍ରଣ ପତ୍ର ମଧ ମିଳେ, ସ୍ମିତାଙ୍କ ବାପା ଫୋନ ଯୋଗେ ବିବାହରେ ଯୋଗ ଦେବାକୁ ନିମନ୍ତ୍ରଣ କରନ୍ତି, କିନ୍ତୁ ମୁମ୍ବାଇ ଯାଇ ବିବାହ ଉତ୍ସବରେ ଯୋଗ ଦେବା ମୋ' ପକ୍ଷରେ ସମ୍ଭବ ନ'ଥିଲା । ମୋ' ତରଫରୁ କିଛି ଉପହାର ସ୍ମିତା ପାଖକୁ ଡାକରେ ପଠାଇ ଦେଇଥିଲି ଏବଂ କିଛି ମିଠା ସ୍ମିତା ତରଫରୁ ବି ପାଇଥିଲି, ସତରେ ଛୋଟ ଛୋଟ କଥା ହେଲେବି ଖୁବ ମନକୁ ଛୁଇଁ ପାରିଛି । ସ୍ମିତାର ବୈବାହିକ ଜୀବନ ଖୁବ ହସଖୁସିରେ କଟିଯାଏ ତା'ପରେ ସ୍ମିତା ଗୋଟିଏ ପୁତ୍ର ସନ୍ତାନର ଜନନୀ ହୁଏ । ମୁଁ ମଜା କରି ସ୍ମିତାକୁ ପଚାରି ଥିଲି, ତୁମ ପୁଅ ମୋତେ କ'ଣ ଡାକିବି ଆଉ ସେ ମୋ'ର କ'ଣ ସମ୍ପର୍କ ହେବ ? ସ୍ମିତା ହସି ହସି ଉତ୍ତର ଦେଇଥିଲା "ସେ ଆପଣଙ୍କୁ ଅଜା ଡ଼ାକିବ ଆଉ ସମ୍ପର୍କରେ 'ନାତି' ହେବ", ସତରେ ଖୁସି



ଲାଗିଥିଲା ତା'ର ଉତ୍ତର ଶୁଣି ।

ସେତେଦିନ ଯାଏ ଆମେ ପରସ୍ପର କେହି କାହା ସହିତ ଦେଖା ସାକ୍ଷାତ ହୋଇ ନଥିଲୁ, ମୋ'ର ଝିଅ ବାଙ୍ଗାଲୋରରେ ଏମବିଏ ପଢୁଥିବା ସମୟରେ ତା'ର କଲେଜରୁ କିଛି ସହପାଠୀଙ୍କ ସହିତ ସେ ମୁମ୍ବାଇ ଷ୍ଟକଏକ୍ସଚେଂଜ ଯିବାର ଥିଲା ମୁଁ ତା'ର ମୁମ୍ବାଇ ପହଂଚିବା ସମୟ/କାର୍ଯ୍ୟସୂଚୀ ସ୍ମିତାକୁ ଦେଇଥିଲି, ସ୍ମିତା ବଡ଼ ସହୃଦୟତାର ସହ ମୋ'ର ଅନୁରୋଧ ରକ୍ଷାକରି ନିଜ ଭଉଣୀକୁ ନେଇ ରାତ୍ରି ୧୦ ଘଣ୍ଟା ସମୟରେ 'ଦାଦର' ଷ୍ଟେସନରେ ଅପେକ୍ଷା କରିଥିଲା, ମୋର ଝିଅ ଆଉ ତା'ର ସହପାଠୀ ମାନଙ୍କୁ ନେଇ ନିଜ ଘରେ ରଖିଥିଲା । ଚିହ୍ନା ନାହିଁ, ଜଣାନାହିଁ ପତ୍ରବନ୍ଧୁର ଝିଅ ତଥା ତା'ର କିଛି ସହପାଠୀଙ୍କୁ ନେଇ ଘରେ ରଖି ରାତ୍ରି ଭୋଜନରେ ଆପ୍ୟାୟିତ କରିବା କ'ଣ ଛୋଟ କଥା ? ଖୁବ ଭଲ ଲାଗିଥିଲା ଅଜଣା ଅଶୁଣା ଜାଗାରେ ସ୍ମିତାର ଏହି ନିସ୍ୱାର୍ଥପର ସେବା । ମୋର ବନ୍ଧୁ, କିନ୍ତୁ ମୋ ଝିଅ ସହିତ ସ୍ମିତାର ପ୍ରଥମ ସାକ୍ଷାତ, ଖୁବ ମଜାର ବିଷୟ । ସମୟ ଗଡିଚାଲେ ସ୍ମିତା ଆଉ ତା'ର ସ୍ୱାମୀ କୌଣସି କାରଣରୁ ଅଲଗା ହୋଇ ଯା'ନ୍ତି, ପାରିବାରିକ କଥା ସ୍ୱାମୀ ସ୍ତ୍ରୀ ପରସ୍ପର ଠାରୁ ଦୂରେଇ ରୁହନ୍ତି ପୁଅଟି କିନ୍ତୁ ସ୍ମିତା ପାଖରେ ଥାଏ । ସ୍ମିତାର ସାନ ଭଉଣୀର ବାହାଘର କଲିକତାର ଜଣେ ବଙ୍ଗୀୟ ଯୁବକ ସହିତ ଠିକ୍ ହୋଇ ଯାଇଥାଏ, ଏଥର ମଧ ମୋତେ ବିବାହ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ଆସେ । ବିବାହ ଉତ୍ସବ କଲିକତାରେ ହେବାର ଠିକ ହୋଇଥିଲା ତେଣୁ ମୁଁ ବାହାଘରକୁ ଯିବା ସୁନିଶ୍ଚିତ ଥିଲା, କାରଣ କଲିକତା ମୋ' ସହରରୁ ଟ୍ରେନ୍ ଯୋଗେ ମାତ୍ର ସାତ ଘଂଟାର ବାଟ । ସେହି ସମୟରେ ମୋ' ଝିଅର ପୋଷ୍ଟିଙ୍ଗ ରାଞ୍ଚି ହୋଇଗଲା, ତେଣୁ ରାଞ୍ଚି ଯାଇ ମୋ' ଝିଅର ରହିବାର ବନ୍ଦୋବସ୍ତ କରି କଲିକତା ଯିବାର ବ୍ୟବସ୍ଥା କରିଥିଲୁ । ନିର୍ଦ୍ଦିଷ୍ଟ ସମୟରେ କଲିକତା ମହାନଗରୀରେ ସସ୍ତ୍ରୀକ ପହଂଚି ଥିଲୁ ଏବଂ ସେଇଟା ଥିଲା ସ୍ମିତା ସହିତ ମୋର ପ୍ରାୟ ୧୦/୧୨ ବର୍ଷ ପରେ ପ୍ରଥମ ସାକ୍ଷାତର ସୁଯୋଗ । ସ୍ମିତା, ତା'ଙ୍କ ବାପା, ମା' , ଭଉଣୀ ଆଉ ସ୍ମିତାର ପୁଅ ସହିତ, ଆମର ପ୍ରଥମ ସାକ୍ଷାତ ଖୁବ ଖୁଶି ଲାଗିଥିଲା ଯାହାକି ଅବର୍ଣ୍ଣନୀୟ, ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଆମେ ସେହି ଦିନ ରାତ୍ରିରେ କଲିକତାରୁ ଫେରି ଆସିଥିଲୁ ।

ସମୟ ଗଡି ଚାଲିଛି, ଆଉ ଆମର ବନ୍ଧୁତା ପୂର୍ବବତ୍ ଚାଲି ଆସୁଛି , କେବଳ ଫରକ ଏତିକି ଯେ, ବ୍ୟସ୍ତତା ଭିତରେ କେହି କାହାପାଇଁ ଏତେଟା ସମୟ ଦେଇ ପାରୁନାହୁଁ । ଚିଠି ପତ୍ର ତ' କେବେଠାରୁ ବନ୍ଦ ହୋଇଗଲାଣି, ତା'ର କାରଣ ଇଣ୍ଟରନେଟ ଯୁଗରେ ଆଉ କେହି ଡାକସେବା ଉପରେ ନିର୍ଭର କରିବାକୁ ଏତେଟା ପସନ୍ଦ କରୁନାହାନ୍ତି । ମୋବାଇଲ ଫୋନ ଆସିବାପରେ ଯୋଗାଯୋଗ ଆହୁରି ସହଜ ହୋଇଯାଇଛି ତେଣୁ ମଝିରେ ମଝିରେ କେବେ କେମିତି ଫୋନ ଯୋଗେ କିଛି କଥା ବାର୍ତ୍ତା ହୋଇଯାଉ, ପ୍ରାୟ ପ୍ରତିଦିନ ହ୍ୱାଟସ ଅପ୍ ଦ୍ୱାରା ଗୁଡ୍‌ମର୍ଣିଂ ଆଦାନ ପ୍ରଦାନ ହୁଏ । ମୋ'ର ଝିଅ ବିବାହ କରି ମୁମ୍ବାଇରେ ରହୁଛି , ଛୋଟ ନାତୁଣୀକୁ ଦେଖିବାକୁ ମୁଁ ମୁମ୍ବାଇ ଯିବା ଅବସରରେ ସ୍ମିତା ମୋତେ ଥରେ ତା'ଙ୍କ ଘରକୁ ମାଧାନ୍ନ ଭୋଜନ ପାଇଁ ନିମନ୍ତ୍ରଣ କରିଥିଲା, ମୁଁ ରହୁଥିବା ସ୍ଥାନ ଠାରୁ ତା'ଙ୍କ ଘର ଅନେକ ଦୂର ତେବେବି ମୋ' ଜ୍ୱାଇଁ ମୋତେ ତା'ଙ୍କ ଗାଡ଼ିରେ ନେଇ ସ୍ମିତା ଘରେ ଛାଡ଼ି ଦେଇ ଆସିଥିଲେ । ସେଇଟା ଥିଲା ମୋର ସ୍ମିତା ସହିତ ଦ୍ୱିତୀୟ ସାକ୍ଷାତ । ଖୁବ୍ ସୁସ୍ୱାଦୁ ଖାଦ୍ୟରେ ଆପ୍ୟାୟିତ କରିବା ସହିତ ଅନେକ ଉପହାର ମଧ ଦେଇଥିଲା ମୋର ବନ୍ଧୁ, ସତରେ ମୁଁ ନିଜକୁ ନିଜେ ଗର୍ବ ଅନୁଭବ କରୁଥିଲି । ସ୍ମିତାର ବାପା, ମା' ଙ୍କ ସହିତ ମଧ ଖୁବ ଆଳାପ କରିଥିଲି ସ୍ମିତାର ପୁତ୍ର ରାହୁଲ ଏବଂ ସ୍ମିତାର ସାନ ଭଉଣୀର ଝିଅ ଶିବାଙ୍ଗି ସହିତ ହସ ଖୁସିରେ ୨/୩ ଘଣ୍ଟା କେମିତି କଟିଗଲା ଜାଣି ପାରି ନ'ଥିଲି । ଅପରାହ୍ନରେ ବିଦାୟ ନେଇ ଆସିବା ବେଳେ ସ୍ମିତା ମୋତେ ବୋରିବଲି ଷ୍ଟେସନରେ ଆସି ଟ୍ରେନରେ ବସାଇ ଦେଇ ଯାଇଥିଲା । ମୋ'ର ଗନ୍ତବ୍ୟ ଷ୍ଟେସନ ଥିଲା ଅଂଧେରୀ । କାହାରି ପାଇଁ ସମୟ ଆଉ ପଛକୁ ଫେରି ଚାହିଁ ନାହିଁ, ସ୍ମିତା ଜୀବନରେ ଅନେକ ଝଡ଼ ଆସିଛି ଆଉ ଚାଲିଯାଇଛି, ସ୍ମିତା କିନ୍ତୁ ସବୁ ଝଡ଼କୁ ଦୃଢତାର ସହ ସାମ୍ନା କରିଛି, କେବେବି ଭାଙ୍ଗି ପଡ଼ିନାହିଁ । ନାରୀ ଦୁର୍ବଳ । ନୁହେଁ, ନାରୀ ଅସହାୟ ନୁହେଁ, ନାରୀ ସ୍ୱୟଂସିଦ୍ଧ ଓ ନାରୀ ଦୁର୍ଗା, ସବୁ ପ୍ରକାର ବାଧା ବିଘ୍ନ ଏଡାଇ ଯାଇପାରେ । ଏକଦା ବନ୍ଧୁର ଦୁଃଖଦ ଖବର ପାଇଥିଲି, ବିବାହ ବିଚ୍ଛେଦ ପାଇଁ ଦୁଇଜଣ ସହମତି ଦେଇଥିଲେ କାରଣ ସେମାନେ ଆଉ ଏକାଠି ରହିବାକୁ ଚାହୁଁ ନ'ଥିଲେ, ତାଙ୍କ ପାରିବାରିକ କଥାରେ ମୋ'ର ମୁଣ୍ଡ ପୁରାଇବା ଉଚିତ ନୁହେଁ ବୋଲି ଭାବି ଚୁପ୍ ରହିଥିଲି, ସ୍ମିତା କୌଣସି ପ୍ରଶ୍ନ ପଚାରି ନ'ଥିଲା କିମ୍ବା ମୁଁ ମୋ' ତରଫରୁ କୌଣସି ଉପଦେଶ ଦେବାକୁ ଉଚିତ୍ ମଣି ନ'ଥିଲି, ସ୍ୱାମୀ ସ୍ତ୍ରୀଙ୍କ କଥା ସେମାନେ ନିଜେ ଯାହା ଉଚିତ ଭାବିବେ କରିବେ, ଏଠାରେ ତୃତୀୟ ପକ୍ଷର ପ୍ରବେଶ ଅନୁଚିତ । ବିଧିର ବିଧାନ..କେବଳ ଭଗବାନ ଜାଣନ୍ତି କ'ଣ ହେବ ଆଗକୁ, ଛାଡ଼ପତ୍ର ହୋଇପାରିଲା ନାହିଁ ତା' ଆଗରୁ ଅସୁସ୍ଥ ହୋଇ ସ୍ମିତାର ସ୍ୱାମୀ ହସ୍ପିଟାଲରେ ଭର୍ତ୍ତି ହେଲେ ଆଉ ସେଇଠି ଚିରଦିନ ପାଇଁ ଆଖି ବୁଜି ଦେଇଥିଲେ । ଖବର ଶୁଣି ମୋତେ ଖୁବ ଦୁଃଖ ଲାଗିଥିଲା । ସ୍ମିତା ଏହା ମଧରେ ଘର ପାଖ ସ୍କୁଲରେ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିଲା ତେଣୁ ପରିବାର ଠିକ୍ ମତେ ଚଳି ଯାଉଥିଲା । କିଛିଦିନ ପରେ ଆଉ ଏକ ଦୁଖଦଃ ଖବର ଶୁଣି ମର୍ମାହତ ହୋଇଗଲି, ସ୍ମିତା ତା'ର ପ୍ରିୟ ବାପାଙ୍କୁ ମଧ ହରାଇ ଥିଲା, ବର୍ତ୍ତମାନ ମୋର ବନ୍ଧୁ ନିଜ ସନ୍ତାନ ରାହୁଲ ଏବଂ ତା' ମା' ଙ୍କ ସହିତ ରହୁଛି, ନୂତନ ଭାବେ ନିଜ ଜୀବନ ଯାତ୍ରା ପଥରେ ଆଗେଇ ଚାଲିଛି ମୋର ବନ୍ଧୁ ସ୍ମିତା, ପିଲାଙ୍କୁ ନାଚ ଶିଖାଇବା ତଥା ସ୍କୁଲରେ ହିନ୍ଦୀ ଶିକ୍ଷୟିତ୍ରୀ ହିସାବରେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରିବାରେ ଆଜି ସମର୍ଥ, କିଛି ବର୍ଷ ହେଲା ଆଧାତ୍ମିକ ଶିକ୍ଷା ଦିଗକୁ ମଧ୍ୟ ଧ୍ୟାନ ଦେଉଛି । ବୌଦ୍ଧ ଧର୍ମ ଉପରେ ଅନେକ ଜ୍ଞାନ ଅର୍ଜନ କରି ପାରିଛି । ପୁଅ ରାହୁଲ ବର୍ତ୍ତମାନ ହାଇଅର ସେକେଣ୍ଡାରୀ ପଢୁଛି । ମଝିରେ ମଝିରେ ସ୍ମିତା ସହିତ କଥା ହୋଇ ପରିବାର କଥା ବୁଝେ, ସେ ମଧ ତା'ର ବ୍ୟସ୍ତ ବହୁଳ ସମୟ ଭିତରେ ମଝିରେ ମଝିରେ ବାର୍ତ୍ତାଳାପ କରେ, ଏଇତ ଦୁନିଆ ! ଆଉ ଉତ୍ତମ ବନ୍ଧୁତାର ଏକ ଉଦାହରଣ । ପରସ୍ପର କେହି କାହାରି ଠାରୁ କିଛି ଚାହିଁ ନାହାନ୍ତି କି କୌଣସି ଆଶା ରଖି ବନ୍ଧୁତା କରିନାହାନ୍ତି, ଆମ ବନ୍ଧୁତ୍ୱରେ ବୟସ, ଭାଷା , ଲିଙ୍ଗ ଗତ ପାର୍ଥକ୍ୟ, ଜାତି, ଧର୍ମ, ବର୍ଣ୍ଣ କିମ୍ବା ବଡ଼ ଛୋଟର କୌଣସି ପ୍ରଶ୍ନ ନ'ଥିଲା କିମ୍ବା ଆଜି ମଧ ନାହିଁ, ହୁଏତ ସେଥିଲାଗି ଏହି ବନ୍ଧୁତା ଚିରସ୍ଥାୟୀ ହୋଇ ରହିଛି ଆଉ ରହିଥିବ ମଧ । ଭଗବାନଙ୍କୁ ପ୍ରାର୍ଥନା ମୋ' ବନ୍ଧୁକୁ ଆହୁରି ସହାୟ ହୁଅନ୍ତୁ, ସେ ତା'ର କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇ ତା'ର ଲକ୍ଷ୍ୟସ୍ଥଳରେ ପହଂଚି ପାରୁ । ପ୍ରାୟ ଆଠ ବର୍ଷ ହେଲା ମୁଁ ବରିଷ୍ଠ ନାଗରିକ ହେବାର ସୌଭାଗ୍ୟ ଲାଭ କରି ସାରିଛି, ବର୍ତ୍ତମାନ ମୋର କିଛି ପୁରୁଷ, ମହିଳା ବନ୍ଧୁ ଦେଶ ବିଦେଶରେ ଅଛନ୍ତି, ଅନେକ ଖୁବ୍ ମଧୁର ବନ୍ଧୁତା/ପାରିବାରିକ ସମ୍ପର୍କ ରଖିଛନ୍ତି । ଭୁଟାନ, ଇଣ୍ଡୋନେସିଆ, ଭିୟେଟ ନାମ୍, ମାଲେସିଆ, ଥାଇଲ୍ୟାଣ୍ଡ, ଦେଶ ଭ୍ରମଣ କାଳରେ ମୋର ପତ୍ରବନ୍ଧୁ/ଫେସ୍‌ବୁକ୍ ବନ୍ଧୁଙ୍କ ସହିତ ଦେଖା କରିଛି, ସେମାନଙ୍କର ଅନାବିଳ ସ୍ନେହ, ଆତିଥ୍ୟତା ତଥା ବନ୍ଧୁତାକୁ ଅଙ୍ଗେ ଅଙ୍ଗେ ଉପଲବ୍ଧି କରିଛି । କାମନା ବିହୀନ ସ୍ୱଚ୍ଛ ବନ୍ଧୁତା ଚିରସ୍ଥାୟୀ ବୋଲି ମୁଁ ଆଜି ହୃଦୟରୁ ଅନୁଭବ କରୁଛି । ମୋର ସମସ୍ତ ବନ୍ଧୁ ସୁଖ ଶାନ୍ତିରେ ନିଜ ପରିବାର ଏବଂ ଆତ୍ମୀୟ ସ୍ୱଜନଙ୍କ ସହିତ ଜୀବନ ନିର୍ବାହ କରନ୍ତୁ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।


+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯


# ଶାଶ୍ୱତ ସଂପର୍କ

ଗୋଟେ ଛୋଟ ଗଳ୍ପ



ସୁଦର୍ଶନ ମହାପାତ୍ର



-ପ୍ରୀତି, ମୁଁ ଭାବୁଥିଲି ତୁମେ ମୋତେ ଏତେ ବର୍ଷ ପରେ ଆଉ ଚିହ୍ନି ପାରିବ ନାହିଁ । ଦେଖୁନ ବୟସ କେମିତି ମୋତେ ଚନ୍ଦା କରି ଦେଲାଣି ।

-ସେଥିରେ କ'ଣ ଅଛି । ଖାଲି ବୟସରେ କ'ଣ ଚିହ୍ନିବା ଥାଏ ।ଏଇ ମୋତେ ଦେଖୁନ କେତେ ବଦଳିଯାଇଛି ।ମୋଟି ହୋଇ ଯାଇଛି ନା ଆଗ ଅପେକ୍ଷା ? ତଥାପି ତ ତୁମେ ଚିହ୍ନିଦେଲ ।

-କିନ୍ତୁ ପ୍ରୀତି ତୁମେ ବେଶି ବଦଳିନ । କଲେଜ ଜୀବନରେ ଯେମିତି ଥିଲ ଠିକ୍ ସେମିତି ଅଛ । ବୟସ ତୁମର ଗାମ୍ଭୀର୍ଯ୍ୟ ବଢେଇ ଦେଇଛି ସତ ରଙ୍ଗହୀନ କରିନି ।

- ତୁମେ ବି କେଉଁଠି ବଦଳିଛ କି ? ସେଇ ଖୋଲାପଣ । ସେଇ ଅମାୟିକ ହସ...!!'

- ତୁମ ହଜବେଣ୍ଡଙ୍କ ଦୁର୍ଘଟଣାରେ ଦେହାନ୍ତ ଖବର ଜାଣି ଖୁବ୍ ଦୁଃଖ ପାଇଥିଲି । ହେଲେ ସମବେଦନା ଜଣାଇବା ପାଇଁ ସାହସ ଜୁଟେଇ ପାରିନଥିଲି ସେତେବେଳେ ।

-'ଛାଡ ସେ କଥା ପ୍ରଣୟ ! କୁଆଡେ ଯାଉଥିଲ ଏପଟେ । ମନ୍ଦିର ଆସିଥିଲ ? ମୁଁ ବି ମନ୍ଦିର ଆସିଥିଲି ।

-'ନା ନା ଏପଟେ ଜରାଶ୍ରମଟେ ଅଛି ଜାଣିଛ ତ ! ସେଇଠିକୁ ଯାଉଛି । କାମ ଅଛି ।

- କ'ଣ ଆଗତୁରା ବୁଝି ରଖୁଛ । ପିଲାମାନଙ୍କ ପାଖରେ ନ ରହିବାକୁ ସ୍ଥିର କରିଛ ନା କ'ଣ ? ଆରେ ପ୍ରଣୟ , ଭୁଲି ଯାଇଛି ପଚାରିବାକୁ । ତୁମ ପିଲାପିଲିଙ୍କ ଖବର କ'ଣ ?

- ହଁ, ପୁଅ ଚାକିରି କଲାଣି । ଝିଅ ପଢୁଛି ।

- ତୁମ ପୁଅ କ'ଣ କରୁଛି ଏବେ, ପ୍ରୀତି ! ସେଇ ଛୋଟବେଳେ ଯାହା ଦେଖିଥିଲି ତାକୁ ।

- ସେ ବି ବାହାରେ ରହି ପଢାପଢି କରୁଛି ।

- ତୁମକୁ ଖୁବ୍ ଅସହାୟ ଲାଗୁଥିବ ନା ଏବେ ।

-କ'ଣ ଆଉ କରିବା ! ଏଇ ତ ଜୀବନ । ଉତ୍ତର ଫେରେଇଲେ ପ୍ରୀତି ।

\+ + + +

ଆଉଦିନେ ହଠାତ୍ ପ୍ରଣୟ ପହଞ୍ଚି ଗଲେ ପ୍ରୀତି ରହୁଥିବା ଠିକଣାରେ ।

-ଆରେ, ଏମିତି ନଜଣେଇ.. । ସକାଳୁ ସକାଳୁ ! ତୁମେ ଜମା ବଦଳିନ । ଆଚ୍ଛା, ଚା' ପିଇବ ପ୍ରଣୟ ?

-ତୁମେ ସେଦିନ ପୁଅ ବିଷୟରେ ମିଛ କହିଥିଲ ପ୍ରୀତି । ଭିତର ଘରେ ମୁଁ ଏବେ ଦେଖିଲି କାନ୍ଥରେ ଟଙ୍ଗା ହୋଇଥିବା ପୁଅର ଫଟୋ !' ଚା' ପିଇବା ଭିତରେ ପଚାରିଲେ ପ୍ରଣୟ ।

- ପୁଅ ମୋର ଆଉ ଏ ଦୁନିଆରେ ନାହିଁ ବୋଲି କହିବାକୁ ଆଉ ସାମର୍ଥ୍ୟ ନାହିଁ ପ୍ରଣୟ । କରୋନା ତାକୁ ମୋଠୁ ଛଡେଇ ନେଇଛି । ସେଦିନ ତା ଜନ୍ମଦିନରେ ମୁଁ ମନ୍ଦିର ଯାଇଥିଲା ବେଳେ ତୁମ ସାଙ୍ଗରେ ଦେଖା ହୋଇଥିଲା ନା ! ମୁଁ ତାକୁ ସବୁଦିନ ମୋ ପାଖରେ ଉପଲବ୍ଧି କରୁଛି । ସେଇ ଉପଲବ୍ଧିରେ ବଞ୍ଚିବାକୁ ଚେଷ୍ଟା କରୁଛି ।

ଶେଷ ପଦକ କହିଲା ବେଳକୁ କଣ୍ଠ ରୁନ୍ଧି ହୋଇ ଯାଉଥିଲା ଯେମିତି...!

- ମୁଁ ମର୍ମାହତ । ତୁମ ମନରେ ଦୁଃଖ ଦେଇ ଥିବାରୁ କ୍ଷମା କରିଦିଅ, ପ୍ଲିଜ ।

ଶୁଭିଲା ପ୍ରଣୟଙ୍କ କରୁଣ ସ୍ୱର ।

- ହେଲେ ପ୍ରଣୟ ତୁମେ ବି ତ ମୋତେ ସେଦିନ ମିଛ କହିଥିଲ ! ସେଇ ଜରାଶ୍ରମ 'ଆଶ୍ରୟ' ରୁ ମୁଁ ବୁଝିଲି ତୁମେ ଅବିବାହିତ ଆଉ ବାପା ବୋଉଙ୍କ ସହ ଆଉ କେତେ ଜଣଙ୍କ ସେବାରେ ନିଜକୁ ନିୟୋଜିତ କରିଛ ! ତୁମ ଜୀବନର ଏତେ ବଡ ସତ୍ୟକୁ ଲୁଚାଇ ରଖିଥିଲ ?

- ତୁମ ଛଡା ମୁଁ ଆଉ କାହାକୁ ଗ୍ରହଣ କରି ପାରିନଥାନ୍ତି ପ୍ରୀତି । ତୁମେ ସିନା ତୁମ ବାପାଙ୍କ କଥାକୁ ଅଗ୍ରାହ୍ୟ କରି ପାରିଲ ନାହିଁ, ହେଲେ ମୁଁ ତୁମରି ସ୍ମୃତିରେ, ଏକ ଖିଆଲରେ ରହିଗଲି ।

- ମୋତେ ଆଉ ସେକଥା କୁହନି ପ୍ରଣୟ । ଅନୁତାପର ବହ୍ନିରେ ମୁଁ ଜୀବନଯାକ ଜଳୁଛି । ପୁଅଟିଏ ସିନା କୋଳରେ ଧରିଥିଲି ହେଲେ କେତେ ଯେ ନିର୍ଯ୍ୟାତନା ସ୍ୱାମୀଙ୍କଠାରୁ ପାଇଛି ସେ କଥା ଭାବିଲେ.., ଛାଡ ସେ ସବୁ ଏବେ । ମୋତେ କ୍ଷମା କର ।

- ଆରେ, କ୍ଷମା ତ କରିଥିଲି ବୋଲି ତୁମ ପୁଅ ଏକୋଇଶିଆ ପୂଜାକୁ ଆସିଥିଲି ।

- ତେବେ ମୋର ଗୋଟିଏ କଥା ଶୁଣ ପ୍ରଣୟ । ତୁମ ବାପା ବୋଉଙ୍କ ସେବା କରିବାକୁ କେବେ ବି ନିର୍ଦ୍ୱନ୍ଦ୍ୱରେ ମୋତେ କହି ପାରିବ ।

- ଅଶୀତିପରର ମୋ ବାପା ବୋଉ ତୁମକୁ ଥରେ ଦେଖିବାକୁ ଚାହୁଁଥିଲେ ପ୍ରୀତି । ସେଇ ଅନୁରୋଧ ନେଇ ତୁମ ପାଖକୁ ଆଜି ଆସିଥିଲି ମୁଁ ।

- ଏବେ ବାହାରିବା ?

- ଆଚ୍ଛା, ଗୋଟିଏ କଥା କହିବି ପ୍ରୀତି ! ଏବେ ଏଇ ପରିଣତ ବୟସରେ ଆମେ ଦୁହେଁ ସେଇ ପୁରୁଣା ସମ୍ପର୍କରେ, ଅଥଚ... ଗୋଟିଏ ଜାଗାରେ ରହିପାରିବା ତ !

- ହେଲେ..!

- ହେଲେ କ'ଣ ? ସମାଜକୁ ଭୟ ?

- ଲୋକେ ମିଛ କହି,ପାପ ଘୋଡେଇ ଏ ସଂସାରରେ ବେଶ୍ ଆନନ୍ଦରେ ବଞ୍ଚି ପାରୁଛନ୍ତି । ଅଥଚ..!

- ମୋତେ ଏ ବିଷୟରେ ଭାବିବାକୁ ଟିକେ ସମୟ ଦିଅ ପ୍ରଣୟ ।

-ଏକୁଟିଆ ରହିଲେ ବି ଏ ସମାଜ କୁତ୍ସାରଟନା କରିବାକୁ ଭୁଲେ ନାହିଁ । ଏ ଅତିକ୍ରାନ୍ତ ବୟସରେ କିଛି ଦିନ ହେଲେ ବି ପରସ୍ପରର ସାହାରା ହେବା ସହ ଅନ୍ୟ କେତେଜଣଙ୍କ ପାଇଁ ସାହାରା ହୋଇ ସମୟ କାଟି ପାରିବା ତ !

- ମୋର କିଛି ଆପତ୍ତି ନାହିଁ..!

ଚମକି ପଡିଲେ ପ୍ରଣୟ ପ୍ରୀତି କଥାରେ ।


+କୁଞ୍ଜବିହାରୀ ଲେନ, କଟକ

## ।। ସ୍ମୃତିକଥା ।।

# ସହିଦ ଉଦ୍ଧାମ ସିଂହ

## ଡ଼ଃ.ଅରୁନ୍ଧତୀ ଦେବୀ



ଆସନ୍ତାକାଲି ହେଉଛି ଭାରତର ଜଣେ ଅନାଲୋଚିତ ଦେଶପ୍ରେମୀ ଶହୀଦ ଉଦ୍ଧାମ ସିଂହଙ୍କ ପରଲୋକ ଦିବସ। ଉଦ୍ଧାମ ସିଂହ ଜଣେ ରାଷ୍ଟ୍ରବାଦୀ ଭାରତୀୟ କ୍ରାନ୍ତିକାରୀ ଥିଲେ। ତାଙ୍କ ଜନ୍ମ ୧୮୯୯ ମସିହା ଡିସେମ୍ବର ୨୬ରେ ହୋଇଥିଲା। ମାତ୍ର ୭ ବର୍ଷ ବୟସରେ ମାତାପିତାଙ୍କୁ ହରାଇ ବଡ଼ ଭାଇଙ୍କ ସହ ପରବର୍ତ୍ତୀ ଜୀବନ ଏକ ଅନାଥାଳୟରେ ବିତାଇଥିଲେ। ମାଟ୍ରିକ ପରୀକ୍ଷା ଶେଷ କରିବା ପରେ ପଢ଼ା ଛାଡ଼ିଦେଲେ। ୧୯୧୯ ଏପ୍ରିଲ ୧୩ରେ ହୋଇଥିବା ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ତାଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଥିଲା। ସେତେବେଳର ଜେନେରାଲ ସାର ମାଇକେଲ ଡାୟାର ଘଟଣାସ୍ଥଳରେ ଆଖିବୁଜା ଗୁଳିଚାଳନା କଲେ। ଏଥିରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଘଟଣାଟି ତାଙ୍କୁ ଯେତିକି ଦୁଃଖିତ କରିଥିଲା ତା'ଠୁ ଅଧିକ କରିଥିଲା କ୍ରୋଧିତ। ଏହାର ପ୍ରତିଶୋଧ ନେବାକୁ ସେ ପଣ କଲେ। ସେତେବେଳେ ସେ ଭଗତ୍ ସିଂହଙ୍କ କାର୍ଯ୍ୟ ପ୍ରଣାଳୀ ଏବଂ ତାଙ୍କ କ୍ରାନ୍ତିକାରୀ ସମୂହଙ୍କର ସାହସ ଶକ୍ତିରେ ଖୁବ୍ ପ୍ରଭାବିତ ହୋଇଥିଲେ। ତେଣୁ ଇଂରେଜମାନେ ତାଙ୍କୁ ଭଗତ ସିଂହଙ୍କ ଗୁପ୍ତଚର ଭାବି ଗିରଫ କଲେ। ଜଲେରୁ ବାହାରିବା ପରେ ଅନେକ ସମୟରେ ସେ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ୧୯୪୦ ମାର୍ଚ୍ଚ ୧୩ରେ ଏହି ସୁଯୋଗ ତାଙ୍କ ହାତକୁ ଆସିଲା। ସେଦିନ ଲଣ୍ଡନର କାକ୍ସଟନ ହଲରେ ଇଷ୍ଟ ଇଣ୍ଡିଆ ଆସୋସିଏସନ ଏବଂ ରୟାଲ ସେଣ୍ଟ୍ରାଲ ଏସିଆଇ ସୋସାଇଟି ମଧ୍ୟରେ ସାକ୍ଷାତକାର ଚାଲିଥିଲା। ଏହି ସମୟରେ ଉଦ୍ଧାମ ସିଂହ ହାତରେ ବନ୍ଧୁକ ଧରି ଭିତରକୁ ପ୍ରବେଶ କଲେ ଏବଂ ସାର୍ ମାଇକେଲ ଡାୟାରଙ୍କୁ ଗୁଳିକରି ହତ୍ୟା କଲେ। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଗଲା। ୧୯୪୦ ମସିହା ଜୁଲାଇ ୩୧ ତାରିଖ ଦିନରେ ତାଙ୍କୁ ଫାଶୀ ଦିଆଯାଇଥିଲା। ପ୍ରତିଟି ଭାରତୀୟ ଶହୀଦ ଉଦ୍ଧାମ ସିଂହଙ୍କ ଅପୂର୍ବ ଦେଶପ୍ରୀତି ଓ ସାହାସିକତାକୁ ପ୍ରତି ମୁହୂର୍ତ୍ତରେ ସମ୍ମାନ ଜଣାଉଛନ୍ତି। ଆଜି ତାଙ୍କ ଶହୀଦ ଦିବସ ଅବସରରେ ଭକ୍ତିପୁଷ୍ପ ଅର୍ପଣ କରୁଛି।

+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ।। ଚିନ୍ତନ ।।

# ବିରୋଧିଙ୍କ ଅନାସ୍ଥା ପ୍ରସ୍ତାବ



## ସୌଭାଗ୍ୟ ରଂଜନ ମହାନ୍ତି

କେନ୍ଦ୍ରରେ କ୍ଷମତାସୀନ ବିଜେପିର ମୁକାବିଲା ପାଇଁ ନିକଟରେ କଂଗ୍ରେସ ସମେତ ୨୬ଟି ବିରୋଧି ରାଜନୈତିକ ଦଳମାନଙ୍କୁ ନେଇ ଗଠିତ ଇଣ୍ଡିଆ ବା ଭାରତୀୟ ଜାତୀୟ ବିକାଶ ସମନ୍ୱିତ ମେଂଟ ଏବେ ଆକସ୍ମିକ, ମଧ୍ୟବର୍ତୀକାଳୀନ ଏବଂ ଦୀର୍ଘକାଳୀନ ତିନୋଟି ପର୍ଯ୍ୟାୟରେ ସମ୍ମୁଖୀନ ହୋଇପାରେ। ମେଂଟ ଗଠନର ଦୁଇଦିନ ପରେ ସଂସଦର ମୌସୁମୀ ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ପାର୍ଲିଆମେଂଟର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାରେ ମେଂଟ ମଧ୍ୟରେ ସମନ୍ୱୟ ରକ୍ଷା ଯଥେଷ୍ଟ ଗୁରୁତ୍ୱ ବହନ କରିଥିବାବେଳେ ଚଳିତ ବର୍ଷ ହେବାକୁ ଯାଉଥିବା ୫ଟି ରାଜ୍ୟ ବିଧାନସଭା ନିର୍ବାଚନରେ ଆସନ ବୁଝାମଣା ଏବଂ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦୀର୍ଘକାଳୀନ ରଣକୌଶଳ ନିର୍ଣ୍ଣୟ ଏବେ ଇଣ୍ଡିଆ ପାଇଁ ସବୁଠାରୁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଅବଶ୍ୟ ଗତ ୨୦ତାରିଖ ଠାରୁ ଆରମ୍ଭ ହୋଇଥିବା ପାର୍ଲିଆମେଂଟର ମୌସୁମୀ ଅଧିବେଶନରେ ମଣିପୁର ହିଂସା ଏବଂ ବହୁ ଚର୍ଚ୍ଚିତ ଦୁଇ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ଏବଂ ଉଲଗ୍ନ କରି ରାସ୍ତାରେ ଚଲାଇ ନେବା ଘଟଣାକୁ କେନ୍ଦ୍ର କରି ଉଭୟ ଗୃହରେ ଇଣ୍ଡିଆ ଭୁକ୍ତ ବିରୋଧି ଦଳଗୁଡିକ ମଧ୍ୟରେ ଅଦ୍‌ଭୂତପୂର୍ବ ଏକତା ପ୍ରକାଶ ପାଇଛି। ପରିଣତି ସ୍ୱରୁପ ଦୀର୍ଘ ଏକ ସପ୍ତାହ ଧରି ସଂସଦ ଅଚଳ ହୋଇପଡିବା ହେଉଛି ଏକତାର ଜ୍ୱଳନ୍ତ ଉଦାହରଣ। ମଣିପୁର ହିଂସା ନେଇ ଆଲୋଚନା ଏବଂ ବିତର୍କ ପରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଉତର ଦାବିରେ ମେଂଟ ଅଟଳ ରହିଛି। ବିରୋଧି ଦଳର ଦାବୀକୁ ବାଚସ୍ପତି ଅଗ୍ରାହ୍ୟ କରିଦେବା ହଟ୍ଟଗୋଳ ଯୋଗୁଁ ଅଧିବେଶନ ବାଧାପ୍ରାପ୍ତ ହୋଇଛି। କହିବା ବାହୁଲ୍ୟ ଯେ, ପ୍ରଥମ ପରୀକ୍ଷାରେ ଇଣ୍ଡିଆ ସଫଳତାର ଉତୀର୍ଣ୍ଣ ହୋଇଥିବା ଦ୍ୱିତୀୟ ଓ ତୃତୀୟ ପରୀକ୍ଷାକୁ ମେଂଟ କିପରି ଉତୀର୍ଣ୍ଣ ହେବ, ତାହା ଦେଖିବାକୁ ବାକି ଅଛି। ଏହା ନିଶ୍ଚିତ ଯେ, ପାଂଚଟି ରାଜ୍ୟ ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକସଭାର ନିର୍ବାଚନରେ ଇଣ୍ଡିଆର ଆସନ ବୁଝାମଣା ହେବ ଅସଲ ପରୀକ୍ଷା। ସେହିପରି ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ରାଜିଥିବା ସୂଚନା ଦେଇଥିବାବେଳେ ବିରୋଧିଦଳର ଦାବି ଅନୁସାରେ ଆଲୋଚନାକୁ ଗ୍ରହଣ କରିବାକୁ ଅରାଜି। ଇଣ୍ଡିଆର ଦାବି ହେଉଛି ମଣିପୁର ଆଲୋଚନା ପ୍ରଧାନମନ୍ତ୍ରୀଙ୍କ ବିବୃତି ପରେ ଆରମ୍ଭ ହେବ ଏବଂ ଆଲୋଚନା ପରେ ଗୃହରେ ଉତର ଦେବେ। ତେବେ ଇଣ୍ଡିଆର ଏହି ଦାବିକୁ ବାଚସ୍ପତି ଅଗ୍ରାହ୍ୟ କରିଥିବାବେଳେ ସରକାର ପ୍ରସ୍ତୁତ ନଥିବା ଜଣାଯାଏ। ଅନ୍ୟପକ୍ଷରେ ବିରୋଧି ଦଳ ପକ୍ଷରୁ ସରକାରଙ୍କ ବିରୁଦ୍ଧରେ ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଥିବାବେଳେ ଏହା ଉପରେ କେବେ ଆଲୋଚନା ହେବ, ତାହା ସ୍ଥିର ହୋଇନାହିଁ। ଏହା ନିଶ୍ଚିତ ଯେ, ଅନାସ୍ଥା ପ୍ରସ୍ତାବ ମଣିପୁର ହିଂସା ନେଇ ଆଲୋଚନା ଲାଗି ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି ଏବଂ ଆଲୋଚନା ଶେଷରେ ପ୍ରଧାନମନ୍ତ୍ରୀ ଉତର ରଖିବା ଯାହାକି ବିରୋଧି ଦଳର ବିଜୟ ବୋଲି କୁହାଯାଇପାରିବ। କିନ୍ତୁ ଏହା ନିଶ୍ଚିତ ଯେ, ସଂଖ୍ୟା ଦୃଷ୍ଟିରୁ ସରକାରଙ୍କ ପ୍ରତି କୌଣସି ବିପଦ ନାହିଁ କିମ୍ବା ଅନାସ୍ଥା ପ୍ରସ୍ତାବ ଗୃହୀତ ହେବାର ଆଦୌ ପ୍ରଶ୍ନ ଉଠୁନାହିଁ। ଏହା ସତ୍ୱେ ଇଣ୍ଡିଆର ଏହା ଏକ ବିଜୟ ବୋଲି କୁହାଯିବ। ଆହୁରି ମଧ୍ୟ ବିଜେପିର କଠୋର ବିରୋଧି ଏବଂ ଇଣ୍ଡିଆରେ ସାମିଲ ହୋଇନଥିବା ଭାରତ ସଂଘର୍ଷ ସମିତି(ବିଆରଏସ) ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନୋଟିସ ଆଗତ କରିଛି। ଯାହାକି ଇଣ୍ଡିଆ ମେଂଟକୁ ବିଆରଏସର ପରୋକ୍ଷ ସମର୍ଥନ ବୋଲି କୁହାଯାଇପାରେ। ଭାରତୀୟ ସଂସଦୀୟ ପରମ୍ପରା ଅନୁଯାୟୀ, ଅନାସ୍ଥା ପ୍ରସ୍ତାବ ଆଗତ ସମୟରେ ଏବଂ ବିତର୍କ ପରେ ଆଲୋଚନାର ଉତର ପ୍ରଧାନମନ୍ତ୍ରୀ ନିଜେ ହିଁ ଦେଇଥାନ୍ତି। ପୂର୍ବରୁ ବିରୋଧି ଦଳର ଦାବି ଅନୁସାରେ ଆଲୋଚନାକୁ ଗ୍ରହଣ କରିନଥିବା ସରକାର ଏବେ ଅନାସ୍ଥା ପ୍ରସ୍ତାବ ଜରିଆରେ ଆଲୋଚନା ପୂର୍ବରୁ ବିବୃତି ରଖିବା ଏବଂ ଆଲୋଚନା ପରେ ଉତର ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ଇଣ୍ଡିଆ ଏକ ପ୍ରକାର ବାଧ କରି ଦେଇଛି ବୋଲି କୁହାଯିବ। ତେବେ ଅନାସ୍ଥା ପ୍ରସ୍ତାବକୁ ସରକାର କି ପ୍ରକାର ବିଚାର କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଯେଉଁଭଳି ୨୦୧୯ରେ ଅନାସ୍ଥା ପ୍ରସ୍ତାବ ଉତର ବେଳେ ଆଉ ଏକ ଅନାସ୍ଥା ପ୍ରସ୍ତାବ ନିର୍ବାଚନରେ ଅବ୍ୟବହିତ ପୂର୍ବରୁ ଆସିପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ମନ୍ତବ୍ୟକୁ ଏବେ ସାମାଜିକ ଗଣମାଧ୍ୟମରେ ଯେଉଁଭଳି ପ୍ରଚାର କରାଯାଇଛି, ତାହା ବିରୋଧିଙ୍କ ପ୍ରତି ହେୟଜ୍ଞାନ ବ୍ୟତୀତ ଅନ୍ୟ କିଛି ନୁହେଁ। ଏଥିରୁ ମଣିପୁର ହିଂସାକୁ ସରକାର କେତେ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ତାହା ଅନୁମାନ କରାଯାଇପାରେ କିନ୍ତୁ ମଣିପୁର ନେଇ ଅନାସ୍ଥା ପ୍ରସ୍ତାବ ଉଭୟ ଶାସକ-ବିରୋଧୀ ଏକଜୁଟ କରାଇବା ପାଇଁ ସୁଯୋଗ ସୃଷ୍ଟି କରିଛି, ଏଥିରେ ସନ୍ଦେହ ନାହିଁ। ଏହା ସତ୍ୟ ଯେ, ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ହେଉ କି ବିସ୍ତୃତ ଆଲୋଚନା ହେଉ, ଏହା କୌଣସି ଉଦ୍ଦେଶ୍ୟ ପୁରଣ କରିବ ନାହିଁ। ମଣିପୁରର ପିଡିତଙ୍କ ପିଡା କିମ୍ବା ଦୁଃଖ ଲାଘବ କରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ମଣିପୁରର ହିଂସା, ସମସ୍ୟା ଏବେ ଦେଶର ନିରପତା, ସଂହତି ଏକତା ଏବଂ ସାମାଜିକ ଏକତା, ସଦ୍‌ଭାବ ପ୍ରତି ବିପଦ ସୃଷ୍ଟି କରିଛି, ଏଥିରେ ସନ୍ଦେହ ନାହିଁ। ଏଥିପ୍ରତି ଉଭୟ ଶାସକ ଓ ବିରୋଧି ସତର୍କ ହେବା ଜରୁରୀ। ଏବେ କୁକି ସଂପ୍ରଦାୟ ମଣିପୁର ଠାରୁ ପୃଥକ ହୋଇ ସ୍ୱତନ୍ତ୍ର ରାଜ୍ୟ, ପ୍ରଶାସନ ଦାବି କରିବା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ। ପ୍ରଧାନମନ୍ତ୍ରୀ ମଣିପୁରବାସୀଙ୍କ ଦୁଃଖ, କ୍ଷତ ଲାଘବ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗ କରି ପାର୍ଲିଆମେଂଟକୁ ଏକ ଫୋରମ ଭାବେ ବ୍ୟବହାର କରି ମଣିପୁରରେ ଶାନ୍ତି ପ୍ରତିଷ୍ଠା ଲାଗି ପଦକ୍ଷେପ ଗହଣ କରିବା ଉଚିତ୍।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

# ଭାରତୀ ଭାବନାର ପ୍ରଭାବ



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କାବ୍ୟକବିତାର ପ୍ରଭାବ ସଂପର୍କରେ ଆଲୋଚନା କଲାବେଳେ ମୁଖ୍ୟତଃ ପରବର୍ତ୍ତୀ କବି ସାହିତ୍ୟିକଙ୍କ ଉପରେ ତାହାର ପ୍ରଭାବକୁ ପ୍ରଥମେ ଆଲୋଚନା ପରିସରଭୁକ୍ତ କରାଯାଇଥାଏ । ଏ ଦୃଷ୍ଟିରୁ 'ଭାରତୀ ଭାବନା'ର ପ୍ରଭାବ ଓଡ଼ିଆ କବିଲେଖକଙ୍କ ଉପରେ କିପରି ପଡ଼ିଛି ତାହା ଅନୁସନ୍ଧାନ ସାପେକ୍ଷ । ତେବେ ଏ କ୍ଷେତ୍ରରେ ଯେଉଁ ପ୍ରତ୍ୟକ୍ଷ ପ୍ରଭାବର ଆଲୋଚନା କରାଯାଉଛି ତାହା ହେଲା ଜନସାଧାରଣଙ୍କ ଉପରେ 'ଭାରତୀ ଭାବନା'ର କିପରି ବ୍ୟାପକ ପ୍ରଭାବ ପଡ଼ିଥିଲା ତାହାହିଁ ସ୍ୱତନ୍ତ୍ର ଭାବରେ ଅନୁଧ୍ୟାନ କରିବାର ବିଷୟ ।

କବିତୀର୍ଥ ବରପାଲିରେ ଜନ୍ମ ହୋଇଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ଭାଗୀରଥି ପଟ୍ଟନାୟକ । ସେ ଗଂଗାଧରକୁ ସ୍ୱଚକ୍ଷୁରେ ଦର୍ଶନ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲେ । ଯେଉଁ ସମୟରେ କବି 'ଭାରତୀ ଭାବନା' ପ୍ରଣୟନରେ ଥିଲେ ଧ୍ୟାନମଗ୍ନ ସେତେବେଳେ ଶ୍ରୀଯୁକ୍ତ ପଟ୍ଟନାୟକ ଅତ୍ୟନ୍ତ ନିକଟରୁ କବିଙ୍କୁ ନିରୀକ୍ଷଣ କରିପାରିଥିଲେ। ସେ ବୟସରେ କବିପୁତ୍ର ଭଗବାନ ମେହେରଙ୍କ ପ୍ରାୟ ଆଠବର୍ଷ ବଡ଼ । କବିଙ୍କ ବିୟୋଗ ସମୟରେ କବିପୁତ୍ର ବତିଶ ବର୍ଷର ଯୁବକ । ଆଉ ଭାଗୀରଥି ପଟ୍ଟନାୟକ ଚାଳିଶ ବର୍ଷର ତେଜୀୟାନ ତରୁଣ । ସେତେବେଳକୁ ସ୍ୱାଧୀନତା ସଂଗ୍ରାମ ପ୍ରତି ଭାଗୀରଥି ପଟ୍ଟନାୟକଙ୍କ ଆକର୍ଷତା ଥିଲା ସୁଗଭୀର । ଗଂଗାଧରର 'ଭାରତୀ ଭାବନା' ପ୍ରକାଶିତ ହେବା ପରେ ତାହା ନିବିଷ୍ଟ ଚିତ୍ତରେ ଭାଗିରଥୀ ପଟ୍ଟନାୟକ ପାଠକରି ଥିଲେ । ତାଙ୍କର ମନେ ହୋଇଥିଲା ସତେ ଯେମିତି ଗଂଗାଧର ମେହେର ତାଙ୍କ ପାଇଁ ହିଁ ଏ କବିତାର ରଚନା କରିଯାଇଛନ୍ତି । 'ଭାରତୀ ଭାବନା'ର ପ୍ରତିଟି ପଦପଙ୍‌କ୍ତି ତାଙ୍କ ସଂଗ୍ରାମୀ-ଚେତନା ମଧ୍ୟରେ ଭରି ଦେଇଥିଲା ବ୍ରିଟିଶ ସରକାରର ଅନ୍ୟାୟ ବିରୁଦ୍ଧରେ ଜ୍ୱଳନ୍ତ ଅଗ୍ନିକଣା । ଗୋଟିଏ ଦିଗରେ ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଓ ନିଜ ଜନ୍ମମାଟିରେ ଗଂଗାଧର ମେହେରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ସୁଗଭୀର ପ୍ରଭାବ ତାଙ୍କୁ ଗଢ଼ି ତୋଳିଥିଲା ଜଣେ ଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ରୂପରେ ।

ଉଲ୍ଲେଖନୀୟ ବିଷୟ ହେଉଛି, ଭାଗୀରଥି ପଟ୍ଟନାୟକ ତାଙ୍କର କିଶୋର ପୁତ୍ର ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକଙ୍କୁ 'ଭାରତୀ ଭାବନା'ର ପ୍ରକୃତ ଅର୍ଥ ବୁଝାଇ ଦେଇଥିଲେ । ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ କବିଙ୍କ ଜ୍ୟେଷ୍ଠ ପୌତ୍ର ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ଥିଲେ ସହପାଠୀ । ଏ କ୍ଷେତ୍ରରେ ଯାହା ପ୍ରକୃତ ବାସ୍ତବତା ବୋଲି ପ୍ରତୀତ ହୁଏ ତାହା ହେଲା । କବିପୁତ୍ର ଭଗବାନ ମେହେର ଭାଗୀରଥି ପଟ୍ଟନାୟକ ଓ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କୁ 'ଭାରତୀ ଭାବନା'ର ଗୂଢ଼ାର୍ଥ ସ୍ପଷ୍ଟ ଭାବରେ ବୁଝାଇ ଦେଇଥିଲେ ନିଶ୍ଚୟ। ପ୍ରଫୁଲ୍ଲ ବାବୁ ମଧ ଗଂଗାଧର ମେହେରଙ୍କୁ ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିପାରିଥିଲେ । ତେଣୁ ଏହି ଉଭୟ ପିତାପୁତ୍ରଙ୍କ ଉପରେ ଗଂଗାଧରଙ୍କ ସ୍ୱଦେଶପ୍ରେମର ଗଭୀର ଛାପ ପଡ଼ିସାରିଥିଲା ସେମାନଙ୍କ ଅଜାଣତରେ।

ଭାଗୀରଥୀ ପଟ୍ଟନାୟକ 'ଭାରତୀ ଭାବନା'କୁ ସଂପୂର୍ଣ୍ଣ ଭାବରେ କଣ୍ଠସ୍ଥ ଓ ଆତ୍ମସ୍ଥ କରିଦେଇ ପାରିଥିଲେ । ସେହିପରି ତାଙ୍କ ସୁପୁତ୍ର ମଧ। ଏ ଉଭୟେ ଯେତେବେଳେ ବରପାଲି ଓ ବରଗଡ଼ ଅଞ୍ଚଳରେ ଗାଁକୁ ଗାଁ ବୁଲି ବୁଲି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ସଂପ୍ରସାରିତ କରିଦେବାର ମହତ୍ତ୍ୱପୂର୍ଣ୍ଣ ଭୂମିକା ସ୍ୱତଃସ୍ଫୂର୍ତ୍ତ ଭାବରେ ଗ୍ରହଣର କରିନେଇଥିଲେ । ସେତେବେଳେ ତାଙ୍କ କଣ୍ଠସ୍ୱର କମ୍ପିତ ହୋଇ ଉଠୁଥିଲା ଯେଉଁ ଦେଶାତ୍ମବୋଧ ସଂଗୀତରେ ତାହା ଥିଲା ଗଂଗାଧରଙ୍କ 'ଭାରତୀ ଭାବନା'। ଭାଗୀରଥି ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ପ୍ରଭାବରେର ବରଗଡ଼ ଜିଲ୍ଲା ପାଣିମୋରାର ଗ୍ରାମର ବତିଶ ଜଣ ଯୁବକ ଗୃହ ପରିବାର ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଭାରତ ମାତାଙ୍କ ଆତ୍ମାରର ଆହ୍ୱାନ ଶୁଣିପାରି ।

ଭାଗୀରଥୀ ପଟ୍ଟନାୟକ ତାଙ୍କ ଧର୍ମପତ୍ନୀ ଜମ୍ବୁବତୀ ପଟ୍ଟନାୟକଙ୍କୁ ନିଜ ଆଦର୍ଶରେ କରିପାରିଥିଲେ ଦୀକ୍ଷିତ । ଜମ୍ବୁବତୀ ହେଉଛନ୍ତି ଅବିଭକ୍ତ ସମ୍ବଲପୁରର ଜିଲ୍ଲାର ପ୍ରଥମ ନାରୀ ସତ୍ୟାଗ୍ରହୀ । ଓଡ଼ିଶାରେ ଗୋପବନ୍ଧୁ, ରମାଦେବୀ ଚୌଧୁରୀଙ୍କ ପରିବାରବର୍ଗ ଯେପରି ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ, ସେହିପରି ଭାଗିରଥୀ ପଟ୍ଟନାୟକଙ୍କ ଏହି ଛୋଟ ପରିବାର ସଂପୂର୍ଣ୍ଣ ସମର୍ପିତ ହୋଇ ଯାଇଥିଲା ଭାରତମାତାଙ୍କ ପବିତ୍ର ଚରଣ ତଳେ।

ଗଂଗାଧରଙ୍କ 'ଭାରତୀ ଭାବନା'ର ଅନ୍ତବାର୍ତ୍ତାକୁ ଲୋକଙ୍କ ଶୀରାପ୍ରଶିରାରରେ ପ୍ରବେଶ କରାଇ ଦେଇ ପାରିଥିଲେ ଭାଗୀରଥି ପଟ୍ଟନାୟକ । ଏଭଳି ଦ୍ୱିଅର୍ଥବୋଧକ କବିତାର ଅସଲ ଅର୍ଥ ସିଧାସଳଖ ଜନସାଧାରଣଙ୍କ ହୃଦୟକୁ ମନ୍ଥିତ କରି ପାରିଥିଲା କେମିତି ଏ ପ୍ରଶ୍ନ ଅନେକଙ୍କ ମନରେ ଉଙ୍କିମାରିବା ଅସ୍ୱଭାବିକ ହୋଇନପାରେ । ବାସ୍ତବ କଥା ହେଲା, ଜଣେ କବି ଯେପରି ଶବ୍ଦ ସଂଯୋଜନା କରି କବିତା ଲେଖିଥାଆନ୍ତୁ ନା କାହିଁକି ତାହାର ମୂଳ ଉଦ୍ଦେଶ୍ୟକୁ ସତ୍ ପାଠକ ହୃଦୟଙ୍ଗମ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ଆମକୁ ଯେତେବେଳେ କେହି କାନ୍ଥବାଡ଼କୁ ଦେଖାଇ ବଙ୍କାତେଢ଼ା ଭାଷାରେ ଗାଳିଦିଏ ତାହା କଣ କେବେହେଲେ ଅବୁଝା ରହିପାରେ ! ସେହିପରି ବଙ୍କିମ ବାକ୍ୟ ପ୍ରୟୋଗ କରି ଯେତେବେଳେ ପ୍ରମାନୁରାଗଗର ପ୍ରସଙ୍ଗ ମଧ ଉଚ୍ଚାରିତ ହୁଏ, ତାହାକୁ ବି ଯିଏ ବୁଝିବା କଥା ସିଏ ଠିକ୍ ବୁଝିପାରିଥାଏ । ତେଣୁ କବି କେଉଁ ଉଦ୍ଦେଶ୍ୟ ନେଇ କବିତା ରଚନା କରିଛନ୍ତି ତାହା ହିଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ପଟ୍ଟନାୟକ ପିତା-ପୁତ୍ର ଦ୍ୱୟ 'ଭାରତୀ ଭାବନା'ର ଆଭିମୁଖ୍ୟ ଯଥାର୍ଥ ଭାବରେ ଆକଳନ କରି ପାରିଥିଲେ ଓ ଗାଁଗାଁରେ, ଗଳି ଗଳିରେ ଏବଂ ଘରେ ଘରେ ତାହାର ଅନ୍ତର୍ନିହିତ ବାର୍ତ୍ତା ପହଞ୍ଚାଇ ଦେଇପାରିଥିଲେ ଅସୀମ ଦେଶପ୍ରେମର ବହ୍ନିରେର ପ୍ରଜ୍ୱଳିତ ହୋଇ । 'ଭାରତୀ ଭାବନା'ରର ଏହି ପ୍ରଭାବ ତେଣୁ କେତେ ଅର୍ଥପୂର୍ଣ୍ଣ ଓ ଭାବ-ଜାଗ୍ରତ-କ୍ଷମ ତାହା ସାମାନ୍ୟ ଚିନ୍ତା କରିବା ମାତ୍ରକେ ବୁଝି ହୋଇଯାଏ ।

ଗଂଗାଧରଙ୍କ 'ଭାରତୀ ଭାବନା' ପରବର୍ତ୍ତୀ ସୋପାନରେ ଅନେକ କବିଙ୍କ ମନରେ ଯେ ଜାତୀୟ ଭାବନା ଜାଗ୍ରତ କରିଥିବ ଏଥିରେ ସନ୍ଦେହ ନାହିଁ। ନିଜେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଥିଲେ ଜଣେ ବିଶିଷ୍ଟ ହିନ୍ଦିକବି । ତାଙ୍କ ଛାତିତଳେ ଯେଉଁ ଅଗ୍ନିକଣା ପ୍ରଜ୍ୱଳିତ ହୋଇ ଉଠିଥିଲା ତାର ପଶ୍ଚାତ ଭାଗରେ ଦଣ୍ଡାୟମାନ ଥିଲେ ଯେପରି ମହାତ୍ମାଗାନ୍ଧୀ, ସେପରି ମଧ ଗଂଗାଧର ମେହେର । ନିଜସ୍ୱ ହିନ୍ଦୀ କବିତା ସୃଷ୍ଟି ସମୟରେ ସେ ଅନେକ ଦେଶାତ୍ମବୋଧକ କବିତା ମଧ ରଚନା କରିଛନ୍ତି । 'ମିଟ୍ଟି ବୁଲାରେହିଁ ହେ', 'ବାପୁକା ପୁର୍ନଜନ୍ମ' ତାଙ୍କର ହେଉଛି ଦୁଇଟି ଉଚ୍ଚକୋଟୀର କବିତା ସଂକଳନ । ଏହି ଉଭୟ ପୁସ୍ତକରେ ସେ ଯେଉଁ ସ୍ୱଦେଶ ଭକ୍ତିର ପରିଚୟ ପ୍ରକାଶ କରିଛନ୍ତି ତା'ର ମଧ୍ୟରେ ଯେ 'ଭାରତୀ ଭାବନା'ର ସୂକ୍ଷ୍ମତର ପ୍ରଭାବ ନଥିବ, ଏହା କୁହାଯାଇ ପାରିବ ନାହିଁ ।

ଏହି ଦୁଇ ପିତାପୁତ୍ର କାରାରୁଦ୍ଧ ହୋଇ ରହିଥିଲେ ଅନେକ ବର୍ଷ । ଇଂରେଜ ସରକାରର ଅତ୍ୟାଚାରରେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କ ଦୁଇ ଆଖିର ଦୃଷ୍ଟିଶକ୍ତି ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା । କାରାଗାର ମଧ୍ୟରେ ନିକ୍ଷିପ୍ତ ହୋଇ ଏମାନେ ଯେତେବେଳେ ସ୍ୱଇଚ୍ଛାରେ ବରଣ କରିନେଇଥିଲେ ସମସ୍ତ ଦୁଃଖ ଓ ଯାତନାକୁ, ସେତେବେଳେ ସ୍ମରଣ କରୁଥିଲେ ବାରମ୍ବାର ନିଜ ଜନ୍ମମାଟିର କବି ଗଂଗାଧର ମେହେରକୁ । ଅହିଂସା ଭୀରୁର ନୁହେଁ, ବୀରର ଅସ୍ତ୍ର ବୋଲି ଯାହା ଉଚ୍ଚାରଣ କରିଥିଲେ ମହାତ୍ମା ଗାନ୍ଧୀ, ତାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଏପରି ଶତଶତ ସଂଗ୍ରାମୀମାନଙ୍କଠାରେ । ସ୍ୱାଧୀନତା ପ୍ରାପ୍ତି ପରେ ଭାଗୀରଥି ପଟ୍ଟନାୟକ ଓ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଯେତେବେଳେ ପ୍ରତ୍ୟାବର୍ତ୍ତନ କରନ୍ତି ବରପାଲିକୁ ସେତେବେଳେ କବି ଗଂଗାଧରଙ୍କ ସ୍ମୃତି ପୂଜାରେର ଅତିବାହିତ ହେଉଥିଲା ତାଙ୍କ ଜୀବନର ଅମୂଲ୍ୟ ସମୟ। ତାଙ୍କ କଣ୍ଠରେ ଧ୍ୱନିତ ହୋଇ ଉଠୁଥିଲା ଗଂଗାଧର ସଂଗୀତ ଆଉ ତାହାରି ମଧ୍ୟରେ 'ଭାରତୀ ଭାବନା'ର ବିଭିନ୍ନ ଅଂଶ ।

ବରପାଲିରେ ଈଶ୍ୱର ସେଠ ନାମକ ଜଣେ ବ୍ୟକ୍ତି ଏକଦା ମୃତ୍ୟୁ ଆଶଙ୍କାରେ ରହୁଥିଲେ ଆତଙ୍କିତ ହୋଇ । କବି ପୌତ୍ର ନବୀନ ଚନ୍ଦ୍ର ମେହେର ତାଙ୍କ ହାତରେ ସେପରି ସଙ୍କଟ କାଳରେ ଧରାଇ ଦେଇଥିଲେ 'ଗଂଗାଧର ଗ୍ରନ୍ଥାବଳୀ' । ଆଶ୍ଚର୍ଯ୍ୟଜନକ ବିଷୟ ଯେ, ଗ୍ରନ୍ଥାବଳୀ ପାଠରେ ବିଭୋର ହୋଇ ଯାଉ ଯାଉ ସେ ବିସ୍ମରି ଯାଇଥିଲେ ତାଙ୍କ ମୃତ୍ୟୁ ଭୟକୁ । ହୋଇଯାଇଥିଲେ ଜୀବନପ୍ରିୟ । ସମଗ୍ର ଗ୍ରନ୍ଥାବଳୀ ତାଙ୍କ କଣ୍ଠରୁ ଆରମ୍ଭ କରି ଆତ୍ମା ପର୍ଯ୍ୟନ୍ତ ଏପରି ପ୍ରବେଶ କରିପାରିଥିଲା ଯେ, ସେ ଦିବସର ଅଧିକାଂଶ ସମୟ ଆବୃତ୍ତି କରୁଥିଲେ ଗଂଗାଧରଙ୍କ କବିତା । ସେହି ଧାରା ଅନୁସରଣ କରି 'ଭାରତୀ ଭାବନା' ତାଙ୍କ ଚେତନାକୁ କରିଦେଇଥିଲା ଉଦ୍‌ବେଳିତ । ସେଥିରୁ ସଂଜାତ ହେଉଥିଲା ସ୍ନେହ, ଅନୁରାଗ । 'ଭାରତୀ ଭାବନା'ର ବିଭିନ୍ନ ଅଂଶ ଯେ କୌଣସି ସମୟରେ ଯେକୌଣସି ସ୍ଥାନରେ ସେ ଆବୃତ୍ତି କରିଦେବାରେ ଥିଲେ ଅନାବୃତ୍ତ । 'ଭାରତୀ ଭାବନା'ର ପ୍ରଭାବକୁ ଏହି ଦୃଷ୍ଟିରୁ ବିଚାର କରାଯାଇ ପାରେ ଯଥାର୍ଥ ଭାବରେ ।

+ପୂର୍ବତନ ବିଭାଗ ମୁଖ୍ୟ, ସ୍ନାତକୋତ୍ତର
ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ମଣିପୁର ବର୍ବରତା ନୀନ୍ଦନୀୟ



## ଅଧ୍ୟାପକ ଗୋପବନ୍ଧୁ

ଦୁଇଜଣ ମହିଳାକୁ ଉଲଗ୍ନକରି ଶୋଭାଯାତ୍ରାରେ ଚଲାଇବା ମଣିପୁର ଘଟଣା ଭାରତୀୟ ସଭ୍ୟ ସମାଜକୁ ମର୍ମାହତ କରିଛି। ବିଶ୍ୱଦରବାରରେ ଆମ ଦେଶ ନିନ୍ଦିତ ହୋଇଛି। ଆଜି ପ୍ରଶ୍ନ ଆସୁଛି ଆମେ ସଭ୍ୟତାର ରାସ୍ତାରେ ଆଗକୁ ବଢୁଛୁ ଅଥବା ପୁଣି ସେହି ମଧ୍ୟଯୁଗୀୟ ବର୍ବରତା ଆଡକୁ ଫେରି ଯାଉଛୁ। ସଭ୍ୟତାର ବିକାଶରେ ବିଶ୍ୱସମୁଦାୟ ଯେତେବେଳେ ଆଗକୁ ବଢ଼ିବଢ଼ି ଚାଲିଛି ସେ ସମୟରେ ଆମେ କେଉଁ ନିଦର୍ଶନ ବିଶ୍ୱସମୁଦାୟ ନିକଟରେ ରଖୁଛୁ। ଧିକ୍ ସେ ସମାଜକୁ ଯେଉଁ ସମାଜ ନାରୀକୁ ସମ୍ମାନ ଦେଇ ଜାଣେ ନାହିଁ, ଶତ ଧିକ୍କାର ସେମାନଙ୍କୁ ଯେଉଁମାନେ ଅବଳା ନିରୁପାୟ ମହିଳାମାନଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇ ବିଜୟର ଗର୍ବ ଅନୁଭବ କରନ୍ତି। ସାମାଜିକ ଗଣମାଧ୍ୟମରେ ଏ ଘଟଣା ଭାଇରାଲ ହେବାପରେ ଏହା ଲୋକ ଲୋଚନକୁ ଆସିଲା। ଏହି ଘଟଣାର ଭିଡିଓ କେହି ଜଣେ ମୋବାଇଲରେ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ଯୋଗୁଁ ଏ ବିଷୟ ଚର୍ଚ୍ଚାକୁ ଆସିଛି। ଅନ୍ୟଥା ଏହା ଅସଭ୍ୟ ସମାଜର ଅନ୍ଧାରୀ ଗହ୍ୱରରେ କେଉଁଠି ଲୀନ ହୋଇ ଯାଇଥାନ୍ତା। କେହି ଜାଣିବାର ସୁଯୋଗ ପାଇନଥାନ୍ତେ। ଏପରି ଅନେକ ବର୍ବୋରଚିତ ଘଟଣା ଲୋକ ଲୋଚନର ଉହାଡରେ ହଜିଯାଇଛି ତାହାର ହିସାବ କାହାରି ନିକଟରେ ନାହିଁ। ମଣିପୁରର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ ଖୋଦ୍ ସ୍ୱୀକାରକରି କହିଛନ୍ତି ଏପରି ଶହଶହ ଘଟଣା ଘଟିଛି। ତା ମଧ୍ୟରୁ ଏହା ଗୋଟିଏ।

ଘଟଣାଟି ଘଟିଛି ମେ ୪ ତାରିଖରେ ଦଙ୍ଗା ଆରମ୍ଭ ହେବାର ଗୋଟିଏ ଦିନ ପରେ। ଏଯାଏଁ ଘଟଣାଟି ଦବି ରହିଥିଲା। ଗତ ଜୁଲାଇ ୧୯ ତାରିଖ ଦିନ ଏହା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଛି। ବିଷୟଟି ସମ୍ମୁଖିଯକୁ ଆସିବା ପରେ ସମସ୍ତେ ତତ୍ପର ହୋଇ ଯାଇଛନ୍ତି। ଏହା ପୂର୍ବରୁ କଣ ରାଜ୍ୟ ସରକାର ଜାଣି ନଥିଲେ କି? ପୋଲିସ୍ କଣ ଜାଣି ନଥିଲା କି ? ଏହା ସତ୍ୟ ଯେ ପୀଡ଼ିତାମାନେ ୧୫ ଦିନ ପର୍ଯ୍ୟନ୍ତ ଥାନାରେ ଏଫଆଇଆର୍ ଦେବାକୁ ସକ୍ଷମ ହୋଇ ନଥିଲେ। ପୀଡ଼ିତାମାନେ ଗଣବଳାତ୍କାରର ଶୀକାର ହୋଇଥିବାର ମଧ ଅଭିଯୋଗ ଆସୁଛି। ତାଙ୍କ ସମ୍ମୁଖରେ ତାଙ୍କ ପରିବାରର ସଦସ୍ୟମାନଙ୍କୁ ହତ୍ୟା କରାଯାଇଛି। ଏପରି ପରିସ୍ଥିତିରେ ପୀଡିତମାନଙ୍କ ମାନସିକ ଓ ଶାରୀରିକ ସ୍ଥିତି କଣ ଥିବ ତାହା କଳନା କରିବା ଏତେ ସହଜ ବ୍ୟାପାର ନୁହେଁ। ତଥାପି ତାଙ୍କ ସାହସକୁ ମାନିବାକୁ ପଡ଼ିବ। ନିଜ ଜିଲ୍ଲାରେ ନହେଲେବି ସେମାନେ ଅନ୍ୟ ଜିଲ୍ଲାରେ ଅଭିଯୋଗ କରିଛନ୍ତି। ଏହାକୁ କିରୋ ଅଭିଯୋଗ ଭାବେ ଗ୍ରହଣକରି ପୋଲିସ ନୀରବ ହୋଇ ବସିଥିଲା। ଘଟଣା ଦିନ ପୀଡିତା ଓ ତାଙ୍କ ପରିବାରର ସଦସ୍ୟମାନେ ବିପଦ ଆଶଙ୍କାରେ ଘରଛାଡି ଜଙ୍ଗଲକୁ ପଳାଇ ଯାଇଥିଲେ ଓ ପରେ ପୋଲିସର ଆଶ୍ରୟ ନେଇଥିଲେ। ପ୍ରାୟ ଏକ ହଜାରରୁ ଉର୍ଦ୍ଧ ଦଙ୍ଗାକାରୀ ଆସି ତାଙ୍କୁ ପୋଲିସର ସୁରକ୍ଷା ବଳୟରୁ ଛଡାଇ ନେଇ ଯାଇଥିଲେ। ତେଣୁ ପୋଲିସ, ପ୍ରଶାସନିକ ଅଧିକାରୀ ଓ ଶାସନ ଦାୟିତ୍ୱରେ ଥିବା ଆଞ୍ଚଳିକ ରାଜନୀତିଜ୍ଞମାନେ ଘଟଣା ସମ୍ବନ୍ଧରେ ନିଶ୍ଚିତ ଅବଗତ ଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ସେ ଏ ବିଷୟରେ ଅବଗତ ନଥିଲେ ବୋଲି କୁହାଯାଇ ନପାରେ।

ମଣିପୁରରେ ଜାତିଗତ ହିଂସା ଦୁଇମାସରୁ ଅଧିକ ହେଲାଣି, ଥମିବାର ନାମ ନେଉନାହିଁ। ଅତୀତରେବି ଏପରି ଅନେକ ଥର ହୋଇଛି। ଏହି ଘଟଣାରେ ଶତାଧିକ ଲୋକ ହତ୍ୟାର ଶୀକାର ହୋଇ ସାରିଲେଣି। ଅନେକ ମହିଳା ଗଣବଳତ୍କାରର ଶୀକାର ହୋଇଥିବାର ଅଭିଯୋଗ ଆସୁଛି। ଅନେକ ଗାଁ ଉଜୁଡ଼ି ଗଲାଣି। ଗୋଷ୍ଠୀଗତ ଅତ୍ୟାଚାର ଓ ଆକ୍ରମଣ ଘଟି ଚାଲିଛି। ହିଂସାକୁ ରୋକାଯାଇ ପାରୁନାହିଁ। ଶାସନ ଓ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏହା ଆଦୌ କାମ କରୁନାହିଁ। ହିଂସା ସୃଷ୍ଟିକାରି ଦୁର୍ବୃତ୍ତମାନଙ୍କ ନିକଟରେ ଏମାନେ ନିରୁପାୟ ହୋଇ ଯାଇଛନ୍ତି। ହିଂସାର ଶୀକାର ହେଉଥିବା ଜନସାଧାରଣଙ୍କୁ ନିଜ ହାତରେ ଛାଡି ଦେଇଛନ୍ତି ନିଜକୁ ସୁରକ୍ଷିତ ରଖିବା ପାଇଁ। ପୋଲିସ ଅନେକ ସମୟରେ ନୀରବ ଦ୍ରଷ୍ଟା ସାଜିଛି। ଶାସନ ଓ ପ୍ରଶାସନ ଅପେକ୍ଷା କର ଓ ଦେଖ ନିତିର ଅବଲମ୍ବନ କରୁଛି।

ଅଭିଯୋଗ ଆସୁଛି ଜାଣିଶୁଣି ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରାଯାଉ ନାହିଁ। ଏମାନଙ୍କୁ ପରସ୍ପର ମଧ୍ୟରେ ଲଢ଼ିବାକୁ ଛାଡିଦିଆ ଯାଇଛି। ଗୋଟିଏ ବୋଲକରା ଗୋଷ୍ଠୀଦ୍ୱାରା ଅନ୍ୟ ଗୋଷ୍ଠୀକୁ ପଦନତ କରି ରଖିବାର ଚକ୍ରାନ୍ତ ରହିଛି। ହିଂସା ଓ ପ୍ରତିହିଂସାର ଶୀକାର ହୋଇଥିବା ଲୋକମାନେ ହେଉଛନ୍ତି ପାହାଡ଼ିଆ ଅଞ୍ଚଳର ବସବାସ କରୁଥିବା କୁକି ଆଦିବାସୀ(ଏସଟି) ସମ୍ପ୍ରଦାୟର ଓ ସମତଳ ଅଞ୍ଚଳର ବସବାସ କରୁଥିବା ସଂଖ୍ୟା ବହୁଳ ମୈଥେଇ ସମ୍ପ୍ରଦାୟର। ପରବର୍ତ୍ତୀ ଗୋଷ୍ଠୀ ଅଳ୍ପଦିନ ତଳେ ଅନୁସୂଚିତ ଜନଜାତି(ଏସଟି) ମାନ୍ୟତା ପାଇଛି। ମୈଥେଇମାନେ ଅନୁସୂଚୀତ ଜନଜାତିର ମାନ୍ୟତା ପାଇବା ପରେ ଏପରି ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ବାହାର ଶକ୍ତି ଏମାନଙ୍କ ମଧ୍ୟରେ ହିଂସା ସୃଷ୍ଟି ପାଇଁ ଇନ୍ଧନ ଯୋଗାଉଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ସାଧନ ମଧ ହିଂସାର ଅନ୍ୟତମ କାରଣ। ମୂଳଲକ୍ଷ୍ୟ ହେଉଛି ଏମାନଙ୍କୁ ପରସ୍ପର ମଧ୍ୟରେ ଲଢେଇ ଲଗେଇ ଏମାନଙ୍କ କବଜାରେ ଥିବା ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣ କରିବା। ଉଭୟ ଗୋଷ୍ଠୀଙ୍କ ଝଗଡ଼ା ମଧ୍ୟରେ ପୁଞ୍ଜିପତିମାନେ ଅନାୟାସରେ ଏମାନଙ୍କ ଜମିକୁ ଅକ୍ତିୟାର କରିପାରିବେ। ଏଯାଏଁ ଯେଉଁ ପାହାଡ ଓ ଜଙ୍ଗଲ ଏମାନଙ୍କ ହାତରେ ଅଛି ସେସବୁକୁ ନିୟନ୍ତ୍ରଣକୁ ନିଆଯାଇ ପାରିବ।

ମହାତ୍ମାଗାନ୍ଧୀ କହିଥିଲେ ଆମେ ପ୍ରକୃତ ସ୍ୱାଧୀନତା ସେହିଦିନ ପାଇବା, ଯେଉଁଦିନ ରାତି ଅଧରେ ଜଣେ ମହିଳା ନିରାପଦରେ ରାଜରାସ୍ତାରେ ଯାଇଆସି ପାରିବ। ଭାରତୀୟ ସମାଜ କଣ ସେହି ଦିଗରେ ଆଗଉଛି କି ? ଆଜି ରାଜ ରାସ୍ତାରେ ମହିଳାକୁ ଉଲଗ୍ନକରି ଶୋଭାଯାତ୍ରାରେ ନିଆଯାଉଛି। ଆମେ ବର୍ବତାର କେଉଁ ସୋପାନକୁ ଯାଉଛୁ। ଏହା କେବଳ ମଣିପୁରର ଘଟଣା ନୁହେଁ, ସାରା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଏପରି ଘଟଣା ଘଟିଚାଲିଛି। କେଉଁଠାରେ ଗଣଧର୍ଷଣ ତ କେଉଁଠାରେ ନାରୀ ନିର୍ଯାତନାର ଚରମତା ପ୍ରଦର୍ଶନ ହେଉଛି। ନାମକୁ ମାତ୍ର ସ୍ଲୋଗାନ ବେଟୀ ବାଚାଓ ବେଟୀ ପଢ଼ାଓ। ଏହା କେଉଁ ପ୍ରକାରର ବେଟୀ ବାଚାଓ ଯୋଜନା। ଏହା କେଉଁ ପ୍ରକାର ମାଁକୁ ସମ୍ମାନ ଓ ମାତୃପୂଜା। କେବଳ ଖାଲି ସ୍ଲୋଗାନରେ ଚାଲିବ ନାହିଁ। ଏଦିଗରେ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ପଡିବ। ଦେଶର ଯେଉଁ କୋଣରେ ହେଉ ପଛେ ଏପରି ଘଟଣାକୁ କୋଠର ହସ୍ତରେ ଦମନ କରିବାକୁ ପଡିବ। ଯେଉଁମାନେ ଏହିପ୍ରକାର ଘଟଣାକୁ ପ୍ରୋତ୍ସାହିତ କରୁଛନ୍ତି କିମ୍ବା ପଦପଦବୀରେ ଥାଇ କୌଣସି ପଦକ୍ଷେପ ନେଉନାହାନ୍ତି ତାଙ୍କ ଉପରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଜରୁରୀ। ପଶ୍ଚାତରେ ଥିବା ଘୃଣାର ରାଜନୀତିକୁ ହଟାଇବାକୁ ପଡିବ।

ମଣିପୁରରେ ଘଟିଥିବା ଏହିପରି ଘଟଣାପାଇଁ ଆମେ କାହାକୁ ଦାୟୀ କରିବା। ଦେଶରେ ଚାଲିଥିବା ଭ୍ରଷ୍ଟ ରାଜନୈତିକ ବ୍ୟବସ୍ଥାକୁ ନା ବିଭେଦଗ୍ରସ୍ତ ସାମାଜିକ ବ୍ୟବସ୍ଥାକୁ, ସମାଜକୁ ନେତୃତ୍ୱ ଦେଉଥିବା ସାମାଜିକ କର୍ମକର୍ତ୍ତାମାନଙ୍କୁ ନା ଆଦର୍ଶର ବିଚାର ବାଣ୍ଟୁଥିବା ଚିନ୍ତାନାୟକମାନଙ୍କୁ ଅଥବା ବର୍ବରତାର ଶୀକାର ହେଉଥିବା ମହିଳାମାନଙ୍କୁ, ଯେଉଁମାନେ ଏଯାଏଁ ସମାନ ଅଧିକାରକୁ ସାବ୍ୟସ୍ତ କରିପାରି ନାହାନ୍ତି। ଏପରି ବିଷମ ପରିସ୍ଥିତିରେ ସାମଗ୍ରିକ ଚିନ୍ତନର ଆବଶ୍ୟକତା ରହିଛି।

+ଦର୍ଶନ ବିଭାଗ(ଅବସରପ୍ରାପ୍ତ)

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୦ ଜୁଲାଇ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com





# ଭାରତ ସ୍ୱାଧୀନତା ସଂଗ୍ରାମରେ ବିପ୍ଳବର ବହ୍ନି ମା' ମାଳତୀ ଦେବୀ

ମୀରା ବେଉରା



କେବଳ ହିଂସା ଓ ରକ୍ତପାତରେ ନୁହେଁ ଯେଉଁ ମହିୟସୀ ମହିଳାମାନେ ସତ୍ୟ, ଶାନ୍ତି ଓ ଅହିଂସାକୁ ଅସ୍ତ୍ର କରି ତତ୍କାଳୀନ ଦୁର୍ଦ୍ଦାନ୍ତ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ବର୍ଣ୍ଣାଢ଼୍ୟ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ ସେହି ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ବିପ୍ଳବୀ ବହ୍ନି କନ୍ୟା ମା' ମାଳତୀ ଦେବୀ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନ ହିଁ ସେ ଦିନ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ପ୍ରେରଣା ଯୋଗାଇଥିଲା। ଗାନ୍ଧିଜୀଙ୍କ ଆଗମନରେ ଗଭୀରଭାବେ ଅନୁପ୍ରାଣିତ ହୋଇ ମା' ମାଳତୀ ଦେବୀ ତତ୍କାଳୀନ ରକ୍ଷଣଶୀଳ ସମାଜରେ ଥାଇ ମଧ୍ୟ ଅଗ୍ନୀଶମ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରିଥିଲେ। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଯିଏ ଦେଶ, ସମାଜ, ଜାତି, ରାଷ୍ଟ୍ର ପାଇଁ ସେବାକୁ ଆଜୀବନ ନିଜ ଜୀବନର ବ୍ରତ କରିଥିଲେ ସେ ଥିଲେ ମା' ମାଳତୀ ଦେବୀ। ଆଜି ଏ ଉତ୍କଳର ମାଟିକୁ ଚିପୁଡ଼ି ଦେଲେ ମଧ୍ୟ ସଂଗ୍ରାମର ରକ୍ତ ଝରିପଡ଼େ। ଏହି ଉତ୍କଳର ଶୀଳାଭୂମି ତଳେ ଆଜିବି ଲୁଚି ରହିଛି ସେହି ବିପ୍ଳବୀ ବହ୍ନିକନ୍ୟା ମାଳତୀ ଦେବୀଙ୍କ ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଓ ତିତିକ୍ଷା ଭରା ବ୍ୟଥାତୁର କାହାଣୀ। ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ବିରୋଧ, ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ନିଜର ସାଧନା ଦ୍ୱାରା ମାତୃଜାତି ପାଇଁ ଆଦର୍ଶ ପାଲଟି ଥିଲେ ନାରୀଶକ୍ତି ମାଳତୀ ଦେବୀ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରି କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଗୋଟିଏ ସୁସ୍ଥ, ମଙ୍ଗଳମୟ ସମାଜ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମା'ଙ୍କର ଭୂମିକା ଥିଲା ଅତୁଳନୀୟ।

ମା' ମାଳତୀ ଦେବୀ ୨୬ ଜୁଲାଇ ୧୯୦୪ ମସିହାରେ କଲିକତାର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଥିଲେ ବାରିଷ୍ଟର କୁମୁଦନାଥ ସେନ ଏବଂ ମାତା ଥିଲେ ସ୍ନେହଲତା ଦେବୀ। ସେ ପ୍ରଥମ ଶ୍ରେଣୀରେ ଶାନ୍ତି ନିକେତନରୁ ମାଟ୍ରିକ ପାଶ୍ କରିଥିଲେ। କିନ୍ତୁ କଲିକତାର ବେଥୁନ୍ କଲେଜରେ ସେ ପଢ଼ିବା ପାଇଁ ଯଦିଓ ମନୋନୀତ ହୋଇଥିଲେ କିନ୍ତୁ ଏହି କଲେଜଟି ଇଂରେଜମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ସେ ସେଠାରେ ପାଠପଢ଼ି ନଥିଲେ। ପରେ ୧୯୨୭ ମସିହାରେ ସେ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କରିଥିଲେ। ମାଳତୀ ଦେବୀ ଚୌଧୁରୀ ଜଣେ ବଙ୍ଗାଳି ଲଳନା ହୋଇ ମଧ୍ୟ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କରି ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଆଦୌ କୁଣ୍ଠାବୋଧ କରିନଥିଲେ। ସେ ମଧ୍ୟ ଅନେକବାର ମା' ରମାଦେବୀଙ୍କ ସହ ଲବଣ ସତ୍ୟାଗ୍ରହ ଏବଂ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ। କେବଳ ସେତିକି ନୁହେଁ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶାନିବାରଣ ପାଇଁ ଅନେକ ସଂଗ୍ରାମ ଇଂରେଜ ସରକାରଙ୍କ ବିରୋଧରେ ଜାରି ରଖିଥିଲେ। ୧୪ରୁ ୧୫ ବର୍ଷର ପିଲାଙ୍କୁ ନେଇ ମା' ମାଳତୀ ଦେବୀ ଯେଉଁ ବାନର ସେନା ସଂଗଠନ ସୃଷ୍ଟି କରିଥିଲେ ସେହି ଛୋଟ ବାଳକମାନେ ମଧ୍ୟ ମା'ଙ୍କ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ଲୁଗା ଏବଂ ମଦ୍ୟ ବିକାଯାଉଥିବା ଦୋକାନ ଆଗରେ ଧାରଣା ଦେଇ ଆନ୍ଦୋଳନ କରୁଥିଲେ। ଏହି ସମୟରେ କଟକ ଡେପୁଟି ମାଜିଷ୍ଟ୍ରେଟ୍ ଅହମ୍ମଦ ସାହେବ ଏହି ଆନ୍ଦୋଳନରତ ବାଳକମାନଙ୍କୁ ଜେଲ୍ ନ ପଠାଇ ସେମାନଙ୍କ ହାତ ପାପୁଲିରେ ୧୦ରୁ ୨୦ଥର ବେତମାଡ଼ ହେବାରୁ ସେମାନଙ୍କ ପାପୁଲିରୁ ଫାଟି ଟୋପାଟୋପା ରକ୍ତ ଝରୁଥିଲା। ସେହି ସମୟରେ ମାଳତୀ ଦେବୀ ଏହାର ବିରୋଧ କରି ପିଲାମାନଙ୍କୁ ଅତି ଆଦରରେ ଖୁଆଇ ଦେଇ ତାଙ୍କୁ ଲୁଗାପଟା ପିନ୍ଧାଇ ଆଦର ଯତ୍ନରେ ରଖୁଥିଲେ। ଆନ୍ଦୋଳନରେ ଗାନ୍ଧୀ ବନ୍ଦୀ ହୋଇଥିବାରୁ କଟକଠାରେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ୭ ମେ ୧୯୩୦ ମସିହାରେ ଏକ ବିଶାଳ ଶୋଭାଯାତ୍ରା ମା' ବାହାର କରି ସମସ୍ତଙ୍କୁ ଜାତୀୟ ପ୍ରେମରେ ଉଦ୍‌ବୁଦ୍ଧ କରି ଅନେକ ଜାତୀୟତାବୋଧଭିତ୍ତିକ କବିତା ମଧ୍ୟ ରଚନା କରିଥିଲେ। ମା' ମାଳତୀ ଦେବୀଙ୍କ ଗଡ଼ଜାତ ବା ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ ମଧ୍ୟ ଥିଲା ଅତୀବ ପ୍ରଶଂସନୀୟ। ଢେଙ୍କାନାଳ, ତାଳଚେର, ନୀଳଗିରି ଆଦି ଗଡ଼ଜାତ ଅଞ୍ଚଳରେ ମା' ମାଳତୀଦେବୀ ଗଡ଼ଜାତ ଆନ୍ଦୋଳନରେ ଯୋଗଦେଇ ଜଗତସିଂହପୁର ଅଣଖିଆ ଆଶ୍ରମରେ ଅବସ୍ଥାନ କରି ଭାରତର ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାରେ କ୍ରିୟାଶୀଳ କରାଇପାରିଥିଲେ। କେବଳ ସେତିକି ନୁହେଁ ୧୯୬୩ ମସିହାରେ ହୋଇଥିବା ଭୂଦାନ ଆନ୍ଦୋଳନ ସଭାର ମୁଖ୍ୟ ଆୟୋଜିକା ଥିଲେ ମା' ମାଳତୀ ଦେବୀ ଚୌଧୁରୀ। ତାଙ୍କର ଅପୂର୍ବ ନିଷ୍ଠା ଓ ସାଧନା ଯୋଗୁଁ ଓଡ଼ିଶାରେ ଭୂଦାନ ଆନ୍ଦୋଳନ ବହୁମାତ୍ରାରେ ସଫଳ ହୋଇଥିଲା। ଗାନ୍ଧିଜୀଙ୍କ ନିଶାନିବାରଣ କାର୍ଯ୍ୟକୁ ଯଦି ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଯଦି କିଏ ଉଦ୍‌ଜୀବିତ କରିଥିଲେ ସେ ଥିଲେ ମା' ମାଳତୀ ଦେବୀ। ସାମନ୍ତବାଦୀଙ୍କ ଗୋତିପ୍ରଥା ହେଉ ବା କୁଷ୍ଠରୋଗ ନିରାକରଣ ହେଉ ସେ ସେଥିପାଇଁ ସାରାଜୀବନ ସଂଗ୍ରାମ ଜାରି ରଖିଥିଲେ। ନିଜର ସ୍ୱାଭିମାନ ପାଇଁ ଯମୁନାଲାଲ୍ ପୁରସ୍କାରକୁ ଯିଏ ପ୍ରତ୍ୟାଖ୍ୟାନ କରିଥିଲେ ସେ ଥିଲେ ମା' ମାଳତୀ ଦେବୀ। ବଙ୍ଗରୁ ଆସି ମଧ୍ୟ ଓଡ଼ିଶାକୁ ନିଜର କର୍ମସ୍ଥଳୀ ରୂପେ ବାଛି ଏହାର ଜନସାଧାରଣଙ୍କ ଉନ୍ନତି ପାଇଁ ନିଜ ସ୍ୱାର୍ଥକୁ ତିଳତିଳ କରି ଜାଳି ସମାଜର ଅବହେଳିତ, ଦଳିତ, ନିଷ୍ପେଷିତ ମହିଳାମାନଙ୍କ ପାଇଁ କାର୍ଯ୍ୟକରି ଅପାର ଆନନ୍ଦ ଲାଭ କରୁଥିଲେ। ଓଡ଼ିଶାର କୃଷକ ଆନ୍ଦୋଳନ ହେଉ ବା ସ୍ୱାଧୀନତା ସଂଗ୍ରାମୀ ହେଉ ଏ ସମସ୍ତ ସର୍ବୋଦୟ ଆନ୍ଦୋଳନକୁ ତାଙ୍କର ଦାନ ଅତୁଳନୀୟ। ପ୍ରକୃତରେ ସେହିଁ ଥିଲେ ବିପ୍ଳବୀ ବହ୍ନିକନ୍ୟା ମାଳତୀ ଦେବୀ। ମଦ ଏବଂ ବିଦେଶୀ ଦ୍ରବ୍ୟକୁ ବିରୋଧ କରି ସେ ୧୪, ୧୫ ବର୍ଷର ପିଲାଙ୍କୁ ନେଇ ବାନର ସେନାରେ ସାମିଲ କରି ସଫଳ ହୋଇଥିଲେ। ଗାନ୍ଧୀଙ୍କ ଗଠନମୂଳକ କାର୍ଯ୍ୟକୁ ସେ ପହଁଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ବାଜିରାଓ ଛାତ୍ରବାସ ସ୍ଥାପନ କରି ଗାନ୍ଧିଜୀଙ୍କ ପ୍ରଣୀତ ଶିକ୍ଷା ସେ ପିଲାମାନଙ୍କୁ ପ୍ରଦାନ କରୁଥିଲେ। ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ଯେତେବେଳେ ଦଙ୍ଗା ହୋଇ ଶାନ୍ତି ନଷ୍ଟ ହୋଇଥିଲା ମା' ନିଜେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ହୋଇଥିବା ଦଙ୍ଗାଗ୍ରସ୍ତ ନୂଆଖାଲି ଅଞ୍ଚଳକୁ ଯାଇ ମହାତ୍ମାଗାନ୍ଧୀଙ୍କ ସହ ସେମାନଙ୍କ ଭିତରେ ଶାନ୍ତି ଫେରାଇ ଆଣିଥିଲେ।

୧୯୩୬ ମସିହାରେ କଥା। ମା' ମାତଲୀ ଦେବୀ ନିଜେ ବାଲେଶ୍ୱର ଯାଇ କୃଷି ସମ୍ମିଳନୀ କରାଇ କୃଷକମାନଙ୍କୁ ଋଣଛାଡ଼ କରିବା, ଜଳକର ଛାଡ଼ କରିବା, ସେମାନଙ୍କୁ ଶୋଷଣମୁକ୍ତ କରି ସେଦିନ ସେହି ସଭାରେ କେବଳ ଉଦ୍‌ବୋଧନ ଦେଇନଥିଲେ, କୃଷକମାନଙ୍କୁ ଏକ ପତ୍ରିକା ସମ୍ପାଦନା କରି ସେମାନଙ୍କୁ ସର୍ବାଙ୍ଗୀନ ଉନ୍ନତି ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ ମା' ମାଳତୀ ଦେବୀ। ମା' ନିଜେ କୋରାପୁଟର ଆଦିବାସୀ ବହୁଳ ଅଞ୍ଚଳର ବିକାଶ ପାଇଁ ମଧ୍ୟ କାର୍ଯ୍ୟ ଜାରି ରଖିଥିଲେ।

ପ୍ରକୃତରେ ମା' ମାଳତୀ ଦେବୀଙ୍କ ଅବଦାନକୁ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନରେ ହେଉ ଭାରତର ସ୍ୱାଧୀନତା ସଂଗ୍ରାମ ହେଉ କେହି ଅସ୍ୱୀକାର କରିପାରିବେ ନାହିଁ। ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଶାର ଇତିହାସରେ ମା' ମାଳତୀଦେବୀ ସଦାସର୍ବଦା ଝଲସୁଥିବେ ବିପ୍ଳବୀ ବହ୍ନିଟିଏ ହୋଇ। ପ୍ରାଚୁର୍ଯ୍ୟର କୋଳରେ ବଢ଼ିଥିଲେ ମଧ୍ୟ ସେ ସବୁକୁ ପାଦରେ ଆଡ଼େଇ ଦେଇ ନିଜର ନିଃସ୍ୱାର୍ଥପୁର ସେବାରେ ସମସ୍ତ ଉତ୍କଳୀୟଙ୍କ ହୃଦୟରେ ମା'ର ଆସନକୁ ଅଳଙ୍କୃତ କରି ମହାନ ହୋଇଯାଇଛନ୍ତି। ଏ ଓଡ଼ିଆଜାତି ତାଙ୍କର ଅତୁଳନୀୟ ଅବଦାନକୁ ତ୍ୟାଗ, ତୀତିକ୍ଷାକୁ କେବେ ଭୁଲିପାରିବନାହିଁ। ମା' ମାଳତୀ ଦେବୀ ଶେଷରେ ଅନୁଗୁଳର ବାଜିରାଉତ ଛାତ୍ରାବାସର ଅବଶିଷ୍ଟ ଜୀବନ ବିତାଇ ୧୯୯୮ ମସିହାରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କରି ଆଦର୍ଶକୁ ପାଥେୟ କରି ଆଜିର ବିଶୃଙ୍ଖଳିତ, ପଥଭ୍ରଷ୍ଟ, ନିଜ ସଂସ୍କୃତିଠାରୁ ଦୂରେଇ ଯାଇଥିବା ଯୁବପିଢ଼ି ଯଦି ମା'ଙ୍କ ଠାରୁ କିଛି ପ୍ରେରଣା ପାଇଁ ଶିକ୍ଷା ଲାଭ କରି ସମାଜକୁ ତଥା ରାଷ୍ଟ୍ରକୁ ବିକାଶପଥରେ ଆଗେଇ ନେବା ପାଇଁ ଚେଷ୍ଟା ଜାରି ରଖନ୍ତି। ତେବେ ବିପ୍ଳବରବହ୍ନି ମା' ମାଳତୀ ଦେବୀଙ୍କ ପାଇଁ ତାହା ହିଁ ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି।

♥ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪




ପୃଷ୍ଠା ୨୯୮



# ସ୍ମୃତିର ସୁନାଫରୁଆ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

**ଫଟୋ ସହ ଆଉ ଗୋଟିଏ ଜିନିଷ ହୃଦୟକୁ ଛୁଇଁଯାଏ, ସେ ହେଉଛି ଆମ ବିବାହ ବେଳର ଫଟୋ । ସେତେବେଳେ ମଧ୍ୟ ନନା ଏତେ ସଚେତନ ଥିଲେ ଯେ, ବାହାଘର ବେଦି ପାଖରେ ମଧ୍ୟ ଫଟୋଗ୍ରାଫରକୁ ଡାକି ଆଣି ଛିଡା କରେଇ ଥିଲେ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯଦି ସବୁ ଖୁସିକୁ, ସବୁ ଆନନ୍ଦକୁ, ସବୁ ରାଗ, ରୁଷା ଓ ଅଭିମାନକୁ ଗୋଟିଏ ପାଟ କନାରେ ବାନ୍ଧି ପୋଖରୀର ସାତ ତଳ ପଙ୍କ ତଳେ ଥିବା ସୁନା ଫରୁଆରେ ରଖାଯାଇ ପାରିଥାନ୍ତା, ଯଦି ସେସବୁ ପିଲାଦିନର କଥା ତଥା ସ୍କୁଲ କଲେଜର ସ୍ମୃତିକୁ ଆଜି ପରି ଭଳିକି ଭଳି କ୍ୟାମେରା ବା' ମୋବାଇଲ ଫୋନ୍‌ରେ ବନ୍ଦୀ କରାଯାଇପାରିଥାନ୍ତା, ବା' ସେଲ୍‌ଫି ମାଧ୍ୟମରେ କଏଦ୍ କରାଯାଇପାରିଥାନ୍ତା, ତେବେ ସେଦିନର ସେ ମଧୁର ଦିନ ଗୁଡିକହଜି ଯାଇନଥାନ୍ତା ଆଉ ହଜିଯାଇନଥାନ୍ତେ ବି' ସେ ବିଚିତ୍ର ଭାବର ସୌନ୍ଦର୍ଯ୍ୟ ଓ ସୁବାସ ।

ଏବେ ଯେ ଏତେ ଗୁଡିଏ ବର୍ଷ ଆମେ ଆମ ଜୀବନରେ ଅତିକ୍ରମ କରି ଆସିଲେଣି ସେକଥା ହୃଦବୋଧ ହୁଏ ନାହିଁ କିମ୍ବା ହୃଦୟଙ୍ଗମ କରିବାକୁ ଇଚ୍ଛା ହୁଏନାହିଁ, ଲାଗେ ଆମେ ଏବେ ବି ଅଛେ ଆମ ଶୈଶବରେ, ଖେଳୁଛେ, ବୁଲୁଛେ, ନାଚୁଛେ, ହସୁଛେ । ସୁନ୍ଦରଗଡର ସେ ପିଲାଦିନର ସ୍କୁଲ ଯେଉଁଠି ମାତ୍ର ଦୁଇ ପଇସାରେ ଦନା ଭର୍ତ୍ତି ମୁଢି ଓ ମଟର ତରକାରୀ ମିଳୁଥିଲା, ଡୁଡୁ ଖେଳ ଓ ଖୋ ଖୋ ଖେଳରେ ସ୍କୁଲ କମ୍ପିଯାଉଥିଲା ପରୀକ୍ଷା ଆରମ୍ଭ ହେଲେ ହଲରେ ଭୟାର୍ତ୍ତ ନିଃସ୍ତବଧତା ଖେଳିଯାଉଥିଲା ଏବଂ ଫିକା ନୀଳରଙ୍ଗର ସ୍କୁଲ ଡ୍ରେସ ପିନ୍ଧି ପିନ ଡ୍ରପ ସାଇଲେନ୍ସ ସହ ପରୀକ୍ଷା ଦେବାର ଯେଉଁ ଆକୁଳତା ଥିଲା ସେଗୁଡିକ କିଛି ଆଉ ନାହିଁ, ସବୁ ଇବ୍ ନଦୀର ପାଣିରେ ମିଶିଯାଇଛି, ସ୍ମୃତି ତକ ନଦୀରେ ରଙ୍ଗ ବୋଳି ଦେଇଛି ଏବଂ ପାଣିର ବହମାନ ସ୍ରୋତରେ ବହି ଯାଇଛି । ମାଇନର ପାସ୍ କଲାପରେ ଗୋଟିଏ ବି ସାଙ୍ଗ ସହ ମୋର ଆଉ ଦେଖା ସାକ୍ଷାତ୍ ହୋଇନାହିଁ କି ଏବେ ଅଭିମାନର ଲୁହରେ ଅନବରତ ତିନ୍ତୁ ଥିଲେ ମଧ୍ୟ କାହାରି ଠିକଣା ମୋ ପାଖରେ ନାହିଁ ।

ସେମିତି ବ୍ରହ୍ମପୁରରେ, ସେକେଣ୍ଡାରୀ ଓ ଟ୍ରେନିଂ ଗାର୍ଲସ ହାଇସ୍କଲରେ ପଢିବା ବେଳେ ଆଦ୍ୟ କୈଶୋରର ସେ ମଧୁର ସ୍ମୃତି ଅଧା ଋଷିକଲ୍ୟା ନଈରେ ଆଉ ଅଧା ଗୋପାଳପୁରର ବଙ୍ଗୋପସାଗର ଢେଉରେ ହଜିଯାଇଛି । ସେ ଦିନର ସ୍ମୃତି କୁ ମଧ୍ୟ ବାନ୍ଧି ରଖି ପାରିନାହିଁ, କାରଣ ନଥିଲା ସେତେବେଳେ କ୍ୟାମେରା ବା' ସେଲ ଫୋନ୍ ଯେଉଁଥିରେ ସଙ୍ଗେ ସଙ୍ଗେ ଫଟୋ ଉଠିଯାଉଥିଲା, ଅଳ୍ପ କିଛି ଷ୍ଟୁଡିଓ ଥିଲା ଯେଉଁଠିକି ନିଜେ ଯାଇ ତା' ଭିତରେ ବସି ଫଟୋ ଉଠାଇବାକୁ ପଡୁଥିଲା । କେବଳ ଏନ.ସି.ସି ଫଟୋଟିଏ ଛଡା ଆଉ ସ୍କୁଲର କି କୌଣସି ସାଙ୍ଗର ଫଟୋଟିଏ ମଧ୍ୟ ପାଖରେ ନଥିଲା । ବ୍ରହ୍ମପୁରର ବଡ ବଜାର ପାଖରେ ଫଟୋ ଷ୍ଟୁଡିଓ ଟିଏ ଥିଲା ଯାହା ଆଗରେ କାଠର ସାଇନ ବୋର୍ଡ ଟିଏ ଝୁଲୁଥିଲା -ଯେଉଁଥିରେ ଲେଖାହୋଇଥିଲା 'ଥୋଟାଙ୍କର ଫଟୋ କି ସୁନ୍ଦର ଲୋ ମାଆ' ଯେଉଁ ଷ୍ଟୁଡିଓକୁ ନାହିଁ, ନାହିଁ ସତ୍ତ୍ୱେ ନନା ଆମକୁ ଟାଣି ଟାଣି ନେଉଯାଉଥିଲେ ଏବଂ ଥଟ୍ଟାରେ କହୁଥିଲେ ଆସ ଆମେ ସମସ୍ତେ ମିଶି ଫଟ୍ ଉଠାଇବା, ତା'ପରେ ଆମେ ସବୁ ସଜେଇ ହୋଇ ଠିଆ ହେଲାପରେ ଗ୍ରୁପ୍ ଫଟୋଟିଏ ଉଠାଯାଇ ପାରୁଥିଲା ଯାହା ଏବେ ପର୍ଯ୍ୟନ୍ତ ସ୍ମୃତିର ଅଲିଭାଦୀପ ଶିଖାଟିଏ ହୋଇ ହୃଦୟ ଭିତରେ ଜଳୁଛି । କେବଳ ସେଇ ଗୋଟିକ ଫଟୋ ହିଁ ଏ ଯାଏଁ ଆମପାଇଁ ଏକମାତ୍ର ସ୍ମୃତିର ସ'କ ହୋଇ ରହିଛି । ନନା ଜବରଦସ୍ତ ଆମକୁ ଟାଣି ନେଇନଥିଲେ , ବୋଉ ସହ ସେହି ପିଲାଦିନର ଫଟୋ ମଧ୍ୟ ଉଠା ଯାଇ ପାରିନଥାନ୍ତା ।

ଫଟୋ ସହ ଆଉ ଗୋଟିଏ ଜିନିଷ ହୃଦୟକୁ ଛୁଇଁଯାଏ, ସେ ହେଉଛି ଆମ ବିବାହ ବେଳର ଫଟୋ । ସେତେବେଳେ ମଧ୍ୟ ନନା ଏତେ ସଚେତନ ଥିଲେ ଯେ, ବାହାଘର ବେଦି ପାଖରେ ମଧ୍ୟ ଫଟୋଗ୍ରାଫରକୁ ଡାକି ଆଣି ଛିଡା କରେଇ ଥିଲେ । ବୋଉ ନଥିବାରୁ ତାଙ୍କୁ ସବୁ ଜିନିଷ ବୁଝିବାକୁ ପଡୁଥିଲା ଏବଂ ସେ ସବୁ ଜିନିଷ ସେ ବଡ ଆନନ୍ଦର ସହ ବୁଝୁଥିଲେ କାରଣ ବଡ ଝିଅର ବାହାଘରରେ କେଉଁଠି ଟିକିଏ ଯେମିତି ଉଣା ନହୁଏ, ସେଥିପାଇଁ ଖୁବ୍ ତତ୍ପର ଥିଲେ ସେ । ତା' ଭିତରେ ସେ ଯେ କେତେବେଳେ କ୍ୟାମେରା ମ୍ୟାନ୍‌କୁ ଡାକି ଠିଆ କରାଇଛନ୍ତି ଆମେ କେହି ଜାଣି ପାରିନଥିଲୁଁ । ବେଦୀକାମ ପରେ ସେ ଅଜା, ଆଈ, ମଉସା, ମାଉସୀ, ମାମୁଁ, ମାଇଁଙ୍କ ଠାରୁ ଆରମ୍ଭ କରି ଛୋଟ ପିଲାଯାଏଁ ସମସ୍ତଙ୍କୁ ଏକାଠି କରି ଗ୍ରୁପ୍ ଫଟୋ ଉଠାଇଥିଲେ । ସେ ଗ୍ରୁପ୍ ଫଟୋକୁ ଦେଖିଲେ ଯେତିକି ଖୁସି ଲାଗେ ତା'ଠାରୁ ଆହୁରି ଦୁଃଖ ଲାଗେ କାରଣ ତା' ଭିତରୁ ଅଧିକାଂଶ ପ୍ରିୟ ମଣିଷ ଆଉ ଆମ ଭିତରେ ନାହାନ୍ତି । ନନା ସମସ୍ତଙ୍କୁ ଏକାଠି କରି ଫଟୋ ଉଠାଇଥିଲେ ବୋଲି ସିନା ଆଜି ପର୍ଯ୍ୟନ୍ତ ସେ ଫଟୋ ଜୀବନ୍ତ ହୋଇ ରହିଛି ।

ଜୀବନର କିଛି ମଧୁର ମୁହୂର୍ତ୍ତ ସହିତ କିଛି ଯନ୍ତ୍ରଣାଦାୟକ ମୁହୂର୍ତ୍ତ ମଧ୍ୟ ଯୋଡି ହୋଇ ରହିଥାଏ, ଯାହାର ରୋମନ୍ଥନ ଆଉ କରିହୁଏ ନାହିଁ ବା' କରିବାକୁ ଇଚ୍ଛା ହୁଏ ନାହିଁ । ଯଦି ପିଲାଦିନୁଁ ଡାଏରୀ ଲେଖା ଅଭ୍ୟାସ ମୋର ଥାନ୍ତା, ତେବେ ସବୁ ଦିନର କଥାକୁ ଲେଖା ମାଧ୍ୟମରେ ପ୍ରକାଶ କରି ପାରିଥାନ୍ତି ଓ ସବୁ ଜିନିଷ ମନେ ରଖିବା ମଧ୍ୟ ମୋ ନିକଟରେ ସମ୍ଭବପର ହୋଇ ପାରିଥାନ୍ତା । ହୁଏତ ଡାଏରୀଟିଏ, ସେ ସ୍ମୃତିକୁ ବାନ୍ଧି ରଖି ପାରିଥାନ୍ତା କିନ୍ତୁ ଡାଏରୀ ଲେଖା ଅଭ୍ୟାସ କାହାର ବା' ଏମିତି ଅଛି ଯିଏ ବର୍ଷ ବର୍ଷ ନୁହେଁ ଯୁଗ ଯୁଗ ଧରି ନିଜ ଜୀବନଫର୍ଦ୍ଦକୁ ଡାଏରୀର ଫର୍ଦ୍ଦ ସହ ଯୋଡି ଦେଇପାରେ ?

ଗୋଟିଏ ନିଷ୍କ୍ରିୟ ଫଟୋ ଭିତରେ ଅନେକ ସ୍ମୃତି, ଅନେକ କଥା, ଅନେକ ଘଟଣା, ଅନେକ ମୁହୂର୍ତ୍ତ ଜୀବନ୍ତ ହୋଇ ରହିଥାଏ ଏବଂ ବେଳେବେଳେ ଫର୍ଦ୍ଦ ଫର୍ଦ୍ଦ ହୋଇ ଖୋଲି ଯାଏ ଜୀବନର ବହି, ଆଉ ପୃଷ୍ଠା ପରେ ପୃଷ୍ଠା ଓଲଟିଯାଏ ଫ୍ଲାସ୍ ବ୍ୟାକ୍ ଭଳି କିନ୍ତୁ ଆଉ କିଛି ଦୃଶ୍ୟ ମଧ୍ୟ ବିସ୍ମରଣର ମହାସମୁଦ୍ର ଭିତରେ ହଜିଯାଏ, ମିଳେଇଯାଏ, ଯାହାକୁ ଉଦ୍ଧାର କରିବା ଏକ କଷ୍ଟକର ବ୍ୟାପାର ହୋଇପଡେ । ସେତେବେଳେ ଚିରଦିନ ପାଇଁ ଅଦୃଶ୍ୟ ହୋଇଯାଏ ସେ ସ୍ମୃତିର ପ୍ରତିଲିପି ।

(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୨)

# ମାଥା



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆଉ ଏପରି ସ୍ଥିତିରେ ମହସରୁଲରୁ ରବିବାର କାରଞ୍ଜା, ରବିବାର କାରଞ୍ଜାରୁ ସି.ବି.ଏସ୍। ଆଉ ସି.ବି.ଏସ୍.ରୁ ସାତପୁର ରିକ୍ସାରେ ଯିବାକୁ ପଡୁଥିଲା। ଏତେ ସବୁ କଲା ପରେ ବି ଠିକ୍ ସମୟରେ ପହଞ୍ଚ ହେବ ତାର କୌଣସି ଗ୍ୟାରେଣ୍ଟି ନାହିଁ। ତାଛଡ଼ା ଗସ୍ତରେ ଯିବାକୁ ପଡୁଥିଲା। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ହେଉଥିଲା। ଆଉ ତା ପାଇଁ ଯଦି ବାହାରକୁ ଯିବାକୁ ହୁଏ ତେବେ ଘରେ ଅତିଥିମାନଙ୍କୁ ଏକୁଟିଆ ରହିବାକୁ ପଡୁଥିଲା। ପିଲାମାନେସକାଳ ସାତଟାରେ ଘରୁ ବାହାରି ଯାଉଥିଲେ ଆଉ ଦ୍ୱିପ୍ରହର ତିନିଟାରେ ଘରକୁ ଫେରୁଥିଲେ। ଖାଇ ସାରି ରିଟା ବେଳେ ଟ୍ୟୁସନ୍ ଯାଉଥିଲେ ଆଉ ଆଠଟାରେ ଫେରୁଥିଲେ। ପତ୍ନୀର ଫେରୁ ଫେରୁ ଦୁଇଟା ବାଜି ଯାଉଥିଲା। ମୋର ଫେରିବାର କୌଣସି ଠିକଣା ନ ଥିଲା। କୌଣସି ଏକ କଠିନ ଗଣିତ ପରି ଚାଲିଥିଲା ଆମର ଜୀବନ। କେଉଁଠି ଗୋଟେ ଭୁଲ୍ ହେଲେ ସାରା ସମୀକରଣ ଗଡବଡ ହୋଇଯାଉଥିଲା । ହେଲେ ଏପରି ଗଣିତ ସୃଷ୍ଟି ହେଲା କିପରି ? କିଏ କରିଥିଲା ଏମିତି ? ଏମିତି ପୂର୍ଣ୍ଣଗର୍ଭା। କେମିତି ହୋଇଯାଇଥିଲା ... କାହିଁକି ହୋଇଯାଇଥିଲା ଏଇ ସ୍ୱର୍ଣ୍ଣକାତର... .ସାମାନ୍ୟ ଧକ୍କାରେ ଲାଗିଲେ ଭୁସ୍‌ଭାସ୍ ହୋଇ ଭୁସୁଡ଼ି ପଡୁଥିବା ତାସ ଘର ପରି। ମୋର ଘର ସଂସାର ଧରାଶାୟୀ ନହୋଇ ମଧ୍ୟ, ସେଥିପାଇଁ ଅନେକ ସମୟରେ ମୁଁ ଏପରି ମିଳିମିଶା ଠାରୁ ଦୂରେଇ ରହୁଥିଲି। ହେଲେ ସେଇ ସମୟରେ ମାଆର ପ୍ରଶ୍ନ, ଯକ୍ଷର ପ୍ରଶ୍ନ ପରି ସାମ୍ନାରେ ଆସି ଛିଡ଼ା ହୋଇ ଯାଉଥିଲା, "ବାକି ସବୁ କାମପାଇଁ ତୋ ପାଖରେ ସମୟ ଅଛି, ହେଲେ ତୋର ଭାଇ-ଭଉଣୀଙ୍କ ପାଇଁ କାହିଁକି ନାହିଁ ?

ମାଆର ଏଇ ପ୍ରଶ୍ନ ସନାତନ ହୋଇଯାଇଥିଲା ମୋ ପାଇଁ... ଆଉ ତା ସହିତ ସନାତନ ହୋଇ ସାରିଥିଲା ମୋର ଉତ୍ତର। ମୁଁ ଯେଉଁ ଉତ୍ତର ଦେଉଥିଲି ତାହା ମୋତେ ବି ଠିକ୍ ଲାଗୁ ନଥିଲା, ଆଉ କେବେକେବେ ମୋତେ ପୁରାପୁରି ଠିକ୍ ଲାଗୁଥିଲା। ଏଇ ସବୁ ବୈଚାରିକ ଚକ୍ରବ୍ୟୁହ ମଧ୍ୟରେ ଗୋଟିଏ କଥା ରେଖାଙ୍କିତ ହେଉଥିଲା ଯେ ମୁଁ ମୋର ବନ୍ଧୁ ଓ ସହୋଦରଙ୍କୁ ଭୁଲି ଯାଇପାରିବି। ହେଲେ ମାଆ ତାର କୌଣସି ପିଲାପିଲିଙ୍କୁ, ବନ୍ଧୁବାନ୍ଧବଙ୍କୁ ଭୁଲି ପାରିବ ନାହିଁ ... ମାଆ ସର୍ବବ୍ୟାପୀ , ମୁଁ ଆତ୍ମକୈନ୍ଦ୍ରିକ...ମୋର ମାନସପଟଳରେ ଏଇପରି ଏକ ଚିତ୍ର ଫୁଟି ଉଠୁଥିଲା। ସିଏ ଏତେ ସୁବିସ୍ତାରିତ, ଏତେ ବ୍ୟାପକ ହୋଇଯାଉଥିଲା ଯେ ମୁଁ ତା ସାମ୍ନାରେ ଗୋଟେ ମାଟିରେ ଘୁଷୁରୁ ଥିବା ସରୀସୃପ ପରି ଲାଗୁଥିଲି। ମୋର ମିଥ୍ୟା ପ୍ରତିଷ୍ଠା, ଯଶଖ୍ୟାତି, ସମ୍ପତ୍ତିବାଡ଼ି ସବୁ କିଛି ଭୂଇଁରେ ଘୁଷୁରୁଥିବା ପରି ଲାଗୁଥିଲା।

(୩୨)

ମୋର ପତ୍ନୀର ନାଁ ଥିଲା ଲତା। ସ୍ନେହରେ ମୁଁ ତାକୁ କେନ୍ଦି ବୋଲି ଡାକୁଥିଲି। ଯେମିତି ଇଲନ୍ଦା ଶବ୍ଦର କୌଣସି ଅର୍ଥ ନ ଥିଲା ସେମିତି କେନ୍ଦି ଶବ୍ଦର ମଧ୍ୟ କୌଣସି ଅର୍ଥ ନଥିଲା। ମୋ ପତ୍ନୀର ଜଣେ ସମ୍ପର୍କୀୟଙ୍କର ନାଁ ଥିଲା କେନ୍ଦି। ମୋର ବି ଏଇ କେନ୍ଦି ସହ ସମ୍ପର୍କ ଥିଲା। ତାର ଜୀବନ ବି ଦୁଃଖର ମହାସାଗର ଥିଲା। ପାଗଳ ପରି ବ୍ୟବହାର କରୁଥିଲା ସିଏ। କେନ୍ଦି ନାମ ଯୋଗୁଁ ମୋର ଗୋଟେ ବହୁତ ପୁରୁଣା ସମ୍ପର୍କ କଥା ମନେ ପଡୁଥିଲା । ମୂଳତଃ ଏଇ କେନ୍ଦି ମୋର ମାଆର ଦାଦାପୁଅ ଭାଇ, ମାମୁଁଙ୍କର ସ୍ୱପ୍ନରେ ଆସିଥିଲା । ସିଏ ମାମୁଁଙ୍କୁ ସ୍ୱପ୍ନରେ କହିଲା, "ଆରେ.. ମୋର ମୃତ୍ୟୁ ପରେ ସମସ୍ତେ ମୋତେ ଭୁଲିଗଲେ ! ତୁ ତୋର ପୁଅକୁ ମୋର ନାଁ ଦେଏ ଆଉ ପ୍ରଚଳିତ କର ମୋ ନାଁକୁ। ମାମୁଁ ନିଜର ପୁଅର ନାମ କେନ୍ଦୱା ରଖିଥିଲେ। ଏବେ ସିଏ ସେନାବାହିନୀରେ ଚାକିରି କରୁଛି। ଏପରି ଥିଲା କେନ୍ଦି ପୁରାଣ।

ମୁଁ ଦିନେ ପତ୍ନୀକୁ କେନ୍ଦି ନାଁରେ ଡାକୁଥିଲି। ମାଆ ଶୁଣି ନେଲା, ଆଉ ଜୋର୍‌ରେ ଚିତ୍କାର କଲା ସିଏ " କାହିଁକିରେ ! ତୁ କ'ଣ ସଂସ୍କାରି ନ ହେବାର ଶପଥ କରି ନେଇଛୁ ନା କ'ଣ ?"

"ଏବେ ପୁଣି କଣ ହେଲା ?"

"କଣ ହେଲା ? ଆରେ ମୋର ବୋହୂର କେତେ ସୁନ୍ଦର ନାଁ ଅଛି। ଆଉ ତାକୁ ତୁ ସେଇ ଭଲ ନାଁରେ ନ ଡାକି ଏମିତି କେନ୍ଦି ନାଁରେ କାହିଁକି ଡାକୁଛୁ ? ତୋତେ ଲାଜ ଲାଗୁନି ?"

"କେନ୍ଦି ବୋଲି ଡାକିଲେ ଏମିତି କଣ ପ୍ରଳୟ ଅଶୁଦ୍ଧି ହୋଇ ଯାଉଛି ଯେ ?"

"ତୋତେ କେନ୍ଦା ବୋଲି ଡାକିଲେ କେମିତି ଲାଗିବ ?"

ମାଆ ପରିଥିବା ପ୍ରଶ୍ନ କେବେହେଲେ ମୋ ମନରେ ଉଠିନଥିଲା। ହେଲେ ସେଇ ପ୍ରଶ୍ନ ମୋର ମର୍ମସ୍ଥଳୀରେ ଆଘାତ କରିଥିଲା। ମୁଁ ଠିକ୍ କରିନେଲି ଯେ ଏବେ ମୁଁ ପତ୍ନୀକୁ କେନ୍ଦି ବୋଲି ଡାକିବି ନାହିଁ। ଲତା ନାଁରେ ଡାକିବାକୁ ଲାଗିଲି ତାକୁ। ହେଲେ ତାହା ତାକୁ ବଡ଼ ଅଦ୍ଭୁତ ଲାଗିଲା। ସିଏ ଏ ବିଷୟରେ ଅନେକ ଥର ପଚାରିଲା, ସିଏ କହିବାକୁ ଲାଗିଲା "ଏଇଦେଖ, ମୁଁ ତୁମକୁ ଗୋଟେ କଥା କହି ଦଉଛି। ଏମିତି କଣ ଗୋଟେ ଡାକୁଛ ଯେ, ଲତା, କାମ୍ବଲେ ମ୍ୟାଡ଼ାମ୍, କାମ୍ବଲେ ବାଈ ? ମୋତେ ତୁମେ କେନ୍ଦି ବୋଲି ଡାକ।"

"ହେଲେ ମାଆ କଣ ଭାବିବ ?"

"କିଛି ଭାବିବେନି ସିଏ।"

ଅନେକ ଥର ପତ୍ନୀ ଆଉ ମାଆ ମଧ୍ୟରେ ହେଉଥିବା ବିବାଦ ମଧ୍ୟରେ ନିଜର ଭୂମିକା ନିର୍ବାହ କରୁ କରୁ, ପତି ନାମକ ବିବଶ ପ୍ରାଣୀଟି ଚକିର ଦୁଇ ପଥର ମଝିରେ ପେଶିହେବା ସ୍ଥିତିରେ ଫସି ଯାଏ। ପତ୍ନୀ ଆଉ ମାଆ ମଧ୍ୟରେ ଝଗଡ଼ା ହେଲେ ପତି ତାକୁ କେମିତି ସମାଧାନ କରିବ ? ମୋତେ ତାର ଉତ୍ତର କେବେ ହେଲେ ମିଳି ନ ଥିଲା। ସେଇ ଦୁଇ ଜଣଙ୍କ ମଧ୍ୟରେ ଯେ କେବେହେଲେ ବିବାଦ ହୋଇନି ସେମିତି ନୁହେଁ। ହେଲେ ବଡ ଆଶ୍ଚର୍ଯ୍ୟ ଆଉ ଚମକି ପଡ଼ିବାର କଥା ଏଇକି ଯେ, ମୋର ବିନା ହସ୍ତକ୍ଷେପରେ ହିଁ ତାର ସମାଧାନ ହୋଇଯାଇଛି। କହିବାର ଅଭିପ୍ରାୟ ଏଇଆ ଯେ, ଏମିତି ନୁହେଁ ଯେ ସବୁବେଳେ ସେମିତି ହୋଇଛି। କେବେ କେବେ ପତ୍ନୀକୁ ଲାଗିଛି ଯେ ଶାଶୁ ଘରେ ନ ରୁହନ୍ତୁ । ହେଲେ ତାର ପିଲାମାନଙ୍କୁ ଯେମିତି ମାଆର ଆବଶ୍ୟକତା ଅଛି - ସେମିତି ସ୍ୱାମୀକୁ ବି ତାର ମାଆର ଆବଶ୍ୟକତା ଅଛି ଏକଥା ତାଆରି ଆବିଷ୍କାର ଥିଲା। ଆଉ ଏଇ ସୂତ୍ରକୁ ସିଏ ନିଜେ ହିଁ ପ୍ରୟୋଗ କରିଥିଲା।

ସେଇ ଦୁଇ ଜଣଙ୍କର ବିବାଦରେ ମୁଁ କେବେହେଲେ ହସ୍ତକ୍ଷେପ କରୁ ନଥିଲି। ହେଲେ ଆମ ପତି-ପତ୍ନୀଙ୍କ ଭିତରେ କିଛି ବିବାଦ ହେଲେ ମାଆ ମୋ ପରି ଯାଇ ସୁରକ୍ଷିତ ସ୍ଥାନରେ ବସି ପଡୁ ନଥିଲା। ସିଏ ସିଧା ହସ୍ତକ୍ଷେପ କରୁଥିଲା। ଅନେକ ଥର ଚୁପଚାପ୍ ବସିଥିଲାବେଳେ ମୋର ଗଜାନନ ମାଧବ ମୁକ୍ତିବୋଧଙ୍କ ଦ୍ୱାରା ରଚିତ 'ଏକ ସାହିତ୍ୟିକର ଡାଏରୀ' ନାମକ ପୁସ୍ତକର 'ପାର୍ଟନର ତୁମର ପଲିଟିକସ୍ କ'ଣ ?' ର ଏକ ଆପ୍ତ-ବାକ୍ୟ ମନେ ପଡ଼ିଯାଏ - "ନୋ ପଲଟିକ୍ସ ବି କେବେ କେବେ ପଲିଟିକ୍ସ ହୋଇଯାଏ।" କବି ନାରାୟଣ ସୁର୍ବେ ଯାହା କହିଛନ୍ତି ତାହା ଟିକେ ହେଲେ ଅସତ୍ୟ ନୁହେଁ।

ମାଆ ନିଜର ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କର ବିରାଟ ପଟୁଆରକୁ ସାଙ୍ଗରେ ନେଇ ଆଗକୁ ବଢୁଥିଲା। ଆଉ ମୁଁ ନିଜର ବର୍ଗାକାର ପରିବାରକୁ କାନ୍ଧରେ ବୋହି ବୋହି ଘୁଷୁରି ଘୁଷୁରି ଚାଲୁଥିଲି। ଅନେକ ସମୟରେ ମୋତେ ଏମିତି ଅନୁଭବ ହେଉଥିଲା।

ସକାଳେ ପତ୍ନୀ ସ୍କୁଲ ଗଲା ପରେ ମୁଁ ପିଲାମାନଙ୍କୁ ନେଇ ବସ୍‌ଷ୍ଟପ୍‌କୁ ଯାଉଥିଲି। ସିଏ ଗଲା ପରେ ଘରେ ମାଆ ଆଉ ମୁଁ ଦୁଇ ଜଣ ହିଁ ରହୁଥିଲା। ତା ପାଇଁ ଗୋଟେ ତସଲାରେ ଗରମ ପାଣି କରି ରଖୁଥିଲି। କିଛି ଅଣ୍ଡା ସିଝେଇ ରଖି ଦେଉଥିଲି ରୋଷେଇ ଘରଥାକରେ। ଆଉ ତାପରେ ବାହାର ଅଗଣାରେ ବସି ଖବରକାଗଜ ପଢୁଥିଲି। ଘର ଭିତରେ ଥାଇ ମାଆ ପାଟି କରୁଥିଲା "ଆରେ ଗରମପାଣି ଆଣି ମୋ ରୁମ୍‌ରେ ରଖ। ହଁ ସାଧାପାଣି ବି ନେଇ ଆସିବୁ।"

ମୁଁ କହେ - "ଆରେ କିଚେନ୍‌ର ଥାକରେ ଅଛି ନା, ନେଇଯାଆ।"

ସିଏ : "ନା, ତୁ ନେଇ କି ଆସ୍।"

ମୁଁ ଚିଡ଼୍‌ଚିଡ଼୍ ନ ହେଇ ତା' କଥା ଶୁଣେ, ହେଲେ ଏମିତି ସବୁଦିନେ ହେବାକୁ ଲାଗିଲା, ଦିନେ ମୁଁ ରାଗି ଯାଇ କହିଲି 'ତୋର କୋଠରୀ ଆଉ କିଚେନ୍ ଭିତରେ ପାଞ୍ଚ ପାଦର ଦୂରତା, ତୁ ନିଜେ ଯାଇ କାହିଁକି ନେଇ ଆସୁନୁ।'

'ମୁଁ ଆଣି ପାରିବିନି" ଏତିକି କହି ମାଆ ନିଜର ଜିଦ୍‌ରେ ଅଟଳ ରହେ। ଥରେ ଛାତ ଉପରେ ଥିବା ପାଣି ଟାଙ୍କିରୁ ପାଣି ସରିଗଲା। ସିଏ ଅଭିଯୋଗ କରିବାକୁ ଲାଗିଲା । ମୋତେ ବି ରାଗ ଲାଗିଲା, ମୁଁ କହିଲି "ମାଆ ... ଏଇ କଥା ମୋତେ ଜଣେଇ ଅପେକ୍ଷା କରିବା ବଦଳରେ, ତୁ ସ୍ୱିଚ୍ ଚିପି ମୋଟର ଅନ୍ କାହିଁକି କରି ଦେଉନାହୁଁ ? ସ୍ୱିଚ୍ ଚିପିବା ହାତୀକୁ ଉଠେଇବାପରି କୌଣସି କଷ୍ଟ କାମ ନୁହେଁ।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ବାଥୁଡ଼ି ସମାଜ କମ୍ୟୁନିଟି ହଲ ନିର୍ମାଣ ପାଇଁ ଭୂମି ପୂଜନ




ଉଦଳା, ୨୯/୦୭ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ରାଇଦାଣ୍ଡିଆ ମୌଜାର ହୁଡ଼ିସାହି ଠାରେ ଚଳିତ ଜୁଲାଇ ୨୮ ତାରିଖ ଦିନ ଓଡ଼ିଶା ସରକାରଙ୍କ ପ୍ରଦତ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବାଥୁଡ଼ି ସମାଜ କମ୍ୟୁନିଟି ହଲର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମର ଦେହୁରୀ ବଡ଼ାମ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ଉଦଳା ବ୍ଲକର ଅଧକ୍ଷା ମଂଜୁଲତା ବିଶ୍ୱାଳ ଫିତା କାଟି ଉଦ୍‌ଘାଟନ କରିଥିଲେ । ପରେ ଉଦଳା ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀ ଅନନ୍ତ ନାଏକ, କାଳ ଜଳସେଚନ ପ୍ରକଳ୍ପର ଯନ୍ତ୍ରୀ ଗଜେନ୍ଦ୍ର ନାଏକ ଏବଂ ଇଂ. ନୟାଧର ପଢ଼ିଆଳ ଜମି ଅନୁଧ୍ୟାନ କରି ଲେଆଉଟ ଦେଇଥିଲେ । ଏଥିରେ ଯୁବ ବାଥୁଡ଼ି ସମାଜର ସଭାପତି ବିରେନ୍ଦ୍ର ନାଥ ମଡ଼େଇ, ଆସେକାର ସଭାପତି ଲାଲ ମୋହନ ମାର୍ଣ୍ଡି, ବାଥୁଡ଼ି ସାଂସ୍କୃତିକ ସମାଜର ସଭାପତି ଶତୃଘ୍ନ ବିଶ୍ୱାଳ, ଯୁବ ବାଥୁଡ଼ି ସମାଜର ଉପସଭାପତି ରମେଶ ଚନ୍ଦ୍ର ଖଣ୍ଡେଇ, ସଂପାଦକ ଚନ୍ଦନ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାମୂହିକ ମାତୃଭାରତୀ ସମ୍ମିଳନୀ

କୋରେଇ, ୨୯/୦୭ (ନି.ପ୍ର): କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ସାମୂହିକ ମାତୃଭାରତୀ ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମଳନୀରେ ପ୍ରାରମ୍ଭ ଠାରୁ ୧୦ମ ଶ୍ରେଣୀ ଶିଶୁମାନଙ୍କ ଅଭିଭାବକମାନେ ମୋଟ ୧୫୦ ଜଣ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ସାମୂହିକ ସ୍ୱାଗତ ସଙ୍ଗୀତ ପରିବେଶଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ୟଙ୍କ ଅଫ ଇଣ୍ଡିଆ(ଆଖୁଆପଦା)ର ବ୍ୟାଙ୍କ ମିତ୍ର ମିଲି ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ମାଧବୀ ସାମଲ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରୀପାଠୀ, ପରିଚାଳନା ସମିତିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲିପ କୁମାର ଧଳ, ଉପସଭାପତି ବାସୁଦେବ ପରିଡା, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ପାଳଙ୍କ ସମେତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଏବଂ ସମସ୍ତ ଉଭୟ ପର୍ଯ୍ୟାୟର ଗୁରୁଜି/ଗୁରୁମା ଏବଂ ଅଭିଭାବକମାନେ ଶିଶୁର ଶିକ୍ଷା ସହିତ ଲୁକ୍କାୟିତ ଗୁଣାବଳିର ବିକାଶ ଓ ପ୍ରୋତ୍ସାହନର ଆବଶ୍ୟକତା ବିଷୟରେ ଗୁରୁତ୍ୱାରୋପ କରି ନିଜର ମତ ଉପସ୍ଥାପନ କରିଥିଲେ । ତତ୍ ସହିତ ବିଦ୍ୟାଳୟ ପରିସରରେ ବିଦ୍ୱତ୍ ପରିଷଦ ଓ ଶୈକ୍ଷିକ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପ୍ରଶ୍ନପତ୍ର ଲିକ୍ ....

କନିଷ୍ଠ ଶିକ୍ଷକ ହୋଇ ବର୍ଷ କେଇଟାରେ ସେ ଏତେ ସବୁ ସମ୍ପତ୍ତି କରିଥିଲେ । ଖାଲି ସେତିକି ନୁହେଁ, ନିଜ ଘର ଗଞ୍ଜାମ ବେଲଗୁଣ୍ଠାରେ ଏକ ଲୁଗା ଦୋକାନ ବି କରି ବ୍ୟବସାୟ କରୁଥିଲେ । ଫ୍ଲାଇଟରେ ବିଭିନ୍ନ ସହରକୁ ବୁଲିବାକୁ ଯାଉଥିଲେ, ତାରକା ହୋଟେଲରେ ଦିନ ଅତିବାହିତ କରୁଥିଲେ । ତେଣୁ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ଅନେକ ପରିକ୍ଷାର୍ଥୀଙ୍କଠୁ ପ୍ରଶ୍ନପତ୍ର ବାବଦକୁ ମୋଟା ଅଙ୍କର ଟଙ୍କା ଆଦାୟ କରିଥିବା ଓ ଏହି ଟଙ୍କାରେ ସେ ଚାକଚକ୍ୟ ଜୀବନଯାପନ କରୁଥିବା ଅନୁମାନ କରାଯାଉଛି। ଏବେ ଏସବୁ ସମ୍ପତ୍ତିକୁ ତଦନ୍ତ ପରିସରକୁ ଆଣି ଖୋଳତାଡ଼ କରୁଛି ବାଲେଶ୍ୱର ପୁଲିସ୍ । ସେପଟେ **OSSC** ର ଅଧିକାରୀଙ୍କ ଭିତିରି ସମ୍ପର୍କ ଯୋଗୁ ଏଭଳି ପ୍ରଶ୍ନପତ୍ର ଲିକ୍ ହୋଇଛି ବୋଲି ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି । ପିଲାଙ୍କ ଭାଗ୍ୟ ଭବିଷ୍ୟତ ସହ ଖେଳ ହୋଇଥିବାରୁ ମାମଲାର ସିବିଆଇ ତଦନ୍ତ ହେଉ ବୋଲି ଦାବି ହୋଇଛି ।

## ସୃଷ୍ଟି ହେଲା....

ସେହିପରି ରବିବାର ଦିନ ପାଇଁ କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଜଗତସିଂହପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏସବୁ ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ଭଦ୍ରକ, କଟକ, ଯାଜପୁର, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ଼, ବାଲେଶ୍ୱର, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର, ବୌଦ୍ଧ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ବଜାର ରାସ୍ତାକଡରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ

ସାଲେପୁର, ୨୯/୦୭ (ନି.ପ୍ର): ଗ୍ରାମାଂଚଳକୁ ସହରାଚଂଳ ଢାଂଚାରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି । କଟକ-ଚାନ୍ଦବାଲି ରାସ୍ତାର ପାଗା ପାଖରୁ ସୁକରପଡା ପର୍ଯ୍ୟନ୍ତ ସାଲେପୁର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଂଚଳରେ ପ୍ରାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ସୁକରପଡା ପାଖରୁ କୁଳିଆ ପର୍ଯ୍ୟନ୍ତ ବହୁ ସ୍ଥାନରେ ମାତ୍ର ୬ ମାସ ତଳେ ଲଗାଯାଇଥିବା ଲାଇଟ୍ ଅଧାସ୍ଥାନରେ ଜଳୁନଥିବା ଦେଖିବାକୁ ମିଳିଛି । ସେହିପରି ସାଲେପୁର ବଜାର ପାଖରୁ ମଧ ବହୁସ୍ଥାନରେ ଲାଇଟ୍ ଜଳୁନାହିଁ । ବଜାର ରାସ୍ତାକଡ ଉଜ୍ୱଳ ଆଲୋକୀକରଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଉଜ୍ଜଳ ଆଲୋକୀକରଣ କରିଛନ୍ତି । ଏପରିକି ବ୍ୟବସାୟୀ ଓ ପଥଚାରୀଙ୍କ ପାଇଁ ଉଜ୍ଜଳୀ ଆଲୋକୀକରଣ କରି ସ୍ଥାନୀୟ ନେତାମାନେ ବାହା ବାହା ନେଉଛନ୍ତି । କିନ୍ତୁ, କଟକ-ଚାନ୍ଦବାଲି ରାସ୍ତାର କୁଳିଆଠାରୁ ନିଶ୍ଚିନ୍ତକୋଇଲି ବଜାର ଏବଂ ସୁକରପଡା ପର୍ଯ୍ୟନ୍ତ ରାସ୍ତାକଡରେ ଲାଗିଥିବା ଉଜ୍ଜଳୀ ଆଲୋକୀକରଣର ଷ୍ଟାଣ୍ଡ ଲାଇଟ୍ ଅଧିକାଂଶ ଜଳୁନଥିବା ଦେଖିବାକୁ ମିଳୁଛି । ନିଶ୍ଚିନ୍ତକୋଇଲି ବ୍ଲକ ପଂଚାୟତ ସମିତି ଓ ଗ୍ରାମ ପଂଚାୟତର ମିଳିତ ଅର୍ଥରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କୁଳିଆଠାରୁ ସୁକରପଡା ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତାକଡରେ ସରକାରଙ୍କ ଦ୍ୱାରା ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ଏହି ଆଲୋକୀକରଣ ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ସରକାର ଏହି ଯୋଜନା ପାଇଁ ଯେଉଁ ଅର୍ଥ ଯୋଗାଇ ଦେଉଛନ୍ତି ତାହା ପାଇଁ ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ଲକ ପ୍ରଶାସନ ପାଖରେ ଥିଲେ ମଧ ଲାଇଟ୍ ଗୁଡିକ ମରାମତି କରାଯାଉନାହିଁ ।

# ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, ଗଂଜାମ ଜିଲ୍ଲା ସମ୍ମିଳନୀ-କର୍ମକର୍ତ୍ତା ନିର୍ବାଚନ

ବ୍ରହ୍ମପୁର, ୨୯/୦୭ (ନି.ପ୍ର): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଗଂଜାମ ଜିଲ୍ଲା ସମ୍ମିଳନୀ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ସ୍ମୃତି ଉଚ୍ଚ ବିଦ୍ୟାଳୟର ପରିସରରେ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ସମ୍ମିଳନୀକୁ ବର୍ଷୀୟାନ ଶିକ୍ଷକ ନେତା ତଥା ଓଷ୍ଟାର ପୂର୍ବତନ ସାଧାରଣ ସଂପାଦକ ବିବେକାନନ୍ଦ ଦାଶ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱୋଳନ କରି ଉଦଘାଟନ କରିଥିଲେ ।ବର୍ତ୍ତମାନ ପରିସ୍ଥିତିରେ ସବୁ ବର୍ଗର ଶିକ୍ଷକ ସମାଜ ଏକତ୍ରିତ ହୋଇ ଶିକ୍ଷକ ମହାସଂଘର ପୂର୍ବ ଐତିହ୍ୟକୁ ପୁନର୍ଜୀବିତ କରି ସମୂହ ଆନ୍ଦୋଳନ କରି ଦାବୀ ହାସଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।ଏହି ସମ୍ମିଳନୀରେ ମହାସଂଘର ରାଜ୍ୟ ସଭାପତି ଧନଞ୍ଜୟ ରାଉତରାୟ, ସାଧାରଣ ସଂପାଦକ ଦୁଷ୍ମନ୍ତ କୁମାର ନାୟକ, ଉମାକାନ୍ତ ପାତ୍ର, ଅକ୍ଷୟ ଦାସ,ଡଃ ଅମିୟ କୁମାର ମହାନ୍ତି,ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦବୋଧନ ଦେଇ ଶିକ୍ଷକ ମହାସଂଘକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଜିଲ୍ଲା ସ୍ତରରେ ଜୟନ୍ତ ଷଡଙ୍ଗୀ, ରାଜେନ୍ଦ୍ର କୁମାର ପଣ୍ଡା, ଶ୍ୟାମସୁନ୍ଦର ଖାଡଙ୍ଗା, ଜଗନ୍ନାଥ ଜେନା, ବିଜୟ କୁମାର ମହାରଣା,ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ,ଅଶୋକ କୁମାର ଦଳାଇ,ଦେବଦତ୍ତ ଚୌଧୁରୀ, ପିତବାସ ମହାପାତ୍ର, ଦେବହରି ମହାନ୍ତି ପ୍ରମୁଖ ଗଂଜାମ ଜିଲ୍ଲା ଶିକ୍ଷକ ମହାସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ଯୋଗଦେଇ ଶିକ୍ଷକ ମହାସଂଘର ସମସ୍ତ ଦାବିକୁ ସମର୍ଥନ କରି ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକରେ ଗଂଜାମ ଜିଲ୍ଲା ଶାଖା ଗଠନ କରାଯାଇ ଥିଲା ।ସଭାପତି ଭାବେ ଅଧାପକ ସଂଜୟ କୁମାର ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି-ଲିଙ୍ଗରାଜ ସ୍ୱାଇଁ, ଉପ ସଭାପତି ଭାବେ ଯୋଗିତା ପାଣିଗ୍ରାହୀ, ସଂପାଦକ-ଅଶୋକ କୁମାର ଦଳାଇ, ଯୁଗ୍ମ ସଂପାଦକ-ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, କୈଳାସ ବେହେରା ଓ ସୁଚିତ୍ରା ଦାଶ,କୋଷାଧକ୍ଷ ଭାବେ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀରେ କାମରାଜୁ ମହାରଣା, ଦେବହରି ମହାନ୍ତି, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ଶ୍ୟାମସୁନ୍ଦର ଖାଡଙ୍ଗା ପ୍ରମୁଖଙ୍କୁ ଚୟନ କରାଯାଇଥିଲା ।କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ପନ୍ଦର ଜଣଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ଉଦଳାରେ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି କାର୍ଯ୍ୟକ୍ରମ

ଉଦଳା , ୨୯/୦୭ (ନି.ପ୍ର): ଉଦଳାରେ ପ୍ରଧାନମନ୍ତ୍ରୀଙ୍କ କୃଷକ ସମୃଦ୍ଧି କେନ୍ଦ୍ର ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସ୍ଥାନୀୟ ଲ୍ୟାମ୍ପ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଇଣ୍ଡିଆନ ପଟାସ ଲିମିଟେଡ଼ର ଫିଲ୍ଡ ଅଫିସର ଚିରଜିଂବି ନାୟକ ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ଲ୍ୟାମ୍ପର ସଭାପତି ହରଗୋବିନ୍ଦ ଦଳେଇ ପ୍ରମୁଖ ଯୋଗ ଦେଇ କୃଷକ ସମୃଦ୍ଧି କେନ୍ଦ୍ରର ଲକ୍ଷ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରଚୁଆଲ ମାଧ୍ୟମରେ କୃଷକ ମାନଙ୍କର ବିକାଶ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ । କୃଷକ ନେତା ପ୍ରାଚ୍ୟ ସୁମନ ମହାନ୍ତି ମଂଚ ପରିଚାଳନା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ପିଲାଙ୍କୁ ମାଡ଼ ମାରିବା ଓ କାମ କରାଇବା ବିରୁଦ୍ଧରେ ଥାନାରେ ଅଭିଯୋଗ

କୋରେଇ, ୨୯/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସ୍ୱାଇଁ ଶ୍ରେଣୀରେ ପିଲାମାନଙ୍କୁ ଡ଼ଷ୍ଟରରେ ମାଡ଼ମାରିବା, ଘାସ ଉପାଡ଼ିବା ଓ ଅଭିଭାବକ ମାନଙ୍କୁ ଜାତିଆଣ ମନ୍ତବ୍ୟ ଦେଇ ଅଶ୍ରାବ୍ୟ ଭାଷାରେ ଗାଳି ଦେବା ନେଇ ପାଣିକୋଇଲି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଉକ୍ତ ଗ୍ରାମର ନଟକୃଷ୍ଣ ମଲିକଙ୍କ ଅଭିଯୋଗ ଅନୁସାରେ, ଗତକାଲି ତାଙ୍କ ପୁଅ ଧନଞ୍ଜୟ (୧୦) ଓ ତାଙ୍କ ଭାଇ ଭରତ ମଲିକଙ୍କ ପୁଅ ଆକାଶ( ୦୮) ଓ ବିବେକାନନ୍ଦଙ୍କ ଝିଅ ଭୂମୀ (୦୭)କୁ ଶ୍ରେଣୀର ପ୍ରଧାନ ଶିକ୍ଷକ ଡ଼ଷ୍ଟରରେ ବାଡ଼େଇବା ସହିତ ଜାତିଆଣ ମନ୍ତବ୍ୟ ଦେଇ ଗାଳିମନ୍ଦ କରିଛନ୍ତି । ଏପରିକି ଉପରୋକ୍ତ ପିଲାଙ୍କ ଅଭିଭାବକ ମାନେ ପ୍ରଧାନ ଶିକ୍ଷକ ଶ୍ରୀ ସୁଧାଂଶୁଙ୍କୁ ପଚାରିବାରୁ ସେ ଉଚ୍ଚ ପଦସ୍ତ ପାଖ ଲୋକ ମୋର କୋହି କିଛି କରିପାରିବେ ନାହିଁ ବୋଲି ଧମକ ଦେଇଛନ୍ତି । ଏତଦବ୍ୟତୀତ ପ୍ରଧାନଶିକ୍ଷକ ନିୟମିତ ଭାବେ ସ୍କୁଲକୁ ନଆସିବା, ମଦ୍ୟପାନ କରି ସ୍କୁଲକୁ ଆସିବା, ଖରାବେଳେ ପାଠ ନପଢାଇ ଟେବୁଲ ଉପରେ ଶୋଇ ପଡୁଛନ୍ତି ବୋଲି ଅଭିଯୋଗକାରୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ପୁଲିସ ପକ୍ଷରୁ ଅଭିଯୋଗଟିକୁ ଗ୍ରହଣ କରାଯାଇ ତଦନ୍ତ ଚାଲୁରହିଛି ।

# ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବୃକ୍ଷ ରୋପଣ




ଲଙ୍ଗଳେଶ୍ୱର ୨୮/୭(ନିପ୍ର) ସମାଜ ପକ୍ଷରୁ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ନିତ୍ୟାନନ୍ଦ ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ତଥା ପରିବେଶ ବିତ୍ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହ ଶହ ବର୍ଷ ପୁରୁଣା ଗଛକୁ ବିକାଶ ପାଇଁ କଟାଯାଇ କଂକ୍ରିଟ ରୋଡ ନିର୍ମାଣ କାର୍ଯ୍ୟ କରାଯାଉଛି ମାତ୍ର ରାସ୍ତା ନିର୍ମାଣ ପରେ ଠିକାଦାର ମାନେ ରାସ୍ତା ର ଉଭୟ ପାର୍ଶ୍ୱର୍ରେ ବୃକ୍ଷ ରୋପଣ ପାଇଁ ଆଇନ ପ୍ରଣୟନ କରାଇବା କୁ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଛନ୍ତି । ମୁଖ୍ୟ ବକ୍ତା ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ସମଗ୍ର ଜୀବଜଗତ ପାଇଁ ବୃକ୍ଷ ହେଉଛି ହୃତପିଣ୍ଡ ସଦୃଶ ହୋଇଥିବାରୁ ସମାଜ ପକ୍ଷରୁ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅନିରୁଦ୍ଧ ମଣ୍ଡଳ ଯୋଗଦେଇ ପିଲାଙ୍କ ମାଧ୍ୟମରେ ବୃକ୍ଷ ରୋପଣ ପାଇଁ ସଚେତନତା ଅଭିଯାନ କୁ ବ୍ୟାପକ କରିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ଭାବେ କାର୍ଯ୍ୟ କରିବାକୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଅଭିଭାବକ କୁ ଅନୁରୋଧ କରିଛନ୍ତି । ପରିବେଶ ସୃଷ୍ଟି କରିବାପାଇଁ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ ତିନି ଜଣ ଛାତ୍ରଛାତ୍ରୀ ଅଭିଜିତ ନାୟକ,ରାଜସ୍ମିତା ଦାସ,ବୈଷ୍ଣବୀ ଭୂୟାଁ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ରାଉଲ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀ ଲକ୍ଷ୍ମୀଧର ମଲ୍ଲିକ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଶୁଭ୍ରାଂଶୁ ଶେଖର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନଭକ୍ତ ଦଳାଇ, ସମୀର ଖଟୁଆ,ଅଞ୍ଜନ ରାଉଳ, ରାଧାମୋହନ ସେଠୀ, ରଞ୍ଜନ ରାଉଳ,ଜୟସ୍ମିତା ଦାସ,ଭାରତୀ ମହାନ୍ତି , ସଂଯୁକ୍ତା ରାଉତ, ଲକ୍ଷ୍ମୀପ୍ରିୟା ସ୍ୱାଇଁ,ରୀତା ଦାସ, ସୁଲୋଚନା ଜେନା, ପଦ୍ମାବତୀ ମଣ୍ଡଳ, ରଞ୍ଜିତା ବେହେରା, ମଞ୍ଜୁଲତା ମିଶ୍ର, ଜୟନ୍ତ ଦତ୍ତ, ପ୍ରମୁଖ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସାପ କାମୁଡାରେ ତିନି ବର୍ଷର ଶିଶୁ ମୃତ

କନ୍ଧମାଳ, ୨୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡ଼ା ଥାନା ପକାରୀ ପଂଚାୟତର ଝିରିପଡ଼ା ଗ୍ରାମରେ ସାପ କାମୁଡାରେ ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ହୋଇଛି । ମୃତ ଶିଶୁ ଜଣକ ଝିରିପଡ଼ାର ରାମ କହଁରଙ୍କ ପୁଅ ରୋହନ କହଁର ବୋଲି ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପରିବାର ସହିତ ଘରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଏକ ସାପ ଶିଶୁର ହାତକୁ କାମୁଡ଼ି ଦେଇଥିଲା । ଏହା ପରେ ପରିବାର ବର୍ଗ ଶିଶୁକୁ ତୁରନ୍ତ ଏକ ଅଟୋରିକ୍ସା ଯୋଗେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତି କରିଥିଲେ । କିନ୍ତୁ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ଶନିବାର ମୃତ୍ୟୁ ହୋଇଛି । ଏନେଇ ମୃତ ଶିଶୁର ବାପା ଗୋଛାପଡ଼ା ଥାନାରେ ସୂଚନା ଦେବା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବା ନେଇ ଗୋଛାପଡ଼ା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି କହିଛନ୍ତି ।

# ମଧ୍ୟାହ୍ନ ଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ଅଭିଯୋଗ

ସାଲେପୁର, ୨୯/୦୭ (ନି.ପ୍ର): ଛାତ୍ର ଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ଓ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ଏପରିକି ସରକାରୀ ବିଦ୍ୟାଳୟକୁ ଅଧିକରୁ ଅଧିକ ଛାତ୍ର ଛାତ୍ରୀ ଆକୃଷ୍ଟ ହେବା ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ମାଗଣାରେ ପୋଷାକ, ଯୋତା, ମଧ୍ୟାହ୍ନ ଭୋଜନ ଆଦି ପ୍ରଦାନର ବ୍ୟବସ୍ଥା କରିଛନ୍ତି । କିନ୍ତୁ ବିଦ୍ୟାଳୟ ସ୍ତରରେ କିଛି ଅସାଧୁ ଶିକ୍ଷକଙ୍କ ପାଇଁ ଏଥିରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି । ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନସ୍ଥ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ କିପରି ଚାଲିଛି ଏହାର ତଥ୍ୟ ପାଇଁ କ୍ଲଷ୍ଟର ସ୍ତରୀୟ ସିଆରସିସିଙ୍କ ମାଧ୍ୟମରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ତଥ୍ୟ ଆସିଥାଏ । ଏହା ସଠିକ୍ ଭାବେ ଚାଲୁଛି କି ନାହିଁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏ.ବି.ଇ.ଓ. ଏହାର ତଦନ୍ତ କରିବା ଦରକାର ଥିଲା ବେଳେ ଏଥିରେ ବ୍ୟତିକ୍ରମ ହେଉଛି । ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନରେ ବିଭିନ୍ନ କ୍ଲଷ୍ଟରରେ ଏଭଳି ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି । ଉକ୍ତ କ୍ଲଷ୍ଟରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉଥିବା ୧୪ଟି ବିଦ୍ୟାଳୟ ରହିଛି । ପ୍ରତିଦିନ ୧୧ଟାରୁ ୧୧ଟା ୩୦ ମଧ୍ୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ତଥା ମଧ୍ୟାହ୍ନ ଭୋଜନ ଗ୍ରହଣର ତଥ୍ୟ ଦାୟିତ୍ୱରେ ଥିବା ଶିକ୍ଷକ ତଥା ପ୍ରଧାନଶିକ୍ଷକ କ୍ଲଷ୍ଟର ସ୍ତରୀୟ ହୋଇଥିବା ଗ୍ରୁପ୍ ମାଧ୍ୟମରେ ସିଆରସିସିଙ୍କୁ ତଥ୍ୟ ଦେବା କଥା । ସିଆରସିସି ଉକ୍ତ ତଥ୍ୟକୁ ୧୨ ଟାରୁ ୧ ଟା ସୁଦ୍ଧା ବି.ଇ.ଓଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିବାର ନିୟମ ରହିଛି । ଅଧିକାଂଶ ଶିକ୍ଷକ ନିୟମିତ ଭାବେ ମଧ୍ୟାହ୍ନ ଭୋଜନର ତଥ୍ୟ ଠିକ୍ ସମୟରେ ସିଆରସିସିଙ୍କୁ ପ୍ରଦାନ କରୁନାହାଁନ୍ତି । ସିଆରସିସି ମଧ ତାଙ୍କୁ ସୁହାଇଲା ଭଳି ବିଳମ୍ବରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ତଥ୍ୟ ଦେଉଥିବା ଅଭିଯୋଗ ହେଉଛି । ଯାହାଦ୍ୱାରା ବିଦ୍ୟାଳୟରେ ଛାତ୍ର ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନ ଭିତରେ ବହୁ ତାରତମ୍ୟ ରହୁଛି । ଏହାଦ୍ୱାରା ସ୍ପଷ୍ଟ ବାରି ହେଉଛି ଯେ, ମଧ୍ୟାହ୍ନ ଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଛି । ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି ।

# ଅଧିକ ଓଜନ ଯୁକ୍ତ ହାଇୱା ଚଳାଚଳକୁ ବିରୋଧ କରି ସ୍ଥାନୀୟ ତହସିଲଦାର ଓ ନିର୍ମାଣ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ

ଭବାନୀପାଟଣା, ୨୯/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା କେସିଙ୍ଗା ବ୍ଲକର କୀକିଆ ଠାରୁ ପିପଲ୍ ପଦର ପର୍ଯ୍ୟନ୍ତ ଏକ ରାସ୍ତା କାମ ଚାଲୁଅଛି । ଉକ୍ତ ରାସ୍ତାଟି ପଥର୍ଲା ପଂଚାୟତ, କୁଣ୍ଡାବନ୍ଧ୍ ପଂଚାୟତ ମଧ ଦେଇ ସଂଯୋଗ କରୁଅଛି । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅନ୍ତର୍ଭୁକ୍ତ ଉକ୍ତ ରାସ୍ତା ଗୁଡ଼ିକର ଓଜନ ସହିବା କ୍ଷମତା କମ୍ ରହିଥାଏ । ପଥର୍ଲା ପଂଚାୟତ ଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ବାଲିଘାଟକୁ ଲିଜ ଦିଆଯାଇଛି । ଏହି ବାଲିଘାଟରୁ କୁଣ୍ଡାବାନ୍ଧ ପଂଚାୟତର ଗୁର୍ଜୀମୁଣ୍ଡା ଓ ପିପାଳପଦର ଦେଇ ଦୈନନ୍ଦିନ ହାଇୱା ଯୋଗେ ଜିଲ୍ଲାର ବିଭିନ୍ନ ଅଂଚଳକୁ ବାଲି ଚାଲାଣ କରାଯାଉଛି । ଯେଉଁ ହାଇୱା ଗୁଡିକରେ ବାଲି ଚାଲାଣ କରାଯାଉଛି, ସେହି ଗାଡ଼ି ଗୁଡ଼ିକର ଓଜନ ରାସ୍ତା ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା ଓଜନ ଠାରୁ ବହୁତ ଅଧିକ ହୋଇଥିବାରୁ, ରାସ୍ତା ଗୁଡ଼ିକ ଖରାପ ହୋଇଯାଇଥିବା ନେଇ ଗ୍ରାମବାସି ଆଜି ଏହାର ସମାଧାନ ପାଇଁ ସ୍ଥାନୀୟ ତହସିଲଦାର ଓ ଗ୍ରାମ୍ୟ ନିର୍ମାଣ ବିଭାଗର ଏସଡିଓଙ୍କୁ ଲିଖିତ ଆକାରରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କୁଣ୍ଡାବନ୍ଧ ସରପଂଚ ଶ୍ରୀମତୀ ରୋଜି ପ୍ରଧାନଙ୍କ ନେତୃତ୍ୱରେ ପଂଚାୟତର ପ୍ରାୟ ୩୦ ଜଣ ପୁରୁଷ ଓ ମହିଳା ଆଜି ଆସି ସ୍ଥାନୀୟ ତହସିଲଦାର୍ ଓ ଗ୍ରାମ୍ୟ ନିର୍ମାଣ ବିଭାଗର ଏସଡିଓଙ୍କୁ ସାକ୍ଷାତ କରି ନିଜର ଦାବି ରଖିଥିଲେ ଓ ଆଲୋଚନା କରିଥିଲେ ।

# କୋରାପୁଟ ଜିଲ୍ଲା ଗସ୍ତରେ ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ

ଜୟପୁର, ୨୯/୦୭ (ନି.ପ୍ର): ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଶୁଶିଲ କୁମାର ଲୋହାନି ଓ ସ୍ୱତନ୍ତ୍ର ପ୍ରକଳ୍ପର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଦୁଇଦିନିଆ କୋରାପୁଟ ଗସ୍ତରେ ଆସିଛନ୍ତି । ପ୍ରଥମ ଦିନରେ ସେ ପଟାଙ୍ଗି ବ୍ଲକର କୋଟିଆ ଗ୍ରାମପଂଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପରିଦର୍ଶନ କରି ବିଭିନ୍ନ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ସର୍ବ ପ୍ରଥମେ ପ୍ରମୂଖ ସଚିବ କୁରୁଡି ପଦର ସ୍ଥିତ ମହୁ ଉତ୍ପାଦନ କେନ୍ଦ୍ର ବୁଲି ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନଙ୍କ ସହିତ ପ୍ରକଳ୍ପର ଉନ୍ନତି ନିମନ୍ତେ ଆଲୋଚନା କରିଥିଲେ । ସେ କୁରୁଡି ପଦର ଗ୍ରାମରେ ବିଜୁ ପକ୍କା ଘର ଯୋଜନାରେ ନିର୍ମାଣାଧୀନ ୧୫ ଟି କ୍ଲଷ୍ଟର ଘର ପରିଦର୍ଶନ କରିବା ସହିତ ହିତାଧିକାରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହା ପରେ ଢଜଗଇଝ (ଓରମାସ) ଦ୍ୱାରା ପରିଚାଳିତ ଝାଡୁ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ । ପଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ଚାଲିଥିବା ଘଜରଏଇ (ମନରେଗା) ଯୋଜନାରେ ଝାଡୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀ ମାନେ ଅବଗତ କରାଇଥିଲେ । ଏହା ପରେ ସେ କୋଟିଆ ସ୍ଥିତ ସୌର ପରିଚାଳିତ ଶୀତଳ ଭଣ୍ଡାର ପରିଦର୍ଶନ କରିଥିଲେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ସହିତ ଟିକିନିଖି ଆଲୋଚନା କରିଥିଲେ । ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ମାଧ୍ୟମରେ କୋଟିଆ ସ୍ଥିତ ମାର୍କେଟ କମପ୍ଲେକ୍ସ ପରିଦର୍ଶନ କରିଥିଲେ । ସେଠାରେ ଚଉଝ (ପିଡିଏସ) ବିତରଣ ବ୍ୟବସ୍ଥାର ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ହିତାଧିକାରୀ ମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ଲୋହାନି ମାଡକାର ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ମାଡକାର ଠାରେ ମନରେଗା ଯୋଜନା ମାଧ୍ୟମରେ ନିର୍ମାଣଧୀନ କ୍ଲଷ୍ଟର ଗୋଶାଳା ପରିଦର୍ଶନ କରିଥିଲେ । ଏହାପରେ ଗାଲିଗବଦର ଠାରେ ବିକଶିତ ପର୍ଯ୍ୟଟନ କେନ୍ଦ୍ର ବୁଲି ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ । ଏବଂ ଏହି ପର୍ଯ୍ୟଟନ କେନ୍ଦ୍ରର ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ । ପଂଚାୟତରାଜ ପ୍ରମୂଖ ସଚିବଙ୍କ କୋଟିଆ ଗସ୍ତ ସମୟରେ କୋଟିଆ ସରପଂଚ, କୋରାପୁଟ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ ଅଖତର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କୋରାପୁଟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଟାଙ୍ଗି, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଗ୍ରାମୀଣ ଆବାସ) ଏବଂ ଅନ୍ୟାନ୍ୟ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀ ଲୋହାନି ଓ ଶ୍ରୀ ଡାକୁଆ ମଧ ବୋରିଗୁମ୍ମା ଗସ୍ତରେ ଯାଇଥିଲେ । ପ୍ରଥମେ ଜିଡିପୁଟ ମଡେଲ ଅଙ୍ଗନବାଡି କେନ୍ଦ୍ର, ଦ୍ୱିତୀୟରେ ମୁଣ୍ଡାଗୁଡା ୫ଟି ସରକାରୀ ଉଚ୍ଚବିଦ୍ୟାଳୟ, ତୃତୀୟରେ କୁଝାରୀରେ ରହିଥିବା ବିଜୁ ଗ୍ରାମୀଣ ବହୁମୁଖୀ କୃଷି ଉଦ୍ୟୋଗ ଓ ଚତୁର୍ଥରେ ଆଉଁଳୀ ଫୁଡ କୋର୍ଟ ପରିଦର୍ଶନକୁ ଯାଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଡିଭାଇନ୍ ଟିଉଟରିଆଲର ବିଶାଳ ରକ୍ତଦାନ ଶିବିର

ନୀଳଗିରି , ୨୯/୦୭ (ନି.ପ୍ର): ରକ୍ତଦାନ ମହତଦାନ: କେବଳ ମହତଦାନ ନୁହେ; ଜୀବନ ଦାନ। ପ୍ରତି ମୁହୂର୍ତ୍ତରେ ରକ୍ତସଙ୍କଟର ଆବଶ୍ୟକତାକୁ ଲକ୍ଷକରି ବହୁ ବେସରକାରୀ ଅନୁଷ୍ଠାନ ସହ ସରକାରୀ ସ୍ତରରେ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଅନୁଷ୍ଠିତ କରି ସଙ୍କଟ ଦୂରପାଇଁ ଚେଷ୍ଟା ଚାଲିଛି। ନୀଳଗିରି ଉପଖଣ୍ଡ ରକ୍ତଭଣ୍ଡାରରେ ଆବଶ୍ୟକତାକୁ ଲକ୍ଷ୍ୟକରି ବିଭିନ୍ନ ସମୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଥିବା ବେଳେ ୨୯ତାରିଖ ଶନିବାର ନୀଳଗିରିର ଅଗ୍ରଣୀ ବେସରକାରୀ ଶିକ୍ଷା ଅନୁଷ୍ଠାନ ଡିଭାଇନ୍ ଟ୍ୟୁଟରିଆଲ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ମୋଟ ୬୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।ଚ୍ୟାରିଟେବୁଲ୍ ଟ୍ରଷ୍ଟ ର ଟ୍ରଷ୍ଟି ତଥା ଅଧକ୍ଷକ୍ଷ କନକଲତା ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଆନୁଷ୍ଠାନିକ ଭାବେ ଫିତକକାଟି ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ପରିଚାଳକ ତଥା ଅଧକ୍ଷ ସୁଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଅଧାପକ/ଅଧାପିକାସହଯୋଗ କରିଥିଲେ। ଅନୁଷ୍ଠାନର ଛାତ୍ର କହ୍ନେଇ ସିଂ, ଅଜୟ ସିଂ, ରାକେଶ ଖଣ୍ଡେଇ, ଛାତ୍ରୀ ରଶ୍ମିରେଖା ମହାନ୍ତି, ସସ୍ମିତା ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ତେବେ ନୀଳଗିରି ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ସମସ୍ତ୬୩ୟୁନିଟ୍ ରକ୍ତକୁ ନୀଳଗିରି ରକ୍ତ ଭଣ୍ଡାରକୁ ପଠାଇ ଦିଆଯାଇଛି।




# ଅଗଷ୍ଟ ୧୧ରେ ବର୍ଷା ଉତ୍ସବ: ଘୋଷଣା ହେଲା ବର୍ଷା ସାହିତ୍ୟ ସମ୍ମାନ-୨୦୨୩

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଅଗ୍ରଣୀ ପ୍ରକାଶନୀ ସଂସ୍ଥା ବର୍ଷା ପବ୍ଲିକେଶନ ତରଫରୁ ଅଗଷ୍ଟମାସ ୧୧ ତାରଖ ଦିନ ବର୍ଷା ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବ ଅବସରରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ବନ୍ଧିତ ଆଲୋଚନାଚକ୍ର, ପାରମ୍ପରିକ କବିତାକୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ , ପୁସ୍ତକ ଉନ୍ମୋଚନ ଓ ବର୍ଷା ସାହିତ୍ୟ ସମ୍ମାନ ପ୍ରଦାନର ଆୟୋଜନ କରା ଯାଇଛି ବୋଲି ପବ୍ଲିକେଶନର ନିର୍ଦ୍ଦେଶକ ବାଦଲ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। କଥାକାର ପ୍ରଦୀପ୍ତ କୁମାର ମିଶ୍ରଙ୍କ ଗଳ୍ପ ପୁସ୍ତକ ଛଦ୍ମଘଟକୁ ବର୍ଷା କଥା ସମ୍ମାନ, ସତ୍ୟବାଦୀ ରାଉତଙ୍କ କବିତା ପୁସ୍ତକ 'ମୁଁ ନଥିବି ଏ ନଈ ଥିବ'କୁ ବର୍ଷା କବିତା ସମ୍ମାନ ଓ ଯୁବକବି ତପନ କୁମାର ବାରିକଙ୍କ କବିତା ପୁସ୍ତକ ' କେଇ ଫର୍ଦ୍ଦ ଜହ୍ନ ରାତି'କୁ ବର୍ଷା ଉନ୍ମେଷ ସମ୍ମାନ ପ୍ରଦାନ କରାଯିବ। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ହେବାକୁ ଯାଉଥିବା ଏହି ଦିନବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲେଖକ, ପାଠକ, ବୁଦ୍ଧିଜୀବୀ ଓ ଶ୍ରୋତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଶାନ୍ତିକାନନରେ 'ଜରି ଗୋଟାଇବା ଝିଅ'ର ରୌପ୍ୟ ଜନ୍ମୋତ୍ସବ ପାଳନ




ବାଲେଶ୍ୱର, ୨୯/୦୭ (ନି.ପ୍ର): ପ୍ରତିଭାଶ୍ରୀ ମୁଖ୍ୟ ତଥା ବିଶିଷ୍ଟ କବି ଓ କଥାକାର ପ୍ରଶାନ୍ତ ଦାସଙ୍କ 'ଜରି ଗୋଟାଇବା ଝିଅ'ର ରୌପ୍ୟ ଜନ୍ମୋତ୍ସବ ରୌପ୍ୟ ଜୟନ୍ତୀ ପାଳନ କମିଟି ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ ମୁଖ୍ୟଅତିଥି ଓ ବରିଷ୍ଠ ପ୍ରାବନ୍ଧିକ ଡ. ଶିରୀଶ ଚନ୍ଦ୍ର ଜେନା ବରେଣ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ କବି ଶ୍ରୀଦେବ ଓ ଗାଳ୍ପିକ ନିବାରଣ ଜେନା ବକ୍ତା ଭାବରେ ଯୋଗ ଦେଇ ପୁସ୍ତକଟିରେ କବିଙ୍କର ମାନବାତ୍ମା ପ୍ରତି ଗଭୀର ସମ୍ବେଦନଶୀଳତା ଓ ମାନବବାଦୀ ଦୃଷ୍ଟିଭଙ୍ଗୀ ସଂପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ରଖିଥିବାବେଳେ ସଂପାଦକ ଦୀପକ ବୋଷ ଉତ୍ସବ ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଯୁବ ସମାଜସେବୀ ରାଜେଶ ଗିରି ରୌପ୍ୟଜୟନ୍ତୀ ପାଳନ ସଂପର୍କରେ ଆଲୋକପାତ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସମୁଦ୍ର ଲହଡ଼ିରେ ଭାସିଯାଇ ପର୍ଯ୍ୟଟକ ନିଖୋଜ

ପୁରୀ, ୨୯/୦୭ (ନି.ପ୍ର): ଆଜି ସକାଳେ ସ୍ୱର୍ଗଦ୍ୱାରୀ ଚୈତନ୍ୟ ଛକ ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ଉଚ୍ଚ ଲହଡ଼ି ଆସିବାରୁ ଜଣେ ପର୍ଯ୍ୟଟକ ଭାସି ଯାଇ ନିଖୋଜ ଅଛନ୍ତି । ଲାଇଫଗାର୍ଡ଼ ଓ ଅଗ୍ନିଶମ ବାହିନୀ ଖୋଜା ଖୋଜି କରୁଥିଲେ ମଧ୍ୟ ବୁଡ଼ି ଯାଇଥିବା ପର୍ଯ୍ୟଟକଙ୍କ ସନ୍ଧାନ ମିଳି ପାରିନାହିଁ। ଏ ସମ୍ପକରେ ପର୍ଯ୍ୟଟଙ୍କ ସମ୍ପର୍କୀୟ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି । ପର୍ଯ୍ୟଟକ ଜଣକ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଅଂଚଳର ସଞ୍ଜୟ କୁମାର ଜେନା ବୋଲି ଜଣା ପଡ଼ିଛି। କିଛି ସାଙ୍ଗ ମାନଙ୍କ ସହ ସମୁଦ୍ରରେ ସେ ଗାଧୋଉଥିଲେ । ସମୁଦ୍ରରେ ବାରମ୍ବାର ରିପ କରେଂଟ ଓ ଉଚ୍ଚ ମାନର ଲହଡ଼ି ଆସୁଥିବାରୁ ସ୍ନାନ କରିବା ପାଇଁ ତାହା ବିପଦ ସୃଷ୍ଟି କରିଛି । ଏଠାରେ ସୂଚନା ଯୋଗ୍ୟ ଯେ ୨୦୧୩ ଆଜି ପର୍ଯ୍ୟନ୍ତ ପୁରୀ ସମୁଦ୍ରରେ ବୁଡ଼ି ୪୧ ଜଣଙ୍କ ମୃତ୍ୟୁ ହୋଇଛି । ଏବଂ ୩ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । ପର୍ଯ୍ୟଟକମାନେ ରହୁଥିବା ହୋଟେଲରେ ଏ ସମ୍ପର୍କରେ ସଚେତନ କରୁନଥିବା ବେଳେ ସମୁଦ୍ରକୂଳେ ସର୍ତକ ହୋର୍ଡ଼ିଂ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇନଥିବା ଦେଖାଯାଇଛି । କିଛି ଦିନ ହେଲାଣି ପୁରୀ ସମୁଦ୍ର ଅଶାନ୍ତ ହେବା ସହ କ୍ଷୀପ୍ର ଗତିରେ ଲହଡ଼ି ଆସୁଥିବା ଦେଖିବାକୁ ମିଳୁଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତି ହୋଟେଲରେ ଏ ସମ୍ପର୍କରେ ସୂଚନା ବୋର୍ଡ଼ ଲଗାଇବା ପାଇଁ ଦାବି ହେଉଛି । ଅଧିକ ସଂଖ୍ୟକ ଲାଇଫଗାର୍ଡ଼ ନିଯୁକ୍ତି କରାଯିବ ପାଇଁ ଦାବି ହେଉଛି । ଦିଗବାରେଣି ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସମୁଦ୍ରରେ ସ୍ନାନ କରିବା ପାଇଁ ଅନୁମତି ଥିବା ବେଳେ ଷ୍ଟର୍ଲିନ ଠାରୁ ସଂସ୍କୃତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୮ କିଲୋମିଟର ବେଳାଭୂମିର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକ ସମୁଦ୍ର ସ୍ନାନ କରୁଥିବା ଦେଖିବାକୁ ମିଳୁଛି ।

# ଫଟୋଗ୍ରାଫର୍ ଅମିତାଂଶୁଙ୍କ ଅକାଳ ବିୟୋଗ

ନୀଳଗିରି , ୨୯/୦୭ (ନି.ପ୍ର): ଦିନେ ସୋସିଆଲ ମିଡ଼ିଆ ସାହାଯ୍ୟରେ ସାରା ଓଡିଶା ସମେତ ଭାରତ ଏପରିକି ବିଶ୍ୱରେ ମଧ ନାମରଖି ଚର୍ଚ୍ଚାର ପରିସରକୁ ଆସିଥିଲେ ଯୁବ ଫୋଟଗ୍ରାଫର୍ ଅମିତାଂଶୁ ବେହେରା। ମାତ୍ର ଅଳ୍ପଦିନର ଆୟୁଷ ମଧରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ମାତ୍ର ବିଧିର ବିଡମ୍ବନା ଯେଉଁ ଫଟୋ ପାଇଁ ସେ ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ସମ୍ମାନୀତ ହୋଇଥିଲେ ସେହି ଫଟୋ ଶେଷରେ ଜୀବନ ନେଇଛି। ସୂଚନା ଅନୁଯାଇ ନୀଳଗିରି ବ୍ଲକ ଅନ୍ତର୍ଗତ ଗରଡିହି ପଞ୍ଚାୟତ ବାଙ୍କିସକ୍ଷହି ଗ୍ରାମର ଭାସ୍କର ବେହେରା ଓ ମାତା ସେବତୀ ବେହେରାଙ୍କ ପୁଅ ଅମୀତାଂଶୁ ପିଲାବେଳୁ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୋଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫଟୋ ଉଠାଇବାକୁ ଭଲପାଇଥାନ୍ତି। ପରେ ପରେ ଯୁବାବସ୍ଥାରେ ବିଭିନ୍ନ ଫଟୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଆସୁଥିଲେ। ଏପରିକି ଗତବର୍ଷ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଫୋଟଗ୍ରାଫିରେ ତାଙ୍କୁ ପୁରସ୍କୃତ ହୋଇଥିଲେ। ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟାଥାନା ଅଧୀନସ୍ଥ ଟୁଙ୍କି ଜଳପ୍ରପାତକୁ ସାଙ୍ଗମାନଙ୍କ ସହ ବୁଲିବାପାଇଁ ଯାଇଥିବା ବେଳେ ଅସାବଧାନା ଯୋଗୁଁ ପାଣିରେ ବୁଡ଼ିଯିବା ଫଳରେ ମୃତ୍ୟୁ ହୋଇଛି। ତେବେ ତାଙ୍କ ମୃତ୍ୟୁରେ ନୀଳଗିରି ସମେତ ସାରା ରାଜ୍ୟରେ ଜଣେ ଯୁବ ଫୋଟୋଗ୍ରାଫର ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କ ମୃତ ଶରୀରକୁ ଉଦଳା ମେଡିକାଲ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିବକ୍ଷ ବେଳେ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ଗଞ୍ଜାମ ଜିଲାରେ ନକଲି ଡାକ୍ତରଙ୍କ ଦୌରାତ୍ମ୍ୟ

ଗଞ୍ଜାମ, ୨୯/୦୭ (ନି.ପ୍ର): ଗଞ୍ଜାମ ଜିଲାରେ ନକଲି ଡାକ୍ତରଙ୍କ ଦୌରାତ୍ମ୍ୟ କହିଲେ ନସରେ। ଜିଲ୍ଲାର ପ୍ରାୟ ସମସ୍ତ ପୁରପଲ୍ଲୀରେ ନକଲି ଡାକ୍ତର ଛାଇ ହୋଇ ରହିଛନ୍ତି । ଏମାନେ କୌଣସି ଡାକ୍ତରୀ ପାଠ ନପଢି ରୋଗୀଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ଶେରଗଡ ବ୍ଲକ ନରେନ୍ଦ୍ରପୁର ପଂଚାୟତର ପିତଳ ଛକରେ ଏମିତି ଜଣେ ନକଲି ଡାକ୍ତର ଚିକିତ୍ସା ଆଳରେ ରୋଗୀକଂ ଠାରୁ ହଜାର ହଜାର ଟଙ୍କା ଲୁଟୁଛନ୍ତି। ବିନା ଲାଇସେନସରେ ହଜାର ହଜାର ଟଂକାର ନକଲି ଓ ଭେଜାଲ ଔଷଧ ନିଜ କ୍ଲିନିକରେ ରଖି ଚଢା ଦରରେ ବିକ୍ରି ହେଉଛି।

# ଚରମ୍ପା ବରିଷ୍ଠ ନାଗରିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ଓ କାଲାମଙ୍କ ପୁଣ୍ୟତିଥି ପାଳିତ




ଭଦ୍ରକ, ୨୯/୦୭ (ନି.ପ୍ର): ଚରମ୍ପା ବରିଷ୍ଠ ନାଗରିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ଓ ଏ.ପି.ଜେ. ଅବ୍‌ଦୁଲ କାଲାମଙ୍କ ପୂଣ୍ୟତିଥି ସ୍କୁଲରୋଡ଼ ପୂଜା ମଣ୍ଡପ ଠାରେ ପାଳନ କରାଯାଇଥିଲା। ସଭାପତି ଗଗନ ବିହାରୀ ରାଉତ ଏଥିରେ ପୌରୋହିତ୍ୟ କରିଥିଲେ। ଯବାନ ମାନେ ଦେଶମାତୃକାର ସେବା ପାଇଁ ନିଜକୁ ବଳିଦାନ ଦେଉଥିବା ବେଳେ ସେମାନଙ୍କ ତ୍ୟାଗ ଓ ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସହିଦ୍ ଯବାନମାନଙ୍କ ଉଦ୍ଦେଶ୍ୟରେ ସମସ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ସଦସ୍ୟା ସ୍ୱର୍ଗତା କୁନ୍ତଳା ସାହୁ ଏବଂ ସ୍ୱର୍ଗତ ଦୁର୍ଯ୍ୟୋଧନ ମଲ୍ଲିକଙ୍କ ଦେହାନ୍ତ ଜନିତ ଶୋକ ପ୍ରସ୍ତାବ ଆଗତ କରାଯାଇ ତାଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସଂଘର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ସଂଘ ପାଇଁ ସରକାରୀ ଗୃହ ପ୍ରଦାନ କିମ୍ବା ବୈଠକ ନିମନ୍ତେ ଏରେଇଁ ପଞ୍ଚାୟତର କଲ୍ୟାଣ ମଣ୍ଡପ କିମ୍ବା ରାଜୀବ ସେବା କେନ୍ଦ୍ର ଗୃହ ଯୋଗାଇ ଦେବାକୁ ଏରେଇଁ ପଞ୍ଚାୟତର ସରପଞ୍ଚ ଏବଂ ଭଦ୍ରକ ବିଡିଓଙ୍କୁ ଅନୁରୋଧ କରିବାକୁ ନିଷ୍ପତି ନିଆ ଯାଇଥିଲା। ଏରେଇଁ ପଞ୍ଚାୟତରେ ଥିବା ସରକାରୀ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ ଏବଂ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ ପରିସରରେ ଜମି ରହୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ସିଡିଏମ୍‌ଓ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ବରିଷ୍ଠ ନାଗରିକ ମାନଙ୍କ କାର୍ଯ୍ୟାଳୟ ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଭଦ୍ରକ ତହସିଲଦାର ଜମି ଯୋଗାଇ ଦେଲେ ଗୃହ ନିର୍ମାଣ ପାଇଁ ସାଂସଦ ଏବଂ ଭଦ୍ରକ ବିଧାୟକ ଅର୍ଥ ଦେବେ ବୋଲି ଦେଇଥିବା ପ୍ରତିଶୃତି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଜମି ଯୋଗାଣ ନିମନ୍ତେ ବାରମ୍ବାର ଦୀର୍ଘ ୩ବର୍ଷ ଧରି ଅନୁରୋଧ କରାଯାଇ ଆସୁଥିଲେ ବି କେବଳ ପ୍ରଶାସନିକ ପ୍ରତିଶୃତି ମିଳିଛି, ଏ ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହିତ ଏଥିରେ ସାଂସଦ ଏବଂ ବିଧାୟକଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା।

# ଉଦଳାରେ ହସ୍ତଶିଳ୍ପ ପ୍ରଦର୍ଶନୀ




ଉଦଳା , ୨୯/୦୭ (ନି.ପ୍ର): ଉଦଳା ସହରର ହାଇସ୍କୁଲ ଛକ ନିକଟ ଅତୁଲ ପଡ଼ିଆ ଠାରେ ହସ୍ତ ଶିଳ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହି ପ୍ରଦର୍ଶନୀକୁ ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ବଣିକ ସଂଘର ପୁର୍ବତନ ସଭାପତି ସୋମନାଥ ସାହୁ ନଡ଼ିଆ ଫଟାଇ ଫିତା କାଟି ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରୋଜ ସାମଲ, ସନ୍ତୋଷ ବାଛିନୀ, ସୌମେନ୍ଦ୍ର କୁମାର ଦାସ, ଦୀପକ ପାଣିଗ୍ରାହୀ, ଆଶିଷ ମଲିକ, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପ୍ରଦର୍ଶନୀର ଆୟୋଜକ ବିଜନ ନାୟକ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହସ୍ତ ଶିଳ୍ପର ମେଢ଼ ସ୍ଥାନୀୟ କଳାକାର ମାନଙ୍କୁ କିପରି ପ୍ରଭାବିତ କରୁଛି ବ୍ୟକ୍ତ କରିବା ସହ ଏହି ପ୍ରଦର୍ଶନୀରେ ଗୃହ ଉପକରଣ ସାମଗ୍ରୀ ଠାରୁ ମିନାବଜାର ପର୍ଯ୍ୟନ୍ତ ସବୁକିଛି ଉପଲବ୍ଧ ହେଉଛି ବୋଲି ଜଣାଇଥିଲେ ।

# ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଦ୍ୱାରା ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ




ବସ୍ତା/ଲଙ୍ଗଳେଶ୍ୱର, ୨୯/୦୭ (ନି.ପ୍ର): ବସ୍ତାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଓ ପଥପ୍ରାନ୍ତ ସଭାର ଆୟୋଜନ ହୋଇଯାଇ ଅଛି । ଏହି ଅବସରରେ ଏକ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ମାନେ ମଥାନି ଛକ ଠାରୁ ବସ୍ତା ଡାକବଙ୍ଗଳା ପର୍ଯ୍ୟନ୍ତ ଏକ ଜନ ସଚେତନତା ଶୋଭାଯାତ୍ରାରେ ବାହାରି ଏକ ପଥପ୍ରାନ୍ତ ସଭାରେ ସଚେତନ ତାର ବାର୍ତ୍ତା ଯଣାଇଥିଲେ । ଅନୁଷ୍ଠାନର ସଭାପତି ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ବିଶ୍ୱର ସଂରକ୍ଷଣ ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ ଓ ବିଶ୍ୱଜିତ୍ ମୁଦୁଲିଙ୍କ ତତ୍ତ୍ୱାବଧାନରେ ରାସ୍ତା ପାର୍ଶ୍ୱରେ ୩୦ ଟି ବିଭିନ୍ନ ପ୍ରଜାତିର ଚାରା ଲଗା ଯାଇ ଥିଲା । ଚାରାର ସୁରକ୍ଷାପାଇଁ ବାଡ ମଧ ଘେରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲୋକ ସ୍ୱାଇଁ, ମନ୍ମଥ ଦାସ, ଚଇତା ବେହେରା, ଅଚିନ୍ତ ବେହେରା, ପର୍ଶୁରାମ ପରିଡ଼ା, ଜୟନ୍ତ ସାମନ୍ତ, ପୁରୋତ୍ତମ ଦଣ୍ଡପାଟ, ଅଶୋକ ନାଏକ, ରୋନା, ଦେବାଶିଷ, ଅଂଶ ଗ୍ରହଣ କରିଥିଲେ।ମାର୍କଣ୍ଡ ପ୍ରଧାନ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

# ମିରିଗିଣୀ ଖଣ୍ଡିଆହୁଡ଼ି ପଥରଖାଦାନ ପଥର ଉତ୍ତୋଳନକୁ ନେଇ ଏନଜିଟି ନୋଟିସ୍

ନୀଳଗିରି, ୨୯/୦୭ (ନି.ପ୍ର): ନୀଳଗିରି କୁଳଡିହା ଅଭୟାରଣ୍ୟ ଅନ୍ତର୍ଗତ ମିରିଗିଣୀ ଖଣ୍ଡିଆହୁଡ଼ିରେ ପ୍ରଶାସନ ପଥର ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ କରିଛି ଏନଜିଟି। ଏନେଇ ପରିବେଶ ମନ୍ତ୍ରାଳୟ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ସହ ବାଲେଶ୍ୱର ଜିଲ୍ଲାପାଳ ଏବଂ ନୀଳଗିରି ତହସିଲଦାରଙ୍କୁ ମଧ ପକ୍ଷଭୁକ୍ତ କରାଯାଇଛି। ତେବେ ପୂର୍ବରୁ ରହିତାଦେଶ ଥିବାବେଳେ କିପରି ଅନୁମତି ଦିଆଗଲା ସେନେଇ ନୋଟିସ ଜାରି କରିଛି ଏନଜିଟି। ପଥରଖାଦାନ ଟି ଅଭୟାରଣ୍ୟ ଅନ୍ତର୍ଗତ ଥିବାରୁ କିପରି ଅନୁମତି ଦିଆଗଲା ସେନେଇ ୪ସପ୍ତାହ ମଧରେ ଉତ୍ତର ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି।



# ପୂର୍ତ୍ତବିଭାଗର ଅବସରପ୍ରାପ୍ତ କର୍ମଚାରୀମାନେ ଆମରଣ ଅନଶନ ସ୍ଥଗିତ ରଖିବାକୁ ବୈଠକ



ବାଲେଶ୍ୱର, ୨୯/୦୭ (ନି.ପ୍ର): ରାଜ୍ୟ ସରକାରଙ୍କର ପୂର୍ତ୍ତବିଭାଗ-୧ ଅଧିନରେ ଦୀର୍ଘବର୍ଷ କାର୍ଯ୍ୟ କରି ଚାକିରିରୁ ଗତ ୪/୫ ବର୍ଷ ତଳେ ଅବସର ନେଇଥିବା କେତେକ କର୍ମଚାରୀଙ୍କୁ ସେମାନଙ୍କର ଆଇନଗତ ପେନସନ୍ ଭବିଷ୍ୟନିଧି ପାଣ୍ଠିରୁମିଳିନାହିଁ। ଡିଭିଜନ୍-୧ର କର୍ତ୍ତୃପକ୍ଷ ଭବିଷ୍ୟନିଧି କମିଶନରଙ୍କୁ ଏହି କର୍ମଚାରୀମାନଙ୍କ ସଠିକ୍ ନିଯୁକ୍ତି ତାରିଖ, ମାସିକ ବେତନ ପ୍ରଭୃତି ଆବଶ୍ୟକୀୟ ତଥ୍ୟ ଦେଉନଥିବାରୁ ଏହି କର୍ମଚାରୀମାନେ ସେମାନଙ୍କର ଆଇନଗତ ପେନସନ୍ ଓ ଭବିଷ୍ୟନିଧି ପାଣ୍ଠିରେ ଥିବା ଟଙ୍କା ଫେରିପାଇ ପାରୁନାହାନ୍ତି। ଏହି କର୍ମଚାରୀମାନଙ୍କୁ ମଧ ସେମାନଙ୍କ ଗ୍ରାଚ୍ୟୁଇଟି ବାବଦକୁ ଅର୍ଥ ପ୍ରଦାନ କରାଯାଉନାହିଁ। ତେଣୁ ଏହି ବୟସ୍କ କର୍ମଚାରୀ ତଥା ବରିଷ୍ଠ ନାଗରିକମାନେ ମାର୍ଚ୍ଚ ମାସରେ ଓ ୨ୟଥର ପାଇଁ ମଇ ମାସରେ ଦୀର୍ଘଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଡିଭିଜନ୍-୧ ଅଫିସ୍ ପରିସରରେ ପ୍ରାୟ ଦୁଇମାସ ଧରି ଗଣଧାରଣାରେ ବସିଥିଲେ। କିନ୍ତୁ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଏମାନଙ୍କ ଦାବି କିମ୍ବା ଭବିଷ୍ୟନିଧି କମିଶନରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି। ବାଲେଶ୍ୱରର କେତେକ ବରିଷ୍ଠ ଶ୍ରମିକନେତା ଓ ସାମାଜିକ ସଂଗଠନ କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ କର୍ମଚାରୀମାନେ ଗଣଧାରଣାରୁ ନିବୃତ୍ତ ହୋଇଥିଲେ। ପୁନଶ୍ଚ ସେମାନଙ୍କର ଦାବିପୂରଣ ପାଇଁ ଆସନ୍ତା ଅଗଷ୍ଟ ପ୍ରଥମ ସପ୍ତାହରୁ ଏହି ବରିଷ୍ଠ ନାଗରିକମାନେ ଆମରଣ ଅନଶନରେ ବସିବା ପାଇଁ ନୋଟିସ୍ ଦେଇଛନ୍ତି। ଶନିବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ଉଠାଜଳ ସେଚନ କର୍ମଚାରୀ ସଂଘ ଗୃହରେ ଏହି ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ଆହ୍ୱାନ କରି ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋର୍ଡ଼ିନେସନ୍ କମିଟି (ଟିୟୁଏସିସି)ର ଅଧକ୍ଷ ତଥା ବିଧାୟକ ପ୍ରଦୀପ୍ତ ପଣ୍ଡା, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଇପିଏଫ୍ ପେନସନର୍ସ ଆସୋସିଏସନ୍ ଜିଲ୍ଲା ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି ଓ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୀତାରାମ ପ୍ରଧାନ, ଏଆଇଟିୟୁସିର କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ ଓ ଆଇନଜୀବୀ ପଦ୍ମଲୋଚନ ପତି ପ୍ରମୁଖ ପ୍ରସ୍ତାବିତ ଆମରଣ ଅନଶନରୁ ନିବୃତ୍ତ ହୋଇ ଅନ୍ୟାନ୍ୟ ଗଣତାନ୍ତ୍ରିକ ଧାରାରେ ଆନ୍ଦୋଳନ ଓ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଦୀର୍ଘ ଆଲୋଚନା ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନେତ୍ରୀ ସୁଧାଂଶୁବାଳା ମହାପାତ୍ର ଓ ରାମଚନ୍ଦ୍ର ଜେନା ପ୍ରମୁଖ ପ୍ରସ୍ତାବିତ ଆମରଣ ଅନଶନକୁ ସାମୟିକଭାବେ ସ୍ଥଗିତ ରଖିବାକୁ ସହମତି ପ୍ରକାଶ କରିଛନ୍ତି। ତୁରନ୍ତ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କ ଆଇନଗତ ପ୍ରାପ୍ୟ ପାଇବାରେ ସହାୟତା ପ୍ରଦାନ କରିବେ ବୋଲି ଉପସ୍ଥିତମାନେ ଆଶା କରିଛନ୍ତି। ନଚେତ୍ ବାଲେଶ୍ୱରର ସମସ୍ତ ଶ୍ରମିକ କର୍ମଚାରୀ ଓ ସାମାଜିକ ସଂଗଠନମାନେ ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ଦାବି ଏବଂ ଆନ୍ଦୋଳନକୁ ସମର୍ଥନ ଜଣାଇ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି।

# ଜୁଆ ଖେଳ ବେଳେ ପୋଲିସ ଚଢ଼ାଉ: ୧ ଗିରଫ

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବାଇପାସ ରୋଡ୍ ଭାସ୍କର ଟକିଜ୍ ପଛପଟେ କିଛି ଜୁଆଡି ଜୁଆ ଖେଳୁଥିବା ବେଳେ ଖବର ପାଇ ଟାଉନ ପୋଲିସ ଚଢାଉ କରି ଜଣକୁ ଗିରଫ କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଶନିବାର ଅପରାହ୍ନରେ ୫/୭ ଜଣ ଯୁବକ ଜୁଆ ଖେଳୁଥିବା ବେଳେ ଟାଉନ ପୋଲିସ ଚଢାଉ କରି ସେହି ଅଂଚଳର ସେକ ପାଂଚୁ ନାମକ ଜଣେ ଯୁବକଙ୍କୁ ଗିରଫ କରି ଟଙ୍କା ଓ ଜୁଆ ଖେଳ ସାମଗ୍ରୀ ଜବତ କରିଥିବା ବେଳେ ଅନ୍ୟ ଜୁଆଡି ମାନେ ଦୌଡି ପଳାଇ ଯାଇଥିବା ଜଣାପଡିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo